ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.189 Bhubaneswar Wednesday September 14 2022 | ୨୫ତମ ବର୍ଷ ସଂଖ୍ୟା-୧୮୯ ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୧୪, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ଆଦିବାସୀବହୁଳ ଜିଲ୍ଲାରେ ଶିଶୁମୃତ୍ୟୁ ହାର ବୃଦ୍ଧି; କାରଣ ଖୋଜିବେ ସରକାର



ଭୁବନେଶ୍ୱର୧୩।୯(ପି.ଏନ): କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନା କାର୍ଯ୍ୟକାରୀ ହେବା ସତ୍ତ୍ୱେ ଆଦିବାସୀ ବର୍ଗର ଶିଶୁଙ୍କ ମୃତ୍ୟୁହାର କାହିଁକି ବୃଦ୍ଧି ପାଉଛି, ତା'ର କାରଣ ଖୋଜିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଏଥିପାଇଁ ରାଜ୍ୟ ସରକାର ସ୍ୱାସ୍ଥ୍ୟ ବିଭାଗର ଉପଦେଷ୍ଟା ତଥା ଅବସରପ୍ରାପ୍ତ ଆଇଏଏସ୍ ପିକେ ପ୍ରଧାନଙ୍କୁ ଗତକାଲି ଦାୟିତ୍ୱ ନ୍ୟସ୍ତ କରିଛନ୍ତି । ସେ ଆଦିବାସୀବହୁଳ ୪-୫ଟି ଜିଲ୍ଲା ଗସ୍ତ କରି ସେଠାରେ ଆଦିବାସୀ ପିଲାମାନଙ୍କ ମଧ୍ୟରେ କେଉଁ କାରଣରୁ ମୃତ୍ୟୁହାର ବୃଦ୍ଧି ପାଉଛି ଓ ତା'ର ନିରାକରଣ କିଭଳି ହେବ ସେ ନେଇ ସରକାରଙ୍କୁ ଆବଶ୍ୟକ ପରାମର୍ଶ ଦେବେ ବୋଲି ଜଣାପଡିଛି ।ମିଳିଥିବା ସୂଚନା ଅନୁସାରେ, ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ?(ଏନଏଫଏଚ୍ଏସ-୫) ତଥ୍ୟ ଆଧାରରେ ଓଡିଶାରେ ଆଦିବାସୀ ବର୍ଗର ଶିଶୁଙ୍କ ମୃତ୍ୟୁହାର ବୃଦ୍ଧି ପାଇବାରେ ଲାଗିଛି । ୫ବର୍ଷରୁ କମ୍ ବୟସର ଆଦିବାସୀ ବର୍ଗର ଶିଶୁଙ୍କ ମୃତ୍ୟୁହାର ୨୦୧୫-୧୬ରେ ପ୍ରତି ୧ହଜାରରେ ୬୫.୬% ଥିବାବେଳେ ୨୦୨୧ରେ ଏହି ପରିମାଣ ୬୬.୨%କୁ ବୃଦ୍ଧି ପାଇଛି । ଯଦିଓ ଜାତୀୟସ୍ତରରେ ଆଦିବାସୀ ବର୍ଗର ପିଲାଙ୍କ ମୃତ୍ୟୁ ହାର ୪୧.୬%କୁ ହ୍ରାସ ପାଇଛି । ତେବେ କେଉଁ କାରଣରୁ ରାଜ୍ୟରେ ଆଦିବାସୀ ବର୍ଗର ନବଜାତ ଓ ଶିଶୁଙ୍କ ମୃତ୍ୟୁହାର ବୃଦ୍ଧି ପାଉଛି ଓ କାର୍ଯ୍ୟକାରୀ ହେଉଥିବା ଯୋଜନାରେ କ'ଣ ସବୁ ତ୍ରୁଟି ରହିଛି ତାହାର ଆକଳନ କରିବା ସହ ଏହି ଶିଶୁ ମୃତ୍ୟୁହାର ହ୍ରାସ ନିମନ୍ତେ ଆବଶ୍ୟକ ପରାମର୍ଶ ସରକାରଙ୍କୁ ଦେବାକୁ ସ୍ୱାସ୍ଥ୍ୟ ବିଭାଗର ଉପଦେଷ୍ଟା ଶ୍ରୀ ପ୍ରଧାନଙ୍କୁ କୁହାଯାଇଛି । ଏହି ସର୍ଭେ ? ଓ ଆକଳନ ନିମନ୍ତେ ସମସ୍ତ ପ୍ରକାରର ସହଯୋଗ ଜାତୀୟ ସ୍ୱାସ୍ଥ୍ୟ ମିଶନ ଓ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ ଯୋଗାଇ ଦେବେ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ପ୍ରମୁଖ ସଚିବ ନିକୁଞ୍ଜ ଧଳ ଗତକାଲି ଏନେଇ ଶ୍ରୀ ପ୍ରଧାନଙ୍କୁ ଚିଠି ଲେଖି ଅବଗତ କରିଛନ୍ତି ।ସୂଚନାଯୋଗ୍ୟ, ଏନଏଫଏଚ୍ଏସ-୫ ଅନୁସାରେ ରାଜ୍ୟରେ କେବଳ ଶିଶୁ ନୁହଁନ୍ତି ବରଂ ମହିଳାଙ୍କ ମଧ୍ୟରେ ରକ୍ତହୀନତା ପରିମାଣ ଅଧିକ ଭାବେ ବୃଦ୍ଧି ପାଇଛି । ମହିଳାଙ୍କ ମଧ୍ୟରେ ରକ୍ତହୀନତାର ଜାତୀୟ ହାର ୫୨.୨%(୨୦୧୯-୨୦ ମସିହା) ରହିଥିବାବେଳେ ଓଡିଶାରେ ଏହି ପରିମାଣ ୪୭.୬%ରୁ ୬୧.୮%କୁ ବୃଦ୍ଧି ପାଇଛି । ଯାହାକି ରାଜ୍ୟରେ ଉଚ୍ଚ ମାତୃ ମୃତ୍ୟୁହାରର ଆଶଙ୍କାକୁ ବୃଦ୍ଧି କରିଛି ।ଯଦିଓ ୫ବର୍ଷରୁ କମ୍ ଶିଶୁ ମୃତ୍ୟୁ ହାର ହ୍ରାସରେ ଓଡିଶାର ପ୍ରଦର୍ଶନ ବେଶ୍ ଭଲ ରହିଛି କିନ୍ତୁ ଆଦିବାସୀବର୍ଗର ଶିଶୁଙ୍କ ମଧ୍ୟରେ ମୃତ୍ୟୁ ହାର ଓଡିଶା ପାଇଁ ଚିନ୍ତାଜନକ ପାଲଟିଛି । ରାଜ୍ୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଗତ ବିଧାନସଭା ଅଧିବେଶନରେ ଏକ ପ୍ରଶ୍ନ ଲିଖିତ ଉତ୍ତରରେ ସ୍ୱୀକାର କରିଥିଲେ ଯେ ୨୦୧୬-୧୭ରୁ ୨୦୨୧-୨୨ ମସିହା ମଧ୍ୟରେ ୫ବର୍ଷରୁ କମ୍ ୯୨୯୨୪ଜଣ ଶିଶୁଙ୍କ ମୃତ୍ୟୁ ହୋଇଥିବାବେଳେ ୨୦୨୧-୨୨ରେ କେବଳ ୧୪୨୨୮ଜଣ ଶିଶୁ (୫ବର୍ଷରୁ କମ)ଙ୍କ ମୃତ୍ୟୁ ହୋଇଛି ।

## ନକଲି ଔଷଧ କାରବାର ମାମଲା : ଜେଲ୍ ଗଲେ ୨ ଡିଲର୍

ଭୁବନେଶ୍ୱର, ୧୩।୯(ପି.ଏନ): କଟକରେ ନକଲି ଔଷଧ କାରବାର ମାମଲାରେ ଗିରଫ ଦୁଇ ଅଭିଯୁକ୍ତ ଜେଲ୍ ଯାଇଛନ୍ତି। ମଙ୍ଗଳବାର ଦିନ ଦୁଇ ଅଭିଯୁକ୍ତ ଭିଆର ଡ୍ରଗ୍ସର ମାଲିକ ରାହୁଲ କ୍ୟାଲ ଓ ପୂଜା ଏଂଟରପ୍ରାଇଜେସ୍ ମାଲିକ ସଞ୍ଜୟ ଜଲାନଙ୍କୁ କଟକ ଏସଡିଜେଏମ କୋର୍ଟରେ ହାଜର କରାଇଥିଲା କଟକ ପୁରୀଘାଟ ଥାନା ପୋଲିସ୍। ଉଭୟ ଜାମିନ ପାଇଁ ଆବେଦନ କରିଥିବା ବେଳେ କୋର୍ଟ ଏହାକୁ ଖାରଜ କରିଛନ୍ତି। ଏହାପରେ ଉଭୟଙ୍କୁ ୧୪ ଦିନ ବିଚାର ବିଭାଗୀୟ ହେପାଜତକୁ ପଠାଇ ଦିଆଯାଇଛି। ଜାମିନ ଆବେଦନ ଖାରଜ ପରେ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି ରାହୁଲ କ୍ୟାଲ ଓ ସଞ୍ଜୟ ଜଲାନଙ୍କ ଓକିଲ ପାର୍ଥ ସାରଥି ନାୟକ।ସୂଚନାଯୋଗ୍ୟ ଯେ ଡ୍ରଗ୍ସ କଂଟ୍ରୋଲରର ଚଢାଉ ବେଳେ କଟକରେ ବିପୁଳ ପରିମାଣର ନକଲି ଔଷଧ ବିକ୍ରି ହୋଇଥିବା ଜଣାପଡିଥିଲା। ଉଭୟ ରାହୁଲ ଓ ସଂଜୟଙ୍କ ନାଁରେ ଅଭିଯୋଗ ଆସିଥିଲା। ଗତକାଲି ସେମାନେ ଥାନାରେ ଆତ୍ମସମର୍ପଣ କରିବା ପରେ ପୋଲିସ୍ ସେମାନଙ୍କୁ ଗିରଫ କରିଥିଲା। କଟକ ଡିସିପି ପିନାକ ମିଶ୍ର କହିଛନ୍ତି, ଅଭିଯୁକ୍ତଙ୍କୁ ଜେରା ପରେ ଆମେ ଗିରଫ କରିଛୁ। ଜେରା ବେଳେ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି। ଏମାନେ ବିହାର ଓ ବେଙ୍ଗାଲୁରରୁ ଏହି ନକଲି ଔଷଧ ଆଣୁଥିଲେ। ଏହି ତଥ୍ୟକୁ ନେଇ ଆମେ ଆଗକୁ ତଦନ୍ତ କରିବୁ। ଉଭୟ ଗିରଫ ଅଭିଯୁକ୍ତଙ୍କୁ ଆମେ ରିମାଣ୍ଡରେ ଆଣିବୁ ।ରାଜ୍ୟ ବାହାରକୁ ମଧ୍ୟ ପୋଲିସ ଟିମ ଯାଇ ତଦନ୍ତ କରିବ। ଏମାନଙ୍କଠାରୁ ଯେଉଁମାନେ ଔଷଧ ନେଉଥିଲେ ସେମାନେ ବି ତଦନ୍ତ ପରିସରଭୁକ୍ତ ହେବେ।

## ପୋଲିସର ରାତିଅଧିଆ ଚଢ଼ଉ ଓ ମିଥ୍ୟା ମାମଲାରେ ଫସାଉଥିବା ଅଭିଯୋଗ

ପାରଳାଖେମୁଣ୍ଡି, ୧୩।୯(ପି.ଏନ): ପୋଲିସର ରାତିଅଧିଆ ଚଢ଼ଉ ଓ ମିଥ୍ୟା ମାମଲାରେ ଫସାଉଥିବା ଅଭିଯୋଗ ଆଣିବା ସହ ଏହାର ପ୍ରତିବାଦରେ ଗଜପତି ଜିଲ୍ଲା ଅଡ଼ବା ଥାନାରେ ପଶି ପୋଲିସ ଉପରେ ଆକ୍ରମଣ ଏବଂ ସେଠାରେ ବ୍ୟାପକ ଭଙ୍ଗାରୁଜା କରିଛନ୍ତି ଉତ୍ତେଜିତ ଲୋକେ । ଅଡ଼ବା ଥାନା ପୋଲିସ ଗତକାଲି ଝରଣପୁର ଗାଁରେ ରାତି ଅଧିଆ ଚଢ଼ଉ କରିଥିଲା। ସେଠାରୁ ପୁଲିସ ବିଶ୍ୱନାଥ ଭୂୟାଁ ନାମକ ବ୍ୟକ୍ତିଙ୍କୁ ଉଠାଇ ଆଣିଥିଲା। ବିଶ୍ୱନାଥଙ୍କୁ ଗଞ୍ଜେଇ ଚାଲାଣ ମାମଲାରେ ଗିରଫ କରାଯାଇଥିବା ପୁଲିସ କହୁଥିବା ବେଳେ ଗ୍ରାମବାସୀ କିନ୍ତୁ ଏହାକୁ ମାନିବାକୁ ନାରାଜ। ତାଙ୍କୁ ମିଥ୍ୟା ଅଭିଯୋଗରେ ଫସାଇ ଦିଆଯାଉଥିବା କହିଛନ୍ତି ଗ୍ରାମବାସୀ। ତେଣୁ ତୁରନ୍ତ ତାଙ୍କୁ ଥାନାରୁ ମୁକୁଳାଇବାକୁ ଦାବି କରି ଆଜି ସକାଳ ପ୍ରାୟ ୯ଟାରେ ଶତାଧିକ ଗ୍ରାମବାସୀ ଥାନା ସମ୍ମୁଖରେ ପହଂଚି ଧାରଣାରେ ବସିଥିଲେ। ମାତ୍ର କିଛି ସମୟ ପରେ ପୋଲିସ ସହ ବଚସା ହେବାରୁ ଉତକ୍ଷିପ୍ତ ହୋଇଉଠିଥିଲେ ଆନ୍ଦୋଳନକାରୀ । ଶତାଧିକ ସଂଖ୍ୟାରେ ଆନ୍ଦୋଳନକାରୀ ଥାନା ଭିତରକୁ ଧସେଇ ପଶିଥିଲେ। ଗୋଡ଼ାଇ ଗୋଡ଼ାଇ ପୋଲିସ କର୍ମୀଙ୍କୁ ପିଟିଥିଲେ, ଆସବାବପତ୍ର ଭଙ୍ଗାରୁଜା କରିଥିଲେ । ଆଦିବାସୀଙ୍କ ଆକ୍ରମଣରେ ପ୍ରାୟ ୮ ଜଣ ପୁଲିସ କର୍ମଚାରୀ ଆହତ ହୋଇଥିବା ଜଣାଯାଇଛି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ମୋହନା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଖବର ପାଇ ମୋହନା ବିଡିଓ, ଏସଡିପିଓ, ବ୍ଲକ ଚେୟାରମ୍ୟାନ ପ୍ରମୁଖ ଘଟଣାସ୍ଥଳରେ ପହଂଚିଛନ୍ତି । ଜନପ୍ରତିନିଧିଙ୍କ ଉପସ୍ଥିତିରେ ଏହାର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଉଦ୍ୟମ ଚାଲିଥିବା ଏସଡିପିଓ କହିଛନ୍ତି । ଅପରପକ୍ଷେ, ମିଥ୍ୟା ମାମଲାରେ ଫସାଇଥିବା ବିଶ୍ୱନାଥଙ୍କୁ ପୁଲିସ ତୁରନ୍ତ ଛାଡ଼ିବା ସହ ତାଙ୍କ ନାମରେ ଥିବା ମାମଲା ପ୍ରତ୍ୟାହାର ନ କଲେ ଥାନା ଭାଙ୍ଗିଦେବୁ ବୋଲି ଧମକ ଦେଇଛନ୍ତି ଆନ୍ଦୋଳନକାରୀ ।

## ଓଡ଼ିଶାର ଦୁଇଟି ଖଣି ସମେତ ୫ ରାଜ୍ୟରେ ନିଲାମ ହେଲା ୮ କୋଇଲା ଖଣି

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୧୩।୯ (ପି.ଏନ): ଓଡ଼ିଶାର ଦୁଇଟି ଖଣି ସମେତ ଦେଶର ୫ଟି ରାଜ୍ୟରେ ଥିବା ୮ଟି କୋଇଲା ଖଣି ନିଲାମ ହୋଇଛି। ଏସବୁ ଖଣି ନିଲାମ ପାଇଁ ମନୋନିତ କର୍ତ୍ତୃପକ୍ଷ କୋଇଲା ମନ୍ତ୍ରଣାଳୟ ପକ୍ଷରୁ ଆଜି ଇ-ନିଲାମୀ ମାଧ୍ୟମରେ ଏସବୁ ଖଣି ନିଲାମ କରାଯାଇଛି। ଓଡ଼ିଶାର ଦୁଇଟି ଖଣି ହେଲା- ରାମପିଆ ଏବଂ ରାମପିଆ ଡିପ୍ ସାଇଡ୍ କୋଇଲା ଖଣି । ଏହି ୮ଟି ମଧ୍ୟରୁ ୫ଟି ଖଣିରୁ ସମ୍ପୂର୍ଣ୍ଣ ଖଣିଜ ଦ୍ରବ୍ୟ ଉତୋଳନ କରାଯିବ ଏବଂ ତିନୋଟି ଖଣିରୁ ଆଂଶିକ ଭାବେ ଖଣିଜ ଉତୋଳନ କରାଯିବ। ଏହି ଆଠଟି ଖଣିରେ ମୋଟ୍ ୨୧୫୭.୪୮ ନିୟୁତ ଟନ କୋଇଲା ଗଚ୍ଛିତ ରହିଛି। ସେହିପରି ଏସବୁ ଖଣିର ସର୍ବାଧିକ ସଂଚୟୀ ହାର କ୍ଷମତା (ପିଆରସି) ବାର୍ଷିକ ୧୯.୩୧ ନିୟୁତ ଟନ (ଏମଟିପିଏ) ଥିବା ଜଣାଯାଇଛି।

## ପ୍ରଶିକ୍ଷଣ ସଂସ୍ଥାର ପୁନଃକଳ୍ପନା ଉପରେ ଆୟୋଜିତ ମାନସ ମନ୍ଥନ ଅଧିବେଶନରେ ସାମିଲ୍ ହେଲେ ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୩।୯(ପି.ଏନ) : କେନ୍ଦ୍ର ଶିକ୍ଷା ଏବଂ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ (ଏମଏସଡିଇ) ଅନ୍ତର୍ଗତ 'ରିଇମାଜିନେସନ ଅଫ୍ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ସ' (ପ୍ରଶିକ୍ଷଣ ସଂସ୍ଥାର ପୁନଃକଳ୍ପନା) ଉପରେ ଆୟୋଜିତ ମାନସ ମନ୍ଥନ ଅଧିବେଶନରେ ସାମିଲ୍ ହୋଇଛନ୍ତି। ଏହି ଅବସରରେ ଏମଏସଡିଇର ରାଷ୍ଟ୍ର ମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର, ଏମଏସଡିଇର ସଚିବ ରାଜେଶ ଅଗ୍ରୱାଲ ତଥା କାପାସିଟି ବିଲ୍ଡିଂ କମିଶନ, ପ୍ରଶିକ୍ଷଣ ମହାନିର୍ଦ୍ଦେଶାଳୟ (ଡିଜିଟି), ରାଷ୍ଟ୍ରୀୟ କୌଶଳ ପ୍ରଶିକ୍ଷଣ ସଂସ୍ଥାନ (ଏନଏସଟିଆଇ), ରାଷ୍ଟ୍ରୀୟ ଉଦ୍ୟମିତା ଏବଂ ଲଘୁ ବ୍ୟବସାୟ ବିକାଶ ସଂସ୍ଥାନ (ଏନଆଇଇଏସବିୟୁଡି) ତଥା ଦକ୍ଷତା ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଶ୍ରୀ ପ୍ରଧାନ ନିଜର ସମ୍ବୋଧନରେ କହିଲେ ଯେ ପ୍ରଯୁକ୍ତି ଦ୍ରୁତ ଗତିରେ ଆମର ଦୁନିଆଁକୁ ପରିବର୍ତ୍ତନ କରୁଛି। ଶିକ୍ଷା ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ପର୍ଯ୍ୟନ୍ତ, କୃଷି ଠାରୁ ଅର୍ଥ ପର୍ଯ୍ୟନ୍ତ ପ୍ରତି କ୍ଷେତ୍ରରେ ପ୍ରଯୁକ୍ତି ଅଭୂତପୂର୍ବ ବିକାଶର ସାକ୍ଷୀ ହେଉଛି। ସେ କହିଛନ୍ତି ଯେ ଏହାଦ୍ୱାରା ନୂଆ ଅବସର ଏବଂ ନୂଆ ଦକ୍ଷତା ସୁଯୋଗର ଆବଶ୍ୟକତା ସୃଷ୍ଟି ହେଉଛି। ଶ୍ରୀ ପ୍ରଧାନ ଜୋର ଦେଇ କହିଛନ୍ତି ଯେ ୨୧ଶ ଶତାବ୍ଦୀରେ ଏକ ଉତ୍କୃଷ୍ଟ ଶ୍ରମଶକ୍ତିର ବିକାଶ ପାଇଁ ପ୍ରଶିକ୍ଷକମାନଙ୍କ କ୍ଷମତା ବୃଦ୍ଧି କରିବା ବହୁତ ମହତ୍ତ୍ୱପୂର୍ଣ୍ଣ ଅଟେ। ସେ କହିଛନ୍ତି ଯେ ତାଲିମ୍ ସଂସ୍ଥାର ଦକ୍ଷତା ଇକୋ-ସିଷ୍ଟମକୁ ମଜବୁତ୍ କରିବା ପାଇଁ ବ୍ୟାପକ ଓ ଭବିଷ୍ୟତ ଉପଯୋଗୀ କୌଶଳ ପାଇଁ ଆମକୁ ଆହୁରି ଅଧିକ ଧ୍ୟାନ ଦେବାକୁ ହେବ। ଶ୍ରୀ ପ୍ରଧାନ କହିଛନ୍ତି ଯେ ଆମକୁ ଆଗାମୀ ତିନି ବର୍ଷରେ ୨୫ ଲକ୍ଷ ପ୍ରଶିକ୍ଷକଙ୍କୁ ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି। ଦକ୍ଷ ପ୍ରଶିକ୍ଷକଙ୍କୁ ପ୍ରସ୍ତୁତ କରିବାର ଆମର ସମସ୍ତ ପ୍ରଚେଷ୍ଟା ଏମଏସଡିଇ ଅନ୍ତର୍ଗତ ପ୍ରଶିକ୍ଷଣ ସଂସ୍ଥାରେ କେନ୍ଦ୍ରିତ ହେବ। ସେ କହିଛନ୍ତି ଯେ ଏହି ପ୍ରଶିକ୍ଷକମାନେ ଆଗାମୀ ପୀଢ଼ିର ଶ୍ରମଶକ୍ତିର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଭାରତକୁ ଦକ୍ଷତା କେନ୍ଦ୍ର ଭାବରେ ବିକଶିତ କରିବାର ପରିକଳ୍ପନା କରିଛନ୍ତି। ଶ୍ରୀ ପ୍ରଧାନ ଭାରତକୁ ବିଶ୍ୱର କୌଶଳ ରାଜଧାନୀ କରିବା ପାଇଁ ତଥା ଆମର କୌଶଳ ଇକୋ-ସିଷ୍ଟମକୁ ଉନ୍ନତ କରିବା ଦିଗରେ ଅଧିକ ସଂସ୍କାର, ସଂସ୍ଥାଗତ ପରିବର୍ତ୍ତନ, ନୂତନ ଚିନ୍ତାଧାରା, ଆନ୍ତର୍ଜାତୀୟ ସହଯୋଗ ଏବଂ ପ୍ରଯୁକ୍ତିର ବ୍ୟବହାର କରିବା ପାଇଁ ଆହ୍ୱାନ କରିଛନ୍ତି।

## ବିଜେଡିକୁ ପୁରୀ ସମୁଦ୍ର ଭିତରକୁ ପେଲିଦେବୁ




ପୁରୀ, ୧୩।୯(ପି.ଏନ): ବିଜେଡିକୁ ପୁରୀ ସମୁଦ୍ର ଭିତରକୁ ପେଲିଦେବୁ। ଆଜି ପୁରୀରେ ବିଜେପିର ୩ ଦିନିଆ ପ୍ରଶିକ୍ଷଣ ଶିବିରର ଉଦ୍?ଘାଟନୀ କାର୍ଯ୍ୟକ୍ରମ ପରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ ଏହା କହିଛନ୍ତି। ସେ କହିଛନ୍ତି, ଆମେ କେନ୍ଦ୍ରରେ ଆସିଗଲୁଣି। ଆଉଥରେ ମୋଦିଜୀ ମଧ୍ୟ ପ୍ରଧାନମନ୍ତ୍ରୀ ହେବେ। ତେଣୁ ଏବେ ଆମର ବଦଳା ନେବାର ସମୟ ଆସିଛି। ବିଚାରଧାରା ଆଧାରରେ ଆମେ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିଥିଲୁ। ବିଜେଡି ସହ ୯ ବର୍ଷ ଶାସନରେ ଥିଲୁ। ଆମେ ବିଜେଡି ସହ ମିଶି ମିଳିତ ସରକାର କରିଥିଲୁ। ସେମାନେ ବୁଡି ଯାଉଥିବା ବେଳେ ୧୯୯୭-୯୮ରେ ଶାସନରେ ବସାଇଥିଲୁ। ତାଙ୍କୁ ପୁଣି ଥରେ ପୁରୀ ସମୁଦ୍ରକୁ ପେଲି ଦେବୁ। ଶ୍ରୀଓରାମଙ୍କ ଏଭଳି ପ୍ରତିକ୍ରିୟା ଏବେ ରାଜନୈତିକ ମହଲରେ ଆଲୋଚନାର ବିଷୟ ହୋଇଛି। କାରଣ ୨୦୨୪ ନିର୍ବାଚନ ପାଇଁ ବିଜେପି ଏବେ ଫୁଲ୍ ଦମ୍‌ରେ ଥିବା ଦେଖାଯାଉଛି।ଶାହଙ୍କ ମିଶନ ୧୨୦ ପ୍ଲସ୍ ହାସଲ ପାଇଁ ବିଜେପି ଆରମ୍ଭ କରିଛି ଗ୍ରାଉଣ୍ଡ ୱାର୍କ। ଗତ ସପ୍ତାହରେ ଦଳର କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲଙ୍କ ଗୁରୁମନ୍ତ୍ର ପରେ ଆଜିଠୁ ପୁରୀରେ ଆରମ୍ଭ ହୋଇଛି ତିନି ଦିନିଆ ପ୍ରଶିକ୍ଷିଣ ଶିବିର। ପ୍ରଥମ ଦିନରେ ସମସ୍ତ ସାଂସଦ, ବିଧାୟକ, ପଦାଧିକାରୀ, କାର୍ଯ୍ୟକାରିଣୀ ସଦସ୍ୟଙ୍କ ସହ ସବୁ ଜିଲ୍ଲା ସଭାପତି, ପ୍ରଭାରୀ ଏବଂ ବିଭିନ୍ନ ମୋର୍ଚ୍ଚାର ପଦାଧିକାରୀ ଦଳକୁ ଜିତାଇବାକୁ ହେଲେ କରିବାକୁ ଥିବା କାମ ବିଷୟରେ ଶିକ୍ଷା ନେଇଛନ୍ତି।ସେମାନଙ୍କ କ୍ଲାସ୍ ନେଇଛନ୍ତି ପ୍ରଭାରୀ ଡି. ପୁରନ୍ଦେଶ୍ୱରୀ, ସଭାପତି ସମୀର ମହାନ୍ତି, ସାଂସଦ ପ୍ରତାପ ଷଡଙ୍ଗୀ ଓ ଜାତୀୟ ପ୍ରଶିକ୍ଷଣ ଇନଚାର୍ଜ ହେମନ୍ତ ଗୋସ୍ୱାମୀ। ସଂଗଠନ ସଜାଡିବାକୁ ଆରମ୍ଭ ହୋଇଛି ପ୍ରୟାସ। ସୋସିଆଲ ମିଡିଆ ଷ୍ଟ୍ରାଟେଜିକୁ ଗୁରୁତ୍ୱ ଦେଉଛି ଦଳ। କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାକୁ ତଳ ସ୍ତର ଲୋକଙ୍କ ପାଖରେ ପହଞ୍ଚାଇବା ସହ ସେମାନଙ୍କୁ ସଚେତନ କରିବାକୁ ପ୍ରତ୍ୟେକ କାର୍ଯ୍ୟକର୍ତ୍ତାଙ୍କୁ ଶିଖାଯାଉଛି କୌଶଳ। ଏହାସହ କାର୍ଯ୍ୟକର୍ତ୍ତା ଓ ନେତାଙ୍କ ମନରେ ଥିବା ଅନେକ ଦ୍ୱନ୍ଦ୍ୱକୁ ସାମ୍ନା କରିଛନ୍ତି କେନ୍ଦ୍ରୀୟ ନେତୃତ୍ୱ।ବୈଠକ ପରେ ରାଜ୍ୟ ବିଜେପି ପ୍ରଭାରୀ ଡି. ପୁରନ୍ଦେଶ୍ୱରୀ କହିଛନ୍ତି, ଏହି ପ୍ରଶିକ୍ଷଣ ଶିବିର ଆଗକୁ ଇତିହାସ ହୋଇଯିବ। ଏହି ଲକ୍ଷ୍ୟ ନେଇ ପ୍ରଶିକ୍ଷଣ ଦିଆଯାଇଛି ।ଆସନ୍ତାକାଲି କାର୍ଯ୍ୟକର୍ତ୍ତାଙ୍କୁ ସଂଗଠନର ପାଠ ପଢାଇବେ କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ। ୟୁପି ସଫଳତାର ଫର୍ମୁଲାରେ ଓଡ଼ିଶାରେ କେମିତି ମଜଭୁତ ହେବ ସଂଗଠନ ଓ ସଜାଡି ହେବ ବୁଥ୍ ? ସେ ନେଇ ରଣନୀତି ବତାଇବେ। ଆଉ ଟାକ୍ସ ବି ଦେବେ। ଶେଷ ଦିନ ଅର୍ଥାତ ୧୫ ତାରିଖରେ ମନ୍ତ୍ର ଦେବେ ଦଳର ସଂଗଠନ ମହାମନ୍ତ୍ରୀ ବି.ଏଲ୍. ସନ୍ତୋଷ। ତେବେ ବିଜେପିର ଏହି ପ୍ରଶିକ୍ଷିଣ ଶିବିର ରାଜ୍ୟ ରାଜନୀତିରେ କୌଣସି ପ୍ରଭାବ ପକାଇବନି କହିଛନ୍ତି ବିଜେଡି ଓ କଂଗ୍ରେସ ।ସେପଟେ ଆସନ୍ତା ୨୯ରେ ଓଡିଶା ଆସିବେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା। ତେଣୁ ଏଥିରୁ ସ୍ପଷ୍ଟ ହୋଇଛି ଯେ, ପ୍ରଶିକ୍ଷିଣ ଶିବିର ପରେ ୨୦୨୪ ନିର୍ବାଚନ ପ୍ରସ୍ତୁତିକୁ ଜୋରଦାର କରିବା ଚକ୍କରରେ ରହିଛି ବିଜେପି ।ବିଜେଡି ସାଂସଦ ମୁନା ଖାଁ କହିଛନ୍ତି, ଗତ ନିର୍ବାଚନରେ ମଧ୍ୟ ତାଙ୍କର ୧୨୦ ମିଶନ ଥିଲା। ଅନେକ ମନ୍ତ୍ରୀ ଆସିଥିଲେ, ପ୍ରଶିକ୍ଷଣ ଶିବିର ହୋଇଥିଲା। ହେଲେ ସ୍ୱପ୍ନ ଅଧୁରା ରହିଗଲା। ଆସନ୍ତା ନିର୍ବାଚନକୁ ବିଜେପି ନିଜର ସ୍ଥିତି ବଞ୍ଚାଇବା ମୁସକିଲ ହୋଇପଡିବ ।କଂଗ୍ରେସ ବିଧାୟକ ସୁରେଶ ରାଉତରାୟ କହିଛନ୍ତି, ବିଜେପିର ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ କିଛି କାମ କରିବନି।

## ଏୟାର ସୋ ପାଇଁ ପହଂଚିଲା ଏଏନ୍ -୩୨ ବିମାନ

ଭୁବନେଶ୍ୱର, ୧୩।୯(ପି.ଏନ): ୧୮ ତାରିଖରେ ପୁରୀଠାରେ ସୂର୍ଯ୍ୟକିରଣ ଏୟାର ସୋ' ପାଇଁ ବାୟୁସେନାର ଇଣ୍ଡକସନ୍ ଟିମ ନେଇ ଆସିଥିବା ଏଏନ୍ ୩୨ ବିମାନ ମଙ୍ଗଳବାର ଭୁବନେଶ୍ୱର ବିମାନ ବନ୍ଦରରେ ପହଂଚି ସାରିଛି । ପୁରୀରେ ସୂର୍ଯ୍ୟକିରଣ ସୋ'ରେ ଭାଗ ନେବାକୁ ଥିବା ୧୧ଟି ହକ୍ ବିମାନ କର୍ଣ୍ଣାଟକର ବିଦାରରୁ ଆସୁଛି। ଆଜି ସମସ୍ତ ବିମାନ ପହଂଚିବ। ଏୟାର ସୋ' ପାଇଁ ଯନ୍ତ୍ରାଂଶ ନେଇ ଆସୁଥିବା ସି୧୭ ଗ୍ଲୋବ ମାଷ୍ଟର ମଧ୍ୟ ଆଜି ପହଂଚିବ। ଆସନ୍ତାକାଲି ସୋ' ହେବାକୁ ଥିବା ସ୍ଥାନରେ ମ୍ୟାପିଂ କରିବ ଏୟାରଫୋର୍ସ। ଏୟାର ସୋ' ନେଇ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର (ବିପିଆଇଏ)ର ନିର୍ଦ୍ଦେଶକ କହିଛନ୍ତି ଯେ, ଭୁବନେଶ୍ୱରରେ ଚଳିତ ମାସ ୧୫ ତାରିଖରେ ଫୁଲ ଡ୍ରେସ ରିହରସଲ ହେବ। ଏହା ପରେ ୧୭ରେ ପୁରୀ ହେବ ଫୁଲ ଡ୍ରେସ ରିହରସଲ। ଭୁବନେଶ୍ୱର ଲାଗି ବର୍ତ୍ତମାନ ସୁଦ୍ଧା ଏୟାର ସୋ' ପାଇଁ ଅନୁମତି ମିଳିନି। ପୁରୀରେ ଏୟାର ଶୋ' ପାଇଁ ପୂର୍ବରୁ ଅନୁମତି ମିଳିଛି। ଭୁବନେଶ୍ୱର ଲାଗି ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟର ଅନୁମତିକୁ ଅପେକ୍ଷା କରାଯାଇଛି।

## ୨୯ ବର୍ଷ ଧରି ଚାକିରୀ କରି ଦରମା ନପାଇ ମାନସିକ ନିର୍ଯ୍ୟାତନାରେ ବାଇଧରଙ୍କ ମୃତ୍ୟୁ ଘଟଣା, ନ୍ୟାୟ ଦାବିରେ ବିଧବା ପତ୍ନୀ ଓ କନ୍ୟାଙ୍କ ଧାରଣା

ଭଦ୍ରକ, ୧୩।୯(ପି.ଏନ): ଏହି ଜିଲାର ବନ୍ତ ବ୍ଲକ୍ ଅଧୀନସ୍ଥ କାହ୍ନୁଚରଣ ବିଦ୍ୟାମନ୍ଦିର ସରକାରୀ ହାଇସ୍କୁଲରେ ଦୀର୍ଘ ୨୯ ବର୍ଷ ଧରି ଚାକିରୀ କରି କାଗଜପତ୍ର ଜନିତ ହେରଫେର ଯୋଗୁଁ ଦରମା ନପାଇ ସେହି ଚିନ୍ତାରେ ମୃତ୍ୟୁବରଣ କରିଥିବା ସ୍ଥାନୀୟ ସିଲନ୍ଦି ଗ୍ରାମନିବାସୀ ସ୍ୱର୍ଗତଃ ବାଇଧର ସେଠୀଙ୍କ ବିଧବା ପତ୍ନୀ ରମ୍ଭାମଣୀ ଓ ତାଙ୍କ କନ୍ୟା ସୁଶ୍ରୀ ଗୀତାଞ୍ଜଳି ବାଇଧରଙ୍କ ଚାକିରୀର ବୈଧ୍ୟତା କରାଯାଇ ସମସ୍ତ ବକେୟା ପାଉଣା ଦିଆଯିବା ଓ ପରିବାରର ଜଣକୁ ଚାକିରୀ ଦେବା ଦାବିରେ ଆଜି ଉଭୟ ମା' ଓ ଝିଅ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏ ସଂପର୍କରେ ରମ୍ଭାମଣୀ ପୂର୍ବରୁ ଜିଲା ଶିକ୍ଷା ମଣ୍ଡଳାଧୀଶ, ଜିଲାପାଳ, ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ନିର୍ଦ୍ଦେଶକ, ମାଧ୍ୟମିକ ସ୍କୁଲ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକ, କମିଶନର ପ୍ରମୁଖ ଶାସନ ସଚିବ, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇ କୌଣସି ସୁଫଳ ନପାଇବାରୁ ଆଜି ପୂର୍ବ ଘୋଷଣା ମତେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିରହିଛନ୍ତି। ରମ୍ଭାମଣୀଙ୍କ ଅଭିଯୋଗ ମୂଳେ ତାଙ୍କ ସ୍ୱାମୀ ଗତ ୧୯୮୬ ମସିହାରେ ଫାଷ୍ଟ ପିଅନ ଦପ୍ତରୀ ପୋଷ୍ଟରେ ଉକ୍ତ ବିଦ୍ୟାଳୟରେ ଚାକିରୀ କରୁଥିଲେ। ଏହି ହାଇସ୍କୁଲଟି ଗତ ୧୯୯୪ ମସିହାରେ ସରକାରୀ ସ୍ୱୀକୃତି ପ୍ରାପ୍ତ ହୋଇଥିଲା। ତାଙ୍କ ସ୍ୱାମୀ ବାଇଧର ନିଯୁକ୍ତି ପାଇବାର ୮ ବର୍ଷ ପରେ ବିଦ୍ୟାଳୟଟି ସରକାରୀ ଅନୁଦାନ ପାଇଥିଲା। ମାତ୍ର ବିଦ୍ୟାଳୟଟିର ସମସ୍ତ କର୍ମଚାରୀ ଦରମା ପାଇଥିବାବେଳେ ବାଇଧର ସେଥିରୁ ବଂଚିତ ରହିଥିଲେ। ଏ ସଂପର୍କରେ ଯା କରାଯିବାରୁ ତାଙ୍କୁ ପ୍ରଥମ ଦପ୍ତରୀ ପଦବୀରୁ ବହିଷ୍କୃତ କରି ଗଂଗାଧର ପାତ୍ର ନାମକ ଅନ୍ୟ ଜଣଙ୍କୁ ବେଆଇନ୍ ଭାବେ ନିଯୁକ୍ତି ଦିଆଯାଇ ପୂର୍ବ ୮ ବର୍ଷର ଦରମା ପୂର୍ବତନ ପ୍ରଧାନ ଶିକ୍ଷକ ଓ ଜିଲା ଶିକ୍ଷା ମଣ୍ଡଳାଧୀଶ ତାଙ୍କୁ ପ୍ରଦାନ କରିଥିଲେ। ଏ ସଂପର୍କରେ ବାଇଧର ପ୍ରଧାନ ଶିକ୍ଷକଙ୍କୁ ପଚାରିବାରେ ସଂପୃକ୍ତ ଶିକ୍ଷକ ହରିହର ସାହୁ ତାଙ୍କର ସାଳକ ତଥା ବିଦ୍ୟାଳୟର ନୂତନ ସଭାପତି ଅଶୋକ ସାହୁ, ସଂପାଦକ ନରହରି କର ଆକ୍ରୋଶ ମୂଳକ ଭାବେ ବାଇଧରଙ୍କୁ ବିଭିନ୍ନ ଅଶ୍ଳୀଳ ଭାଷା କହି ତୁମ୍ଭର ଚାକିରୀ ନାହିଁ ବୋଲି ସଫେଇ ଦେଇଥିଲେ। ଏ ସଂପର୍କରେ ବାଇଧର ପୂର୍ବତନ ସଭାପତି ଓ ସଂପାଦକଙ୍କୁ ସମସ୍ତ ବିଷୟ ଜଣାଇବା ପରେ କୌଣସି ଫଳ ହୋଇନଥିଲା। ପରେ ବିଭାଗୀୟ କାର୍ଯ୍ୟାଳୟରେ ଯା କରିବା ପରେ ସମସ୍ତ ବିଷୟ ଜଣାପଡିବାରୁ ସେ ଥାନାରେ କେଶ୍ କରିବେ ବୋଲି ଚେତାବନୀ ଦେଇଥିଲେ। ଫଳରେ ସଂପୃକ୍ତ ପ୍ରଧାନ ଶିକ୍ଷକ ଓ ନୂତନ ସଭାପତି ଓ ସଂପାଦକ ଶିକ୍ଷା ମଣ୍ଡଳୀର କେତେକ ସଂଘୀୟ କର୍ମକର୍ତ୍ତାଙ୍କ ଦ୍ୱାରା ପ୍ରାୟୋଜିତ ହୋଇ ହାଇକୋର୍ଟରେ କେଶ୍ କରିବା ପାଇଁ ସେମାନେ ଆଣିଥିବା ଓକିଲାତି ନାମା ଓ ୧୦ଟି ସାଧା କାଗଜରେ ଦସ୍ତଖତ କରିଥିଲେ। ଏଥିସହ କନ୍ୟାର ବିଭାଘର ନିମନ୍ତେ ରଖିଥିବା ୩୦ ହଜାର ଟଙ୍କା ପ୍ରଧାନ ଶିକ୍ଷକ କେଶ୍ ଖର୍ଚ୍ଚ ପାଇଁ ନେଇଥିଲେ। ମାତ୍ର ମାନ୍ୟବର ହାଇକୋର୍ଟରେ ଓଜେସି ନଂ ୨୩୬୩/୧୯୯୭ କେଶ୍ ଆଗତ ହୋଇଥିବାବେଳେ ଶିକ୍ଷା ମଣ୍ଡଳାଧୀଶର ସଂଘୀୟ କର୍ମକର୍ତା ଓ ପ୍ରଧାନ ଶିକ୍ଷକଙ୍କ ଚକ୍ରାନ୍ତରେ ବାଇଧର ନିଜ ପଦବୀରେ ଥାଇ ମଧ୍ୟ ଅନ୍ୟ କେତେକ ସ୍କୁଲରେ ଚତୁର୍ଥ ପିଅନ ଥିବା ବିଷୟ କାଗଜପତ୍ରରେ ଜାଲିଆତି ଭାବେ ଦରଜ ହୋଇଥିବା ବିଷୟ କୋର୍ଟ ନିର୍ଦ୍ଦେଶନାମାରୁ ଜାଣିବାକୁ ପାଇଥିଲେ। ଏହିଭଳି ଚଂଚକତାର ସମ୍ମୁଖୀନ ହୋଇ ବାଇଧର ୨୦୧୩ ମସିହାରେ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଜିଲାପାଳଙ୍କ ପର୍ଯ୍ୟନ୍ତ ଡାକଯୋଗେ ଜଣାଇ ନିରାଶ ହେବାମଧ୍ୟରେ ମାନସିକ ଓ ଆର୍ଥିକ ନିର୍ଯ୍ୟାତନା ଯୋଗୁଁ ୨୦୧୪ ମସିହାରେ ମୃତ୍ୟୁବରଣ କରିଥିଲେ। ଏବେ ବାଇଧରଙ୍କର ୪ ଟି ଝିଅ ଓ ୨ଟି ପୁଅଙ୍କୁ ଧରି ତାଙ୍କ ବିଧବା ପତ୍ନୀ ବହୁ ଅଭାବ ଅନାଟନ ଭିତରେ ଚଳିଆସୁଛନ୍ତି। ଏ ସଂପର୍କରେ ସେ ସବୁଆଡୁ ନିରାଶ ହେବା ପରେ ପୁଲିସ୍ ଦ୍ୱାରା କେଶ୍‌ରୁ ଓହରିଯିବାର ଧମକ ପାଇ ଭୟଭୀତ ହୋଇଥିଲେ। ଏବଂ ଏ ସଂପର୍କରେ ତତ୍କାଳୀନ ବନ୍ତ ଥାନାଧିକାରୀଙ୍କ ବିରୁଦ୍ଧରେ ଏସ୍‌ପିଙ୍କୁ ଜଣାଇଥିଲେ। ଯେଉଁଥିରେ ସ୍ୱାମୀଙ୍କର ଚାକିରୀ ସମ୍ବନ୍ଧୀୟ ପ୍ରମାଣପତ୍ର ହଜିବା ନେଇ ସଂପୃକ୍ତ ଥାନାଧିକାରୀ ଓ ପ୍ରଧାନ ଶିକ୍ଷକଙ୍କୁ ଦାୟୀ କରିଥିଲେ। ତେବେ ଏପର୍ଯ୍ୟନ୍ତ ସେ ନ୍ୟାୟ ନପାଇବାରୁ ବାଧ୍ୟହୋଇ ଆଜି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଥିବାବେଳେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଜିଲା ଶିକ୍ଷାଧିକାରୀଙ୍କୁ ଡକାଇଥିଲେ ମଧ୍ୟ ସେ ଅସୁସ୍ଥ ଥିବାର ଦର୍ଶାଇ ଧାରଣାସ୍ଥଳକୁ ନଆସିବା ଫଳରେ ମା' ଓ ଝିଅଙ୍କ ଧାରଣା ଜାରି ରହିଥିବାର ଜଣାପଡିଛି।

## ମୁମ୍ବାଇରେ ୧୫ଟି କମ୍ପାନୀର ପ୍ରତିନିଧିଙ୍କ ସହ ଆଲୋଚନା କଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର, ୧୩।୯(ପି.ଏନ): ଆଗାମୀ ନଭେମ୍ବର ୩୦ରୁ ଡିସେମ୍ବର ୪ ତାରିଖ ଯାଏଁ ଭୁବନେଶ୍ୱରଠାରେ ଆୟୋଜିତ ହେବାକୁ ଥିବା ମେକ୍ ଇନ୍ ଇଣ୍ଡିଆ କନ୍‌କ୍ଲେଭ୍ ପାଇଁ ବୃହତ୍ କମ୍ପାନୀଗୁଡ଼ିକୁ ଓଡ଼ିଶାରେ ପୁଞ୍ଜିନିବେଶ ନିମନ୍ତେ ଆକର୍ଷିତ କରିବା ଉଦ୍ଦେଶ୍ୟରେ ମୁମ୍ବାଇଠାରେ ଏକ ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍ ରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହାର ଅବ୍ୟବହିତ ପୂର୍ବରୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ୧୫ଟି କମ୍ପାନୀର ମୁଖ୍ୟମାନଙ୍କ ସହ ବ୍ୟକ୍ତିଗତ ଭାବେ ବୈଠକ କରି ଓଡ଼ିଶାର ଶିଳ୍ପ ଆଭିମୁଖ୍ୟ ଉପରେ ଆଲୋଚନା କରିଛନ୍ତି । କ୍ରିସିଲ୍ ଲିଃ, ନାଲ୍‌କୋ ଓ ସହଯୋଗୀ କମ୍ପାନୀ, ଥାଇସେନ୍‌କ୍ରୁପ୍ ଇଣ୍ଡିଆ ଲିଃ, ଆଇଏମ୍‌ପି ପାୱାର ଲିଃ, ରୋଚେନ୍ ସେପାରେସନ୍ ସିଷ୍ଟମ୍(ଇଣ୍ଡିଆ) ପ୍ରା.ଲିଃ ପ୍ରମୁଖ କମ୍ପାନୀଗୁଡ଼ିକର ପ୍ରତିନିଧିମାନଙ୍କ ସହ ମୁଖ୍ୟ ଶାସନ ସଚିବ ପୃଥକ ପୃଥକ ଭାବେ ଆଲୋଚନା କରିଥିଲେ । ଶ୍ରୀ ମହାପାତ୍ର ଓଡ଼ିଶା ସରକାର ଶିଳ୍ପ କ୍ଷେତ୍ରରେ ପୁଞ୍ଜିନିବେଶ ନିମନ୍ତେ ଦେଉଥିବା ବିଭିନ୍ନ ସୁବିଧାସୁଯୋଗ ଏବଂ ଭିତିଭୂମି ବିକାଶ ବାବଦରେ ସେମାନଙ୍କୁ ଅବଗତ କରାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଜମିଯୋଗାଣ, ଉନ୍ନତ ମାନର ବିଦ୍ୟୁତ, ଶିଳ୍ପପୁଞ୍ଜି ଏବଂ ଇଜ୍ ଅଫ୍ ଡୁଇଙ୍ଗ୍ ବିଜିନେସ୍ ଭଳି ବ୍ୟବସ୍ଥା ଉପଲବ୍ଧ ହେଉଥିବା ବିଷୟ ଉପସ୍ଥାପନ କରିଥିଲେ । ଏହି ଆଲୋଚନାରେ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମାଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଅଂଶଗ୍ରହଣ କରିଥିଲେ।










# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ୱା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ୱା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ । ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ । ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ । କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ । କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଲକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ । ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ । ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ । ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ । ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ । ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି । କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ । କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ । ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ । ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା । ଗୋବିନ୍ଦଚନ୍ଦ୍ର ଶୂଦଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା । ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ । ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର

ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ । ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ । ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ । ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା ।



## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ

ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ । କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ । ତା' ପୁଣି ପତ୍ନୀ ଛାଡି ପଳାଇବାର ୧ ବର୍ଷ ଭିତରେ । ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି । ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ । ୧ ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି ।



## ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି

ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି । ହେଲେ ଟେକସାସ୍ରେ ରହୁଥିବା ଜଣେ ଦମ୍ପତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି । ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି । ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍ । ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍ କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି । ପେଶାରେ ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି । ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି । ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ । ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ । ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ ।



## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର

ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ । ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି । ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା । ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ । ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ । ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ । ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା । ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି ।



## ଚା'ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଢନି ଥାନାରେ ବିଷାକ୍ତ ଚା' ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି । ଚା' ତିଆରି ସମୟରେ ଭୁଲ ବଶତଃ ଚା' ପତି ବଦଳରେ ପକାଯାଇଥିଲା କୀଟନାଶକ । ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ । ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା' ତିଆରି ହୋଇଥିଲା । ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା' ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ । ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା ।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ତେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ୱାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।




# ——ଗୟା ତୀର୍ଥ——



**ସୃ**ଷ୍ଟି ଆରମ୍ଭରେ ବ୍ରହ୍ମା ନାନା ପ୍ରକାର ଜୀବଜନ୍ତୁ ସୃଷ୍ଟି କଲେ । ସେ ସମୟରେ ବ୍ରହ୍ମା ଗୟାସୁର ନାମରେ ଜଣେ ଅସୁର ସୃଷ୍ଟି କଲେ । ସେ ଅସୁର ହେଲେ ମଧ୍ୟ ତାର ଚରିତ୍ର ଅତ୍ୟନ୍ତ ସାଧୁ ଥିଲା । ଶ୍ରୀହରିଙ୍କ ପରମ ଭକ୍ତ ଥିଲା ଗୟା । ସମସ୍ତେ ନିଜର ସ୍ୱାର୍ଥ ପାଇଁ ତପସ୍ୟା କରୁଥିଲାବେଳେ ଗୟା ସଂସାରର କଲ୍ୟାଣ ପାଇଁ ତପସ୍ୟା କଲା । ତା' ତପସ୍ୟାରେ ଶ୍ରୀହରିଙ୍କ ଆସନ ଟଳମଳ ହେଲା । ସେ ଗୟାକୁ ବର ଦେବା ପାଇଁ ଉପସ୍ଥିତ ହେଲେ । ଗୟା ତାଙ୍କୁ ଏକ ଅଦ୍ଭୁତ ବର ମାଗିଲା । ସେ ଯାହାକୁ ସ୍ପର୍ଶ କରିବ ସେ ମୁକ୍ତି ପାଇ ଗୋଲକ ଧାମକୁ ଯିବ । ଶ୍ରୀହରି ହଁ କହିଦେଲେ । ଗୟାସୁର ଆନନ୍ଦରେ ସଂସାର ଯାକ ବୁଲିଲା । ଲୋକମାନେ ଅନେକ ପାପ କରି ମଧ୍ୟ ତାକୁ ଛୁଇଁ ମୁକ୍ତି ପାଇଲେ । ଯମପୁରର ଦ୍ୱାର ହେବ। ଯେଉଁ ବ୍ୟକ୍ତି ଏଠାରେ ପିଣ୍ଡଦାନ ଦେବେ ତାଙ୍କ ପିତୃପୁରୁଷ ମୋକ୍ଷ ପାଇବେ ।"

ବିହାର ଜିଲ୍ଲାର ଫଲ୍‌ଗୁ ନଦୀ କୂଳରେ ଗୟା କ୍ଷେତ୍ର ରହିଛି । ନଦୀ ଶଯ୍ୟାରେ ପ୍ରତିଦିନ ହଜାର ହଜାର ଲୋକ ପିଣ୍ଡ ପିତୃପୁରୁଷଙ୍କୁ ଦିଅନ୍ତି । ଗୟା ଶିଳା ବିଷ୍ଣୁପାଦ ମଧ୍ୟ ଅଛି । ତ୍ରେତୟା ଯୁଗରେ ପ୍ରଭୁ ରାମଚନ୍ଦ୍ର, ଦ୍ୱାପରରେ ଭୀଷ୍ମ ଓ ପାଣ୍ଡବମାନେ ଏହି କ୍ଷେତ୍ରରେ ପିତୃଶ୍ରାଦ୍ଧ ଦେଇଥିଲେ । ରାମ, ଲକ୍ଷ୍ମଣ ଓ ସୀତା ବନବାସ କଲା ବେଳେ ଫଲ୍‌ଗୁ ନଦୀ ତୀରରେ ଅବସ୍ଥାନ କରୁଥିଲେ । ଦିନେ ଦଶରଥଙ୍କ ଶ୍ରାଦ୍ଧ ଦିନ ପଡିଲା । ସୀତାଙ୍କୁ ନଦୀକୂଳରେ ଅପେକ୍ଷା କରିବାକୁ କହି ରାମ ସାମଗ୍ରୀ କିଣା ପାଇଁ ପାଖ ଜନପଦକୁ ଚାଲିଗଲେ । ଶ୍ରାଦ୍ଧବେଳା ଗଡି ଯାଉଛି । ରାମ ଫେରୁନାହାଁନ୍ତି । ସୀତା ବ୍ୟସ୍ତ ହୋଇ ନଦୀବାଲିର ପିଣ୍ଡୁଳା କରି ପିତୃପୁରୁଷଙ୍କୁ ପ୍ରଦାନ କଲେ । ହଠାତ୍ ଆଶ୍ଚର୍ଯ୍ୟ ଭାବେ କେତୋଟି ହାତ ଲମ୍ବି ଆସି ପିଣ୍ଡ ଗ୍ରହଣ କରି ଅଦୃଶ୍ୟ ହୋଇଗଲେ । ସୀତା ପାଖରେ ଥିବା ଫଲ୍‌ଗୁ ନଦୀ, ଗାଭୀ, କେତକୀ ଫୁଲ ଓ ବଟବୃକ୍ଷକୁ





ବନ୍ଦ ରହିଲା । ସମସ୍ତେ ସ୍ୱର୍ଗମୁହାଁ ହେଲେ । ମୁକ୍ତି ନିଶ୍ଚିତ ଜାଣିଲା ପରେ ଲୋକମାନେ ଧର୍ମ, ଦେବ ପୂଜା କର୍ମ ଛାଡି ମଉଜ ମଜଲିସରେ ମାତିଲେ । ଯାଗ ଯଜ୍ଞ ବନ୍ଦ ହୋଇଗଲା । ସମସ୍ତେ ଅଧର୍ମରେ ମାତିଲେ । ଗୟାକୁ ଛୁଇଁଲେ ହେଲା । ଆଉ କ'ଣ ଦରକାର? ଜଗତର କଲ୍ୟାଣ ପାଇଁ କରୁଥିବା କାମ ଯେ ଓଲଟା ଫଳ ଦେଉଛି ତାହା ଗୟା ବୁଝିଲା ନାହିଁ । ଶେଷରେ ସବୁ ଦେବତାଯାକ ବିଷ୍ଣୁଙ୍କୁ ଫେରାଦ ହେଲେ । ସଂସାର ବିଗିଡି ଗଲାଣି । ଭଲ କରୁ କରୁ ଭେଲ ହେଲାଣି । ଗୟା ପିଲାଙ୍କ ପରି ଲୋକଙ୍କୁ ମୁକ୍ତି ଦେଇ ଚାଲିଛି । ଶେଷରେ ବିଷ୍ଣୁ ଏକ ସନ୍ୟାସୀ ବେଶରେ ଗୟାକୁ ଭେଟିଲେ । ପ୍ରଣାମ କଲା ଗୟା । ଆଶୀର୍ବାଦ କରି ବ୍ରାହ୍ମଣ କହିଲେ, "ବତ୍ସ, ମୁଁ ଏକ ବିଶେଷ ଯଜ୍ଞ କରିବାକୁ ଚାହେଁ । ତା' ପାଇଁ ପବିତ୍ର ସ୍ଥାନ ଆବଶ୍ୟକ । ଯାହା ମୁଁ କେଉଁଠି ପାଇଲି ନାହିଁ । ତୋର ଶରୀର ଅତି ପବିତ୍ର । ତୁ କିଛି ସମୟ ଶୋଇଲେ ତୋ ଉପରେ ମୁଁ ଯଜ୍ଞ କରିବି । ଅନ୍ୟର ମଙ୍ଗଳ ପାଇଁ ସଦା ବ୍ୟାକୁଳ ଗୟା ନିଶ୍ଚିନ୍ତରେ ଶୋଇଗଲା । ବିଷ୍ଣୁ ତା' ଉପରେ ପାଦରେ ଚାପି ଦେଲେ । ଗୟା ସବୁ ଜାଣି ପ୍ରଭୁଙ୍କୁ କହିଲା, "ହେ ପ୍ରଭୁ ଜଗତର ନାଥ, ମୋତେ ପାଷାଣ କରିଦିଅ । ମୋ ଶରୀରରେ ସମସ୍ତ ଦେବତା ବାସ କରନ୍ତୁ । ଏ ଶିଳା ସମସ୍ତଙ୍କୁ ସବୁ ଯୁଗରେ ମୁକ୍ତି ଦେଉ ।" "ତଥାସ୍ତୁ" କହିଲେ ବିଷ୍ଣୁ । "ମୁଁ ଗଦା ହସ୍ତରେ ତୋ ଶରୀରରେ ଅବସ୍ଥାନ କରିବି । ଶିଳା ଉପରେ ମୋ' ପାଦ ବିଷ୍ଣୁପାଦ ନାମରେ ବିଖ୍ୟାତ ସାକ୍ଷୀ ରଖି ଶଙ୍କାରେ ରାମଙ୍କୁ ଅପେକ୍ଷା କରି ରହିଲେ । କିଛି ସମୟ ପରେ ଶ୍ରାଦ୍ଧ ସାମଗ୍ରୀ ଧରି ରାମ ଆସି ଶ୍ରାଦ୍ଧ ଆୟୋଜନ କଲେ । ସୀତା ସବୁ କଥା କହିଲେ । କିପରି ପିତୃପୁରୁଷଙ୍କ ହାତ ପିଣ୍ଡ ଗ୍ରହଣ କଲେ । ସାକ୍ଷୀ ମଧ୍ୟ ଅଛନ୍ତି । ରାମ ଅଟ୍ଟାରେ କହିଲେ, "ମୁଁ ପ୍ରତିବର୍ଷ ଶ୍ରାଦ୍ଧ ସ୍ୱାଦିଷ୍ଟ ଭୋଜନ ଦେଉଛି, କାହିଁ ମୋ ହାତରୁ ତ ଦିନେ ପିତୃଗଣ ନେଉନାହାଁନ୍ତି !" ସାକ୍ଷୀଙ୍କୁ ଚାହିଁଲେ ରାମ । ସମସ୍ତେ ମନା କଲେ । ଏକମାତ୍ର ବଟବୃକ୍ଷ ସୀତାଙ୍କୁ ସମର୍ଥନ କଲା । ରାମ ଦ୍ୱନ୍ଦ୍ୱରେ ପିଣ୍ଡ ପ୍ରଦାନ କଲା ବେଳେ ଶୂନ୍ୟବାଣୀ ହେଲା, "ବତ୍ସ ରାମ, ଆମେ ଜାନକୀ ହାତରୁ ପିଣ୍ଡ ଗ୍ରହଣ କରି ତୃପ୍ତ ହୋଇଛୁ । ଆଉ ଆମକୁ ଆବାହନ କରନି ।" ରାମ ଆଶ୍ଚର୍ଯ୍ୟ ହୋଇ ସୀତାଙ୍କୁ ଚାହିଁ "ଧନ୍ୟ ତୁମେ" କହିଲେ । ସୀତା ମିଛ କହିଥିବା ନଦୀ, ଗାଭୀ, ଫୁଲକୁ ଅଭିଶାପ ଦେଲେ । ଫଲ୍‌ଗୁକୁ କହିଲେ, "ତୁ ଅନ୍ତଃସଲୀଳା ହୋଇଯିବୁ । ସବୁବେଳେ ଶଯ୍ୟା ଶୁଷ୍କ ରହିବ ।" ଗାଭୀକୁ ଅଭିଶାପ ଦେଲେ, "ତୋ ମୁହଁ ଅପବିତ୍ର ହୋଇଯିବ ।" କେତକୀକୁ କହିଲେ, "ପିଣ୍ଡପତ୍ରରେ ତୋତେ ଲୋଡା ହେବନି ।" ବଟ ବୃକ୍ଷକୁ କହିଲେ, "ସତ କହିଥିବାରୁ ତୁ ଅମର ହେବୁ ।" ସେହିଦିନଠାରୁ ଏପର୍ଯ୍ୟନ୍ତ ସେ ପବିତ୍ର ବଟବୃକ୍ଷ ତଳେ ଗଦାଧାରୀ ନାରାୟଣ ଓ ବିଷ୍ଣୁପାଦ ପୂଜା ପାଉଛନ୍ତି ।

**ଡାଃ ସୁରେନ୍ଦ୍ରନାଥ ଦାଶ**
*ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର, ମୋ: ୯୪୩୭୨୩୫୩୮୬*

## ଓଡ଼ିଶାକୁ ମଦମୁକ୍ତ କରିବ କଳିଙ୍ଗ ସେନା

ଭୁବନେଶ୍ୱର (ପିଏନ୍): ଓଡିଶାବାସୀ କଳିଙ୍ଗସେନାକୁ ଆର୍ଶୀବାଦ କଲେ ରାଜ୍ୟକୁ ସମ୍ପୂର୍ଣ୍ଣ ମଦମୁକ୍ତ କରାଯିବ । ଓଡିଶାକୁ ମଦମୁକ୍ତ କରି ଗାନ୍ଧୀଙ୍କ ସ୍ୱପ୍ନକୁ ସାକାର କରାଯିବ ବୋଲି କହିଛନ୍ତି ଦଳର ପୁନଃ ନିର୍ବାଚିତ ସେନା ସୁପ୍ରିମୋ ହେମନ୍ତ ରଥ । ଏଥିସହିତ ରାଜ୍ୟର ସମସ୍ତ ଲୋକଙ୍କୁ ସର୍ବନିମ୍ନ ମୌଳିକ ସୁବିଧା ସ୍ୱାସ୍ଥ୍ୟ ଓ ଶିକ୍ଷା ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦିଆଯିବ । ସାଢେ ୪କୋଟି ଲୋକଙ୍କୁ ସ୍ୱାସ୍ଥ୍ୟବୀମାରେ ସାମିଲ କରାଯିବା ସହିତ ମେଧାବୀ ଛାତ୍ରଙ୍କୁ ଘରୋଇ ସ୍କୁଲରେ ସମ୍ପୂର୍ଣ୍ଣ ମାଗଣାରେ ପଢିବାର ସୁଯୋଗ ମିଳିବ ବୋଲି ଗଣମାଧ୍ୟମକୁ କହିଛନ୍ତି । ଗତ ରବିବାର ସେନା କାର୍ଯ୍ୟାଳୟରେ ଦଳର ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଦଳର କର୍ମୀମାନେ ଶ୍ରୀ ରଥଙ୍କୁ ପୁନର୍ବାର ଦଳର ସଭାପତି ଭାବେ ବିପୁଳ ମତଦାନରେ ନିର୍ବାଚିତ କରିଥିବାବେଳେ ସେ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ଅବସରରେ ଶ୍ରୀ ରଥ କହିଛନ୍ତି ଯେ ମଦ ହେଉଛି ଆମ ସମାଜର ଶତ୍ରୁ । ଏହା ଯୁବପିଢିଙ୍କୁ ପଥଭ୍ରଷ୍ଟ କରିବା ସହିତ ରାଜ୍ୟକୁ ପଛକୁ ପଛକୁ ନେଇ ଯାଉଛି । ବର୍ତ୍ତମାନର ସରକାର ରାଜସ୍ୱ ନାଁରେ ମଦ ପ୍ରସାରରେ ଲାଗିଥିବାବେଳେ ବିରୋଧିଦଳଗୁଡିକ ଧର୍ମକୁ ଆଖିଠାର ମାରିଲା ଭଳି ଏହାକୁ ବିରୋଧ କରୁଛନ୍ତି । କାରଣ ରାଜ୍ୟରେ ଅଧିକାଂଶ ମଦଦୋକାନର ମାଲିକ ହେଉଛନ୍ତି ଶାସକ ଓ ବିରୋଧିଦଳ ନେତା ଏବଂ ସେମାନଙ୍କ ସମ୍ପର୍କୀୟ । ତେଣୁ କଳିଙ୍ଗସେନାକୁ ରାଜ୍ୟବାସୀ ଆଶୀର୍ବାଦ କଲେ ଓଡିଶାକୁ ସମ୍ପୂର୍ଣ୍ଣ ମଦମୁକ୍ତ କରିବାକୁ ଦଳ କାର୍ଯ୍ୟ କରିବ ବୋଲି ଶ୍ରୀ ରଥ କହିଛନ୍ତି । ଏଥିସହିତ ରାଜ୍ୟର ସମସ୍ତ ଲୋକଙ୍କର ସ୍ୱାସ୍ଥ୍ୟବୀମା କରାଯିବ । ଲୋକେ ଆଉ ମାଗଣା ଚିକିତ୍ସାପାଇଁ ସରକାରୀ ବାବୁମାନଙ୍କ ନିକଟରେ କାକୁତିମିନତି ହେବେନାହିଁ । ଆସ୍ୟୁରାନ୍ସ ବଦଳରେ ସେମାନଙ୍କୁ ଇନସ୍ୟୁରାନ୍ସ ମିଳିବ । ଏବେ ରାଜ୍ୟର ମନ୍ତ୍ରୀ ବିଧାୟକମାନେ ଯେଉଁଭଳି ଭାବେ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି, ସେମାନେ ମଧ୍ୟ ଅନୁରୂପ ଚିକିତ୍ସା ସୁବିଧା ପାଇବେ । ସେହିଭଳି ସରକାରଙ୍କଠାରୁ ଶସ୍ତାରେ ଜମି ଓ ଅନ୍ୟାନ୍ୟ ସୁବିଧା ନେଇଥିବା ଘରୋଇ ଶିକ୍ଷାନୁଷ୍ଠାନଗୁଡିକ ମଧ୍ୟ ମାଗଣାରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ଅନୁଷ୍ଠାନରେ ପଢାଇବାକୁ ବାଧ୍ୟ ହେବେ । ଦଳ ଏ ନେଇ କାର୍ଯ୍ୟ କରିବ । ଏଥିସହିତ ସାମାଜିକ ସୁରକ୍ଷା ଯୋଜନାରେ ମିଳୁଥିବା ଭତ୍ତା ପରିମାଣ ସର୍ବନିମ୍ନ ୩ ହଜାର ଟଙ୍କା କରାଯିବା ସହିତ ଟଙ୍କିକିଆ ଚାଉଳ ହିତାଧିକାରୀଙ୍କୁ ୧୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣାରେ ବିଦ୍ୟୁତ୍ ଯୋଗାଣ ପାଇଁ କଳିଙ୍ଗସେନା ପ୍ରତିଶ୍ରୁତି ପ୍ରଦାନ କରିଛି । ଏହି ଅବସରରେ ଦଳର ସାଂଗଠନିକ ନିର୍ବାଚନରେ ଦଳର ରାଜ୍ୟ ଉପସଭାପତି ଭାବେ ଦିଗମ୍ବର ବିଶ୍ୱାଳ, ବିଜୟ ରାଜ, ହେମନ୍ତ ସିଂହ, ଅବଦୁଲ କୟୁମ୍ ଖାନ୍, ପ୍ରମୋଦ ରାଉତରାୟ , ନିରଞ୍ଜନ ମହାନ୍ତ , ପ୍ରଦିପ କୁମାର ସାହୁ ନିର୍ବାଚିତ ହୋଇଥିବାବେଳେ ରାଜ୍ୟ ସାଧାରଣ ସଂପାଦକ ଭାବେ ଇଂ ସ୍ୱାତିଶ ରଞ୍ଜନ ସାହୁ, ଇଂ ମନୋଜ କୁମାର ନାୟକ, ଗୌରାଙ୍ଗ ପ୍ରଧାନ, ସିଦ୍ଧାର୍ଥ ଦାସ, ରାକେଶ ମହାନ୍ତି, କ୍ଷୀରୋଦ କୁମାର ଦାସ, ରେଣୁବାଳା ମହାନ୍ତି, ସୁବୋଧ କୁମାର ସାହୁ ନିର୍ବାଚିତ ହୋଇଛନ୍ତି । ସେହିପରି ରାଜ୍ୟ ସଂପାଦକ ଭାବେ ଦୁର୍ଯ୍ୟୋଧନ ପରିଡ଼ା, ରଞ୍ଜିତ ସାମଲ, ମମତା ମହାନ୍ତି, ଗୁଣମଣି ମହାନ୍ତି, ଆଶୁତୋଷ ସ୍ୱାଇଁ, ପ୍ରଫୁଲ୍ଲ ପରିଡ଼ା, ବରେନ୍ ଦାସ , ବିକ୍ରମ ପ୍ରଧାନ, ସତ୍ୟଭାମା ବିହାରୀ ଏବଂ ୭ଜଣଙ୍କୁ ରାଜ୍ୟ କମିଟିକୁ ନିର୍ବାଚିତ କରାଯାଇଛି ବୋଲି ନିର୍ବାଚନ ଅଧିକାରୀ ବିଶିଷ୍ଟ ନାଟ୍ୟକାର ତଥା ସ୍ତମ୍ଭକାର ବିଜୟ ଦାସ ଘୋଷଣା କରିଛନ୍ତି ।

## ଜିଲ୍ଲାବ୍ୟାପୀ ପରିଭ୍ରମଣ କରିବ ଅହିଂସା ରଥ

ବାଲେଶ୍ୱର (ପିଏନ୍) ବାଲେଶ୍ୱରରେ ସେପ୍ଟେମ୍ବର ୧୩ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ଜିଲ୍ଲାବ୍ୟାପୀ ଅହିଂସା ରଥ ପରିଭ୍ରମଣ କରିବ। ଏହାକୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବା ସହିତ ରଙ୍ଗିନ ଦେଶାତ୍ମବୋଧକ ତଥା ପାରମ୍ପରିକ ନୃତ୍ୟଗୀତ ମାଧ୍ୟମରେ ପ୍ରତ୍ୟେକ ବ୍ଲକ ଦେଇ ଏହି ରଥକୁ ପରିକ୍ରମା କରାଯିବ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଏବଂ ବ୍ଲକ ଉନ୍ନୟନ ଅଧିକାରୀମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ କାର୍ଯ୍ୟକ୍ରମ ମାନ ପ୍ରସ୍ତୁତ କରାଯାଇଛି । ସୂଚନାଯୋଗ୍ୟ ଯେ ଆଜାଦୀର ଅମୃତ ମହୋତ୍ସବ ଓ ସ୍ୱାଧୀନତାର ୭୫ ବର୍ଷ ପାଳନ ପୂର୍ତ୍ତି ଅବସରରେ ସ୍ୱାଧୀନତା ସଂଗ୍ରାମୀ ଓଡ଼ିଶାର ଅବଦାନ ଓ ଗାନ୍ଧୀବାର୍ତ୍ତା ପ୍ରଚାର ପ୍ରସାର ତଥା ଜନମାନସରେ ଏହାର ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ଓଡ଼ିଶା ସରକାର ରାଜ୍ୟବ୍ୟାପୀ ଅହିଂସା ରଥର ପରିଭ୍ରମଣ କାର୍ଯ୍ୟକ୍ରମ ଚାଲୁ ରଖିଛନ୍ତି। ଯାହାକି ଗତ ଅଗଷ୍ଟ ୧୫ ତାରିଖରୁ ଆରମ୍ଭ ହୋଇ ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ଦିନ ରାଜଧାନୀରେ ସମାପନ ହେବାକୁ ଯାଉଛି। ଜିଲ୍ଲା ଓ ବ୍ଲକ ସ୍ତରର ସମସ୍ତ ବିଭାଗ ଓ ବିଭାଗୀୟ ଅଧିକାରୀ ମାନେ ଏହାକୁ ସୁଚାରୁରୂପେ କାର୍ଯ୍ୟକାରୀ କରାଇବା ପାଇଁ ଜିଲ୍ଲାପାଳ ସମସ୍ତ ପ୍ରସ୍ତୁତିର ରୂପରେଖ ଦେଇଛନ୍ତି। ସମସ୍ତ ବର୍ଗର ଜନସାଧାରଣ ଏହି ମହାନ ପର୍ବରେ ସାମିଲ ହୋଇ ବାଲେଶ୍ୱରବାସୀଙ୍କ ଦେଶାତ୍ମବୋଧତାକୁ ଏହି ଅହିଂସା ରଥ ପରିଭ୍ରମଣ ମାଧ୍ୟମରେ ସାଫଲ୍ୟମଣ୍ଡିତ କରିବା ପାଇଁ ଆହ୍ୱାନ ଦେଇଛନ୍ତି।

## ସୁନାଚେନ୍ ଝାମ୍ପିନେଲା ଦୁର୍ବୃତ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ବ୍ରାହ୍ମଣଦା(ଭାତୁରିପଶି) ଗାଁ ନିକଟ ହାଇଲେଭଲ୍ କେନାଲ ରାସ୍ତାରେ ଗତକାଲି ଅପରାହ୍ନରେ ଏକ ଚଳନ୍ତା ବାଇକ୍‌ରୁ ଜଣେ ମହିଳାଙ୍କ ସୁନାଚେନ୍ ଝାମ୍ପି ନେଇଛି ଦୁର୍ବୃତ । ଲୁଟ୍ ପରେ ଦୁର୍ବୃତ ଏକ ନାଲି ରଙ୍ଗର ପଲସର ବାଇକ୍‌ରେ ଚଣ୍ଡିଖୋଲ ଆଡ଼େ ଚମ୍ପଟ ମାରିଥିଲା । ଏ ସଂପର୍କରେ ବଡଚଣା ଥାନା ରାଧାଦେଇପୁର ପଞ୍ଚାୟତ ବାଙ୍ଗୁରୁମୁଠା ଗ୍ରାମର ସନ୍ତୋଷ ନାୟକଙ୍କ ପତ୍ନୀ ପ୍ରତିମା ନାୟକ ଥାନାରେ ଏତଲା ଦେଇଛନ୍ତି । ଅଭିଯୋଗ ପାଇ ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଥଲେ ହେଁ, ଲୁଟେରା ସଂପର୍କରେ କୌଣସି ସୁରାକ୍ ମିଳିନାହିଁ । ପ୍ରକାଶ ଯେ, କୁମାରୀ ପଞ୍ଚାୟତ ଦେଉଳିପାଳ ଗ୍ରାମସ୍ଥିତ ଜଣେ ବନ୍ଧୁଙ୍କ ଘରକୁ ଆସିଥିବା ସନ୍ତୋଷ ପତ୍ନୀ ଓ ପୁଅକୁ ବାଇକ୍‌ରେ ବସାଇ ଘରକୁ ଫେରୁଥିଲେ । ମୁଣ୍ଡରେ ହେଲମେଟ୍ ପିନ୍ଧି ସେମାନଙ୍କୁ ପିଛା କରୁଥିବା ଉକ୍ତ ଦୁର୍ବୃତ ବ୍ରାହ୍ମଣଦା ଗାଁ ନିକଟରେ ପ୍ରତିମା ପିନ୍ଧିଥିବା ଏକ ୧୨ଗ୍ରାମ୍ ଓଜନର ସୁନାଚେନ୍‌କୁ ହଠାତ୍ ଝାମ୍ପିନେଇ ଫେରାର୍ ହୋଇଯାଇଥିଲା । ପୂର୍ବରୁ ମଧ୍ୟ ଜଣେ ଲୁଟେରା ନିଜେ ବାଇକ୍ ଚଳାଇ ଚଳନ୍ତା ଗାଡ଼ିରୁ ଏକୁଟିଆ ଅନେକ ଲୁଟ୍‌ପାଟ୍ କରି ଗିରଫ ହୋଇଥିଲା । ଦିନ ଦ୍ୱିପ୍ରହରରେ ଏହି କେନାଲ୍ ରାସ୍ତାରେ ବାରମ୍ବାର ରାହାଜାନି ହେଉଥିବା ବେଳେ ପୁଲିସ୍ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହୋଇଛି ।

## ନୂଆଗାଁରେ ଭାଗବତ ଜନ୍ମୋତ୍ସବ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ ନୂଆଗାଁସ୍ଥିତ ପଳାଶବୁଢ଼ୀ ପୀଠରେ ଭାଗବତ ଜନ୍ମୋତ୍ସବ ପାଳିତ ହୋଇଯାଇଛି । ପୂଜକ ମନୋଜ ମିଶ୍ର ପୂଜାର୍ଚ୍ଚନା ଓ ଭାଗବତ ପାଠ କରିଥିଲେ । ଘଣ୍ଟେଶ୍ୱର ବାବା ଭାଗବତ ଆଲୋଚନା କରିଥିଲେ । ଅନୁଷ୍ଠାନର ମୁଖ୍ୟ ପୂର୍ଣ୍ଣଚନ୍ଦ୍ର ରାୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ନିରଂଜନ ଦେହୁରୀ, ଲକ୍ଷ୍ମୀଧର ଗୁଇଁ, ଦୋଳଗୋବିନ୍ଦ ଦାସ, ଶଶିଭୂଷଣ ଦ୍ୱାରୀ, ଶ୍ରୀଯୁକ୍ତ ଦୋରା, ବାବୁ ସାହୁ, ସୁନିଲ କୁମାର ସ୍ୱାଇଁ, କୃଷ୍ଣଚନ୍ଦ୍ର ପରିଡ଼ା, କପିଳେନ୍ଦ୍ର ସ୍ୱାଇଁ ଯୋଗ ଦେଇଥିଲେ । ପରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ଘୁମୁରା ନୃତ୍ୟ ପରିବେଷଣ କରାଯାଇଥିଲା ।

## ପ୍ରଧାନ ଶିକ୍ଷକଙ୍କ ବିୟୋଗରେ ସ୍ମୃତିଚାରଣ ସଭା

ଦର୍ପଣ (ପିଏନ): ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ଧାନମଣ୍ଡଳ ଗ୍ରାମର ଆଦର୍ଶ ଶିକ୍ଷକ ପ୍ରଫୁଲ୍ଲ କୁମାର ନାୟକ (୭୮)ଙ୍କର ଏକାଦଶାହ ଅବସରରେ ଏକ ସ୍ମୃତିଚାରଣ ସଭା ପୂଜ୍ୟପୂଜା ପରିଷଦ ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ଆବାହକ ଅଭିମନ୍ୟୁ ଧଳଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତି ଚାରଣ ସଭାରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ସ୍ୱର୍ଗତଃ ନାୟକଙ୍କୁ ଜଣେ ଆଦର୍ଶ ଶିକ୍ଷକ, ଛାତ୍ରବତ୍ସଳ, କର୍ତବ୍ୟନିଷ୍ଠ ବ୍ୟକ୍ତିତ୍ୱ ଭାବରେ ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାଗଳ ବାବା ମହାରାଜ, ପଂଚାୟତ ସମିତି ଅଧ୍ୟକ୍ଷ ମୀନତୀ ସେନାପତି, ଉପାଧ୍ୟକ୍ଷ ବିଭାଷ ଚନ୍ଦ୍ର ନନ୍ଦ, ଜିଲ୍ଲାପରିଷଦ ସଭ୍ୟ ଅରବିନ୍ଦ ସାମଲ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ସରପଂଚ ଯଯାତି କେଶରୀ ରାଉତ, ପ୍ରିୟରଂଜନ ସେନାପତି, ଜଗନ୍ନାଥ ମୁଦୁଲି, ସାମ୍ବାଦିକ ସମରେନ୍ଦ୍ର ମାହାଲା, ସଂଜୟ ସ୍ୱାଇଁ, ମସିର ଆଲାମ୍, ବ୍ରହ୍ମଚାରୀ ଉଦୟ ଦାସ, ଆଇନଜୀବୀ ପ୍ରସନ୍ନ ଲେଙ୍କା, କୈଳାସ ଚନ୍ଦ୍ର ରାଉତ, ପ୍ରେମାନନ୍ଦ ସେନାପତି, ଅଧ୍ୟାପକ ଉମେଶ ଚନ୍ଦ୍ର ରାଉତ, ଆଇନଜୀବୀ ଦେବରାଜ ବେହେରା, ଆଦିକନ୍ଦ ଜେନା, କେଶବ ଚନ୍ଦ୍ର ଦାସ, ରାଧାନାଥ ପଣ୍ଡା, ଶରତ ଚନ୍ଦ୍ର ଜେନା, ଗଣେଶ୍ୱର ପଣ୍ଡା, ଗଣେଶ୍ୱର ପରିଡ଼ା, ରଂଜନ ନାୟକ ପ୍ରମୁଖ ସ୍ୱର୍ଗତ ଆତ୍ମାର ସ୍ମୃତି ଚାରଣ କରିଥିଲେ। ସ୍ୱର୍ଗତ ନାୟକ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିବା ସହିତ ପଣ୍ଡିତ ବିଜୟକର ଶର୍ମା ବେଦ ପାଠ କରିବା ସହିତ ଚାରଣ ଗଣେଶ୍ୱର ପରିଡ଼ାଙ୍କ ନେତୃତ୍ୱରେ ବିଷ୍ଣୁ ସହସ୍ର ପାଠ କରାଯାଇଥିଲା। ଭାଇ ବିନାୟକ ନାୟକ, ହେମନ୍ତ ନାୟକ, ସତ୍ୟରଂଜନ ନାୟକ ପ୍ରମୁଖ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

## ଚଣ୍ଡିଖୋଲ ବସ୍ ମାଲିକ ସଂଘ ସଭ୍ୟଙ୍କ ବିୟୋଗରେ ସ୍ମୃତିଚାରଣ ସଭା

ବଡ଼ଚଣା (ପିଏନ୍): ଚଣ୍ଡିଖୋଲ ଛକସ୍ଥିତ ଚଣ୍ଡିଖୋଲ ଘରୋଇ ବସ୍ ମାଲିକ ସଂଘ କାର୍ଯ୍ୟାଳୟଠାରେ ସଂଘର ବରିଷ୍ଠ ସଭ୍ୟ ସ୍ୱର୍ଗତଃ ନାରାୟଣ ସ୍ୱାଇଁଙ୍କ ଅକାଳ ବିୟୋଗରେ ଏକ ସ୍ମୃତିଚାରଣ ସଭା ସଂଘର ସଭାପତି ଅମରେନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ପାଦକ ଦିଲିପ କୁମାର ଚୌଧୁରୀ, ଦୀପକ କୁମାର ମିଶ୍ର, ପୁଷ୍ପରାଜ ନାୟକ, ଦେବଜିତ କର, ବିଘ୍ନରାଜ ନାୟକ, ସୁନିଲ ନାୟକ, କିଶୋର ପଲେଇ, ଚିତ୍ତରଂଜନ ନାୟକ, ଅକ୍ଷୟ କୁମାର ରାଉତ, ରସିଉଦ୍ଦିନ ଖାଁ ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ସ୍ୱାଇଁ ଚଣ୍ଡିଖୋଲ ଘରୋଇ ବସ୍ ମାଲିକମାନଙ୍କ ମଧ୍ୟରେ ଏକତା, ଭାଇଚାରା ଓ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ବଳିଷ୍ଠ ଭୂମିକା ଗ୍ରହଣ କରିଥିଲେ। ସେ ଜଣେ ସ୍ପଷ୍ଟବାଦୀ, ନିରହଂଙ୍କାରୀ, ବନ୍ଧୁବତ୍ସଳ, ପରଉପକାରୀ ଭାବରେ ଏ ଅଚଂଳରେ ପରିଚିତ ଥିଲେ। ବହୁ ସାମାଜିକ, ସାଂସ୍କୃତିକ ଓ ଆଧାତ୍ମିକ ସଂଘ ସହିତ ସେ ଜଡ଼ିତ ଥିଲେ। ତାଙ୍କ ଅକାଳ ବିୟୋଗରେ ଚଣ୍ଡିଖୋଲ ଘରୋଇ ବସ ମାଲିକ ସଂଘ ତରଫରୁ ତାଙ୍କର ପରିବାରଙ୍କୁ ସମବେଦନା ଜଣାଇବା ସହ ତାଙ୍କର ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ତାଙ୍କର ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହିତ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ।

## ବିଜେଡ଼ିର ମିଶ୍ରଣ ପର୍ବ

ଦର୍ପଣ (ପିଏନ): ଚଣ୍ଡିଖୋଲ ସ୍ଥିତ ବିଜେଡ଼ି କାର୍ଯ୍ୟାଳୟଠାରେ ଏକ ମିଶ୍ରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ, ନୀତି ଆଦର୍ଶ ଓ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ଦୃଢ଼ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ବଡ଼ ବାଲିକୁଦା, ପତରାଜପୁର ଓ ପଲେଇ ଗ୍ରାମ ପଂଚାୟତର ସରପଂଚ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି। ବଡ଼ଚଣା ବିଜେଡ଼ି ସଭାପତି ଅରବିନ୍ଦ ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ମିଶ୍ରଣ ପର୍ବରେ ମୁଖ୍ୟଅତିଥି ଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାରେ ଦୀର୍ଘ ୨୨ବର୍ଷ ହେଲା ଚାଲିଥିବା ବିକାଶ ଧାରାରେ ସାମିଲ ହୋଇ ବହୁ ବିରୋଧିଦଳର କର୍ମକର୍ତା ଓ କର୍ମୀ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତ। ସେମାନଙ୍କୁ ଶ୍ରୀ ଶତପଥୀ ସ୍ୱାଗତ କରିବା ସହ ବଡ଼ଚଣାର ବିକାଶ ଧାରାରେ ସାମିଲ କରିବାକୁ ଆହ୍ୱାନ ଦେଇଥିଲେ। ଏହି ସମାରୋହରେ ପତରାଜପୁର ସରପଂଚ ତନୁଶ୍ରୀ ଦାସ, ପଲେଇ ସରପଂଚ ଆରତୀ ବେହେରା ଓ ସମିତିସଭ୍ୟା ସୁଜାତା ଜେନା, ବଡ଼ବାଲିକୁଦା ସରପଂଚ ପ୍ରିୟମ୍ବଦା ଜେନାଙ୍କ ସମେତ ବହୁ କର୍ମୀ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି। ଏକ ବିଶାଳ ଶୋଭାଯାତ୍ରାରେ ଆସି ଦଳୀୟ କାର୍ଯ୍ୟାଳୟଠାରେ ପହଂଚିଥିଲେ। ବିଧାୟକ ଅମର ପ୍ରସାଦ ଶତପଥୀ ତାଙ୍କୁ ଦଳୀୟ ଉତରୀୟ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହ ବିଜେଡ଼ିରେ ଆନୁଷ୍ଠାନିକ ଭାବେ ଗ୍ରହଣ କରିଥିଲେ। ଏଥିରେ ପଂଚାୟତ ସମିତି ଅଧ୍ୟକ୍ଷ ମିନତୀ ସେନାପତି, ଜିଲାପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ଜିଲାପରିଷଦ ସଭ୍ୟ ଯଚିନ୍ଦ୍ର ପ୍ରସାଦ ନାୟକ, ପଂଚାୟତ ସମିତି ଉପାଧ୍ୟକ୍ଷ ବିଭାଷ ଚନ୍ଦ୍ର ନନ୍ଦ, ନିରଂଜନ ସେନାପତି, ଧାନମଣ୍ଡଳ ସରପଂଚ ନବଦ୍ୱୀପ ନାୟକ, ମିଶନ ଶକ୍ତି ସଭାନେତ୍ରୀ କିଚିନା ମହାପାତ୍ର, ପଲ୍ଲିମଙ୍ଗଳ ସେବା ସମବାୟ ସମିତି ସଭାପତି ସଂଜୟ ସ୍ୱାଇଁ, ମସିର ଆଲାମ୍, ରାଜ୍ୟ ଯୁବ ବିଜେଡ଼ି ସମ୍ପାଦକ ଆଶିଷ ରଂଜନ ଚୌଧୁରୀ ପ୍ରମୁଖ ଯୋଗ ଦେଇଥିଲେ।

# ନ୍ୟାୟିକ ସମୀକ୍ଷା ଜରୁରୀ !



**ବ**ହୁଚର୍ଚ୍ଚିତ ୨୦୦୨ ଗୋଧ୍ରା ଦଙ୍ଗା ସମୟରେ ୧୪ଜଣଙ୍କୁ ହତ୍ୟା ଏବଂ ବିଲ୍‌କିସ୍ ବାନୋ ଗଣଦୁଷ୍କର୍ମ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଆଜୀବନ କାରାଦଣ୍ଡ ଭୋଗୁଥିବା ୧୧ଜଣ ଅଭିଯୁକ୍ତଙ୍କୁ ସ୍ୱାଧୀନତା ପ୍ରାପ୍ତିର ୭୫ତମ ପୂର୍ତି ସାରା ଦେଶ 'ଆଜାଦି କା ଅମୃତ ମହୋତ୍ସବ' ପାଳନ କରୁଥିବା ଅବସରରେ ଖଲାସ କରିବା ପାଇଁ ଗୁଜରାଟ ସରକାରଙ୍କ ନିଷ୍ପତି ଉପରେ ବହୁ ପ୍ରଶ୍ନ ସୃଷ୍ଟି କରିବା ସ୍ୱାଭାବିକ। କେବଳ ଏତିକି ନୁହେଁ, ଗୁଜରାଟ ସରକାର ତାଙ୍କର ଏହି ନିଷ୍ପତିକୁ ତୁରନ୍ତ ପ୍ରତ୍ୟାହାର କରି ନେଇ ଅଭିଯୁକ୍ତମାନଙ୍କୁ ତୁରନ୍ତ କାରାଗାରକୁ ପଠାଇଦେବା ପାଇଁ ଦେଶର ୬୦୦୦ରୁ ଉର୍ଦ୍ଧ୍ୱ ବୁଦ୍ଧିଜୀବୀ ଦୃଢ ଦାବି କରିଛନ୍ତି। ଯେଉଁମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ବିଚାରପତି, ବରିଷ୍ଠ ଆଇନଜୀବୀ, ଖ୍ୟାତନାମା ଶିକ୍ଷାବିତ୍, ସାମ୍ବାଦିକ, ସାମାଜିକ କର୍ମୀ, ସମାଜସେବୀ ଏବଂ ସାଧାରଣ ଲୋକଙ୍କ ସମେତ ଛାତ୍ରଛାତ୍ରୀ ଅନ୍ତର୍ଭୁକ୍ତ ଅଛନ୍ତି। ସେମାନଙ୍କ ଦାବି ଦେଶର ସାଂପ୍ରତିକ ଆଇନ ପରିପ୍ରେକ୍ଷୀରେ ଅତ୍ୟନ୍ତ ଗୁରୁତ୍ୱ ବହନ କରେ ବୋଲି ନିଃସନ୍ଦେହରେ କୁହାଯାଇପାରିବ। ଉଲ୍ଲେଖଯୋଗ୍ୟ ଯେ, ବିଲକିସ୍ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଆଜୀବନ ଜେଲଦଣ୍ଡ ଭୋଗୁଥିବା ଅଭିଯୋଗର ମୁକ୍ତି ଆବେଦନ ଉପରେ ଶୁଣାଣୀ କରି ସୁପ୍ରିମକୋର୍ଟ ୧୪ବର୍ଷ କାରାଦଣ୍ଡ ଭୋଗିଥିବା କଏଦୀମାନଙ୍କୁ ମୁକ୍ତି ପାଇଁ ଗୁଜରାଟ ସରକାର ୧୯୯୨ରେ ମୁକ୍ତି ଆଇନ ଅନୁଯାୟୀ ନିଷ୍ପତି ନେବା ଉଚିତ ବୋଲି ଗତ ମେ' ମାସରେ ରାୟ ଦେଇଥିଲେ। ସୁପ୍ରିମକୋର୍ଟଙ୍କ ରାୟ ଉପରେ ଗୁଜରାଟ ଏକ କମିଟି ଗଠନ କରିଥିଲେ। ଯେଉଁ କମିଟି ବିଲକିସ୍ ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଥିବା ୧୧ଜଣଙ୍କୁ ଖଲାସ କରିବା ପାଇଁ ସୁପାରିଶ କରିଥିଲେ। ଏହି ୧୧ଜଣ ୧୫ବର୍ଷ ଜେଲ୍‌ବାସ ପୂରଣ କରିଥିଲେ। ତେବେ ଏହି ୧୧ଜଣଙ୍କୁ ଖଲାସ କରିବା ପାଇଁ ଗୁଜରାଟ ସରକାର ସୁପ୍ରିମକୋର୍ଟଙ୍କ ପୂର୍ବ ରାୟ ଏବଂ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ବା ଗାଇଡଲାଇନକୁ ପାଳନ କରିନାହାଁନ୍ତି। ଦେଶର ସ୍ୱାଧୀନତା ଦିବସ ପାଳନ ଅବସରରେ ଦୁଷ୍କର୍ମ ଓ ହତ୍ୟାକାରୀମାନଙ୍କୁ କାରାମୁକ୍ତ କରିବା ନେଇ ଗୁଜରାଟ ସରକାରଙ୍କ ନିଷ୍ପତି ଉପରେ ପ୍ରଶ୍ନ ଉଠିବା ସ୍ୱାଭାବିକ, ଯାହାକି ଅଯୌକ୍ତିକ ନୁହେଁ ବୋଲି କୁହାଯାଇପାରିବ। ପ୍ରଥମତଃ ଲକ୍ଷ୍ମଣ ନାସକର ବନାମ ୟୁନିୟନ ଅଫ ଇଣ୍ଡିଆ ମାମଲାରେ ସୁପ୍ରିମକୋର୍ଟ ଦେଇଥିବା ରାୟ ଅତ୍ୟନ୍ତ ପ୍ରଣିଧାନଯୋଗ୍ୟ। ସର୍ବୋଚ୍ଚ ଅଦାଲତ ତାଙ୍କ ରାୟରେ କହିଥିଲେ ଯେ, ଅପରାଧୀଙ୍କ ମୁକ୍ତି ମଂଜୁର କରିବା ପୂର୍ବରୁ ରାଜ୍ୟ ନିଶ୍ଚିତ ହେବା ଜରୁରୀ ଯେ, ତା'ର ଅପରାଧ ବ୍ୟକ୍ତିଗତ ଭାବେ ଘଟାଇଥିବା କାର୍ଯ୍ୟ ହୋଇଥିବ, ଯାହାର କୌଣସି ପ୍ରଭାବ ବୃହତର ସମାଜ ଉପରେ ପଡୁ ନ ଥିବ। ସେହିପରି ଦ୍ୱିତୀୟଟି ହେଉଛି, ଗତ ଜୁନ ମାସର ମାର୍ଗଦର୍ଶିକା। ଏହି ମାର୍ଗଦର୍ଶିକାରେ ସ୍ପଷ୍ଟ ଭାବରେ ଉଲ୍ଲେଖ ରହିଛି ଯେ, ଆଜୀବନ କାରାଦଣ୍ଡ ଭୋଗୁଥିବା କଏଦୀ ଏବଂ ଦୁଷ୍କର୍ମକାରୀଙ୍କୁ ସ୍ୱତନ୍ତ୍ର ମୁକ୍ତି ମଂଜୁର କରାଯିବ ନାହିଁ। ଏହା ନିଶ୍ଚିତ ଯେ, ଗୁଜରାଟ ସରକାରଙ୍କ ନିଷ୍ପତି ସୁପ୍ରିମକୋର୍ଟଙ୍କ ରାୟ ଓ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ମାର୍ଗଦର୍ଶିକାକୁ ବିରୋଧ କରୁଛି। ଉଲ୍ଲେଖ କରାଯାଇପାରେ ଯେ, ୨୦୦୨ ଗୋଧ୍ରା ଦଙ୍ଗା ସମୟରେ ଅଭିଯୁକ୍ତମାନେ ଅନ୍ତସତ୍ୱା ଥିବା ବିଲ୍‌କିସ୍‌ଙ୍କୁ ଗଣବଳାତ୍କାର କରିବା ସହ ତାଙ୍କ କନ୍ୟା ଏବଂ ବହୁ ମହିଳାଙ୍କ ସମେତ ୧୪ଜଣଙ୍କୁ ଅତି ନୃଶଂସ ଭାବେ ହତ୍ୟା କରିଥିଲେ। ଏହି ବର୍ବର କାଣ୍ଡ ସେତେବେଳେ କେତେ ଯେ ଭୟଙ୍କର ଓ ଲୋମହର୍ଷଣକାରୀ ଥିଲା ଏବଂ ଏହାର ପ୍ରଭାବ ସମାଜ ଉପରେ କେତେ ପଡିଛି, ତାହା ସ୍ପଷ୍ଟ ବୁଝାପଡେ। ଆହୁରି ମଧ୍ୟ ବିଲକିସ୍ ମାମଲାରେ ପ୍ରମାଣ ନଷ୍ଟ ପାଇଁ ଉଦ୍ୟମ ହୋଇଥିଲା। ଯେଉଁଥିପାଇଁ କି ଡାକ୍ତର ଓ ପୋଲିସ ଅଫିସରମାନେ ଦୋଷୀ ସାବ୍ୟସ୍ତ ହୋଇ ଦଣ୍ଡିତ ହୋଇଥିଲେ। ମାମଲାର ଚାପବିହୀନ ତଥା ନିରପେକ୍ଷ ବିଚାର ପାଇଁ ସୁପ୍ରିମକୋର୍ଟ ଗୁଜରାଟରୁ ମୁମ୍ବାଇକୁ ସ୍ଥାନାନ୍ତର କରିଥିଲେ। ସେହିପରି ବିଲ୍‌କିସ୍‌ଙ୍କୁ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ ପାଇଁ ସର୍ବୋଚ୍ଚ ଅଦାଲତ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ଏହା ନିଶ୍ଚିତ ଯେ, ସୁପ୍ରିମକୋର୍ଟ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦେଇଥିବା ନିର୍ଦ୍ଦେଶକୁ ଗୁଜରାଟ ସରକାର ଧ୍ୟାନ ଦେଇନାହାନ୍ତି ଏବଂ ହେୟ ମନେ କରିଛନ୍ତି। ଆହୁରି ମଧ୍ୟ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଅଦାଲତ ଦ୍ୱାରା ଦଣ୍ଡିତ ବ୍ୟକ୍ତିଙ୍କୁ ମୁକ୍ତି ପାଇଁ ରାଜ୍ୟ ସରକାରଙ୍କର ନିଷ୍ପତିଙ୍କୁ କେନ୍ଦ୍ର ସରକାର ଅନୁମୋଦନ ନ କରିବା ପାଇଁ ଏବଂ କାରାଗାରରୁ ଖଲାସ କରାଯାଇପାରିବ ନାହିଁ ବୋଲି ସ୍ପଷ୍ଟ ଗାଇଡଲାଇନ ଥିବାସତ୍ତ୍ୱେ ସେମାନଙ୍କୁ ମୁକ୍ତ କରାଗଲା କିପରି ? ବିଲକିସ୍ ବାନୋ ମାମଲାରେ ଗୁଜରାଟ ସରକାରଙ୍କ ନିଷ୍ପତି ଉପରେ ବିଚାର ବିଭାଗୀୟ ସମୀକ୍ଷା ଜରୁରୀ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ସର୍ବୋଚ୍ଚ ଅଦାଲତ ତୁରନ୍ତ ସେମାନଙ୍କ ମୁକ୍ତି ରଦ୍ଦ କରିବା ବିଲକିସ୍‌ଙ୍କ ପାଇଁ ଯଥାର୍ଥ ନ୍ୟାୟ ହେବ।

**ସୌଭାଗ୍ୟରଂଜନ ମହାନ୍ତି (ରାଜା)**, ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨, ମୋବାଇଲ ନଂ-୯୪୩୭୯୯୪୩୭୯

## ସହପାଠୀଙ୍କ ମୃତ୍ୟୁରେ ପରିବାରକୁ ସହାୟତା ରାଶି

ଖୋର୍ଦ୍ଧା (ପିଏନ)- ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡାଡିହ ପଂଚାୟତ ତଳଗଡ ଗ୍ରାମର ଜଗନ୍ନାଥ ପାଇକରାୟଙ୍କ ଆକସ୍ମିକ ମୃତ୍ୟୁରେ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୯୩ ମାଟ୍ରିକ ବ୍ୟାଚର ୨୩ ଜଣ ସହପାଠୀ ମୃତକଙ୍କ ପୁଅ ପ୍ରତୀକକୁ ଭେଟି ୧୮ ହଜାର ୫୦୧ ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି। ଏଥିସହ ଭାରତୀୟ ବିଦ୍ୟା ନିକେତନର ସମ୍ପାଦକ ଶୁଭକାନ୍ତ ମହାପାତ୍ର ଓ ପରିଚାଳନା କମିଟର ନିଷ୍ପତି କ୍ରମେ ସ୍ୱର୍ଗତଃ ପାଇକରାୟଙ୍କ ପତ୍ନୀ ସୁଧିଲତା ପାତ୍ରଙ୍କୁ ବିଦ୍ୟାନିକେତନରେ ଶିକ୍ଷୟିତ୍ରୀ ଭାବେ ନିଯୁକ୍ତି ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ କୁଳମଣି ସେଠୀ, ବିଷ୍ଣୁପ୍ରିୟା ପଣ୍ଡା ଓ ସୁରେନ୍ଦ୍ର ସେଠୀ ପ୍ରମୁଖ ସହଯୋଗ କରିଥିଲେ।

## ମହିଳାଙ୍କ ଆତ୍ମହତ୍ୟା

ଫୁଲନଖରା (ପିଏନ୍)-ସଦର ଥାନା ଅନ୍ତର୍ଗତ କୁରାଙ୍ଗଶାସନ ଗ୍ରାମରେ ଜଣେ ମହିଳା ବେକରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ପ୍ରଶାନ୍ତ କୁମାର ସାହୁଙ୍କ ପତ୍ନୀ ଦୀପାଳି ସାହୁ (୨୬)। ଦୀପାଳିଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ପୁଲିସ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡ଼ିକାଲକୁ ପଠାଇଛି। ଆତ୍ମହତ୍ୟାର କାରଣ ଜଣାପଡ଼ି ନ ଥିଲେ ହେଁ ପାରିବାରିକ ଅଶାନ୍ତି କାରଣରୁ ସେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୁଲିସ କହୁଛି। ଖୋର୍ଦ୍ଧା ଜିଲା ପଟିଆ ଅଞ୍ଚଳର ଦୀପାଳିଙ୍କର ୫ବର୍ଷ ପୂର୍ବେ ପ୍ରଶାନ୍ତଙ୍କ ସହିତ ବାହାଘର ହୋଇଥିଲା ବେଳେ ସେମାନଙ୍କର କୌଣସି ସନ୍ତାନ ନଥିଲା। ଦୁଇ ସପ୍ତାହ ତଳେ ସେହି ଗ୍ରାମର ଜଣେ ଯୁବ ବ୍ୟବସାୟୀ ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିଲେ।

## ଟିଏସି ସଦସ୍ୟ ପ୍ରଣବ ବଳବନ୍ତରାୟଙ୍କୁ ସମ୍ବର୍ଦ୍ଧନା

ଧର୍ମଶାଳା (ପିଏନ): ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ରାଜ୍ୟ ବନ୍ୟା ନିୟନ୍ତ୍ରଣ ବୋର୍ଡର ଟେକ୍ନିକାଲ (ଟିଏସି)ର ସଦସ୍ୟ ଭାବେ ମନୋନୀତ ହେବା ପରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ବିଧାୟକ ନିଜ ନିର୍ବାଚନମଣ୍ଡଳୀ ଗସ୍ତରେ ଆସିଥିବା ବେଳେ ବ୍ଲକ ବିଜେଡି, ଯୁବ ବିଜେଡି, ଗାର୍ଲ୍‌ସ ୱିଙ୍ଗସ ଓ ଧର୍ମଶାଳା ବାର ଆସୋସିଏସନ ପକ୍ଷରୁ ବିଜେଡି କାର୍ଯ୍ୟାଳୟରେ ଭେଟି ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ବିଜେଡି ପକ୍ଷରୁ ବ୍ଲକ ସଭାପତି ଜଳଧର ମହାନ୍ତି, ନିର୍ବାଚନ ମଣ୍ଡଳୀ ସଭାପତି ଜଳଧର ସାହୁ, ଯୁବ ବିଜେଡି ସଭାପତି କ୍ଷିତିଶ ନାୟକ, ଛାତ୍ର ବିଜେଡି ସଭାପତି ଜଗଦାନନ୍ଦ ରାଉତ, ଗାର୍ଲ୍‌ସ ୱିଙ୍ଗସ ସଭାନେତ୍ରୀ କ୍ଷୀରାବ୍ଧି ତନୟା ମଲିକ ପ୍ରମୁଖ ବହୁ କର୍ମୀ ବିଧାୟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ । ସେହିପରି ଧର୍ମଶାଳା ବାର ଆସୋସିଏସନ ପକ୍ଷରୁ ସଭାପତି କେଦାରେଶ୍ୱର ଦାଶ, ସମ୍ପାଦକ କୈଳାସ ଚନ୍ଦ୍ର ପରିଡା, କ୍ଷିରୋଦ ମୁଦୁଲି, ବ୍ରଜକିଶୋର ନାୟକ, ସୋମନାଥ ସାହୁ ଓ ନିରଂଜନ ସାମଲ ପ୍ରମୁଖ ବିଧାୟକଙ୍କୁ ଭେଟି ସ୍ୱାଗତ ଜଣାଇଥିଲେ ।

## କ୍ରୋମାଇଟ ଟ୍ରକ ଚୋରୀ ଘଟଣାରେ ମାଷ୍ଟର ମାଇଣ୍ଡ ସମେତ ୫ ଅଟକ

ଧର୍ମଶାଳା (ପିଏନ୍): କ୍ରୋମାଇଟ ଟ୍ରକ ଚୋରୀ ଘଟଣାର ଧର୍ମଶାଳା ଥାନା ପୁଲିସ ପକ୍ଷରୁ ଚଢାଉ କରାଯାଇ ୫ଜଣ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖାଯିବା ସହ ଚୋରୀ ଟ୍ରକକୁ ପୁଲିସ ଜବତ କରିଥିବା ଜଣାଯାଇଛି । ତେବେ ଧରାପଡିଥିବା ଅଭିଯୁକ୍ତମାନଙ୍କ ମଧ୍ୟରେ ୨ଜଣ ବିଜେଡି ଦଳର ଜିଲ୍ଲାସ୍ତରୀୟ ପଦପଦବୀରେ ଥିବା ନେଇ ଚର୍ଚ୍ଚା ହେଉଛି । ସୂଚନାଯୋଗ୍ୟ ଯେ ଧର୍ମଶାଳା ଓ ବଡଚଣା ଥାନା ଅଂଚଳର କେତେକ ଅସାମାଜିକ ଯୁବକ ମିଳିତ ଭାବେ ବିଭିନ୍ନ ସମୟରେ ଟ୍ରକରୁ କ୍ରୋମାଇଟ ଏବଂ ଟ୍ରକ ଲୁଟ କରି କରିନେଇ ଟ୍ରକକୁ କାଟି ତାର ପାର୍ଟ୍‌ସଗୁଡିକୁ ଅନ୍ୟତ୍ର ବିକ୍ରି କରି ବେଶ ମୁନାଫା ହାସଲ କରୁଥିଲେ । ତେବେ ଧର୍ମଶାଳା ପୁଲିସ ପାଖରେ ଏନେଇ ଅଭିଯୋଗ ହେବାପରେ ଘଟଣାର ତଦନ୍ତ କରି ପୁଲିସ ଧର୍ମଶାଳା ଓ ବଡଚଣା ଥାନା ଅଂଚଳର ବିଭିନ୍ନ ସ୍ଥାନରେ ଚଢାଉ କରି ୫ଜଣ ଅଭିଯୁକ୍ତଙ୍କୁ ଧରିବା ସହ ଚୋରୀ ଟ୍ରକକୁ ଉଦ୍ଧାର କରିଥିବା ଜଣାପଡିଛି । ତେବେ ଏହି ଘଟଣାରେ ଅନ୍ୟ କେତେକଙ୍କ ସମ୍ପୃକ୍ତି ରହିଥିବା ବେଳେ ତଦନ୍ତ ବ୍ୟାହତ ହେବା ଯୋଗୁ ପୁଲିସ କୌଣସି ସୂଚନା ଦେବାକୁ ମନାକରିଛି ।

## ନଦୀରେ ଗାଧୋଇବା ବେଳେ ଭାସିଯାଉଥିବା ମହିଳା ଉଦ୍ଧାର

ଧର୍ମଶାଳା (ପିଏନ): ଧର୍ମଶାଳା ବ୍ଲକ କୋତପୁର ପଂଚାୟତ ଭଗବାନପୁର ମଠସାହି ଗ୍ରାମର ଜଣେ ବୃଦ୍ଧା କେଲୁଅ ନଦୀରେ ରବିବାର ଗାଧୋଉଥିବା ବେଳେ ଗୋଡ ଖସିଯିବାରୁ ନଦୀ ସୁଅରେ ଭାସିଯାଇଥିଲେ । ତେବେ ବୃଦ୍ଧା ଜଣକ ନଦୀରେ ୩ କିଲୋମିଟର ଭାସିଯାଇଥିବା ବେଳେ ହଳଦିଆମୁଳ ଠାରେ କିଛି ଯୁବକ ତାଙ୍କୁ ଉଦ୍ଧାର କରିଥିବା ଜଣାଯାଇଛି । ଭଗବାନପୁର ମଠସାହି ଗ୍ରାମର ସ୍ୱର୍ଗତଃ ଯଦୁନାଥ ରାୟଙ୍କ ପତ୍ନୀ ପାର୍ବତୀ ରାୟ (୬୯) ଗାଧୋଉଥିବା ବେଳେ ନଦୀରେ ଭାସିଯାଇଥିଲେ । ବୃଦ୍ଧା ଜଣକ ଭାସିଯାଉଥିବା ବେଳେ ନୂଆପାଟଣା ଗ୍ରାମର ଗୁଣନିଧି ଦାସ ଦେଖି ସ୍ଥାନୀୟ ଯୁବକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରିଥିଲେ । ମଟର ଟ୍ୟୁବ ସାହାଯ୍ୟରେ କୋତପୁର ଗ୍ରାମର କଳ୍ପତରୁ ସାମଲ, ନୂଆପାଟଣା ଗ୍ରାମର ପ୍ରସନ୍ନ ମହାଲିକ, ହଳଦିଆମୁଳ ଗ୍ରାମର ଦୀନବନ୍ଧୁ ମଲିକ, ରାଜା ମଲିକ ଓ ଶୁବୁ ମଲିକ ପ୍ରମୁଖ ଉଦ୍ଧାର କରିଥିଲେ । ପରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଧର୍ମଶାଳା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଛି । ତେବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡିଛି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୨, ସେପ୍ଟେମ୍ବର ୧୪**

# ବୈକୁଣ୍ଠ କ'ଣ ମର୍ତ୍ତ୍ୟରେ ସମ୍ଭବ ?



**କୁ**ଣ୍ଠା ଯେଉଁଠି ନାହିଁ ସେ ସ୍ଥାନ ବୈକୁଣ୍ଠ । ନାହିଁ ନାହିଁ ଉଚ୍ଚାରଣ ଶବ୍ଦ ହିଁ କୁଣ୍ଠା । ଏ ସଂସାରରେ ଏମିତି ସ୍ଥାନ ନାହିଁ ଯେଉଁଠି ନେତି ନେତି ଆୱାଜ ଶୁଣା ନଯାଉଛି । ରାଜା ଯାହାଙ୍କର ଅଭାବ ନାହିଁ ସେ ବି ନେତିନେତି ଦାରୁଣ ଅନ୍ନ ବସ୍ତ୍ର ବାସଗୃହ ସ୍ୱାସ୍ଥ୍ୟ କଷ୍ଟ ଭୋକ୍ତା ପ୍ରଜା ବି ନେତି ନେତି ଶବ୍ଦରେ ମୁଖରିତ । ମହାଭୂତ ପାଞ୍ଚ, ଏଥିରେ ସମସ୍ତଙ୍କର ସମାନ ଅଧିକାର ରହିଛି । ମାତ୍ର ଚାଲାକ ଲୋକ କୌଶଳରେ ଅନ୍ୟଙ୍କ ଠାରୁ ଛଳ ଛଦ୍ମରେ ଛଡ଼ାଇ ନେଉଛନ୍ତି । ଯେତେ ହେଲେ ବି ନାହିଁ ନାହିଁ ଯାହାର ନାହିଁ ସେ ବି ନାହିଁ ନାହିଁ, ତେବେ କାହିଁ ବୈକୁଣ୍ଠ । ମହାଭୂତମାନଙ୍କର ଜଣେ ମାଲିକ ଅଛନ୍ତି ସେ ଭୂତନାଥ । ତାଙ୍କର ଧର୍ମ ସେ ଔଢ଼ରଦାନୀ ହେଲେ ତାଙ୍କ ପାଖରେ କିଛି ନାହିଁ । ସେ ଲଙ୍ଗଳା, ନାହିଁ ଅଳଙ୍କାର ଧନ ଦୌଲତ ସମ୍ପତ୍ତି ତଥାପି ସେ ଔଢ଼ରଦାନୀ, ତେବେ ବି ସେ ଏସବୁ ଶକ୍ତି ସେହି ବୈକୁଣ୍ଠବାସୀଙ୍କର ସ୍ମରଣ କରି କରି ପାଉଛନ୍ତି । ନଥିଲେ ଦୁଃଖ ନାହିଁ । ନଦେଇ ପାରିଲେ କାଳେ ଦୁଃଖ ଆସିନାହିଁ କହିବାକୁ ପଡ଼ିବ ଏ ପାଇଁ ବୈକୁଣ୍ଠରୁ କୁଣ୍ଠାନାଶ ସାଧନା ।

ବ୍ରହ୍ମା ସ୍ରଷ୍ଟା, ସେ ତାଙ୍କର ସୃଷ୍ଟିକୁ ବର ଦିଅନ୍ତି ମାତ୍ର ସେ କାହାକୁ ଅମରବର ଦେଇନାହାଁନ୍ତି । ସେ ନିଜେ ବି ନାଶ ସମୟକୁ ହୁଅନ୍ତି ସେ ଅମର ନୁହଁନ୍ତି । ଅମରପରି କଳ୍ପାୟୁ ବିଶିଷ୍ଟ ବ୍ୟକ୍ତି । ତେବେ ନାହିଁ ବୋଲି ବର ଯାଚଞ୍ଚାକାରୀକୁ ସେ ଭିନ୍ନ ଭାବରେ ଆଶା ପୂରଣ କରିଥାନ୍ତି ପରବର୍ତ୍ତୀ କାଳରେ ତାର ସମୟକୁ ସେ ଅନ୍ତ ହୁଏ । ମାଆ ପିଲାର ଅମଙ୍ଗଳ କେବେ ଚାହାଁନ୍ତି ନାହିଁ ଦୁର୍ଗା ସୃଷ୍ଟି ନାଶକାରୀ ଶକ୍ତିକୁ ଅନ୍ତ କରନ୍ତି । ସୃଷ୍ଟିନାଶ ଚାହିଁବା ବ୍ୟକ୍ତି ଯେ ଶେଷରେ ନିଜ ନାଶ ହେବ ମୂଳରୁ ଜାଣି ନଥାନ୍ତି । ସେପରି ପରିସ୍ଥିତିରେ ସମ୍ବିତ ଫେରି ପାଇ ଭୁଲ ହୋଇଛି କହନ୍ତି କ୍ଷମାକର କହି ପକାନ୍ତି । ଏମିତି ମହିଷାସୁର ଦେବୀଙ୍କର ଶକ୍ତି ଆଜାତରେ ଶକ୍ତିହୀନ ମହିଷା ଦେବୀ ମାଆଙ୍କ ନେତି ଅଭାବ ସେ ଦେବତା (ଚିରନ୍ତନ ସୃଷ୍ଟି ରକ୍ଷାକାରୀ ଶକ୍ତି) ଓ ସାମୟିକ ସୃଷ୍ଟି ଧ୍ୱଂସକାରୀ ଶକ୍ତି ଯେ ଭୁଲ ବୁଝି ପାରିଛି ସେ କାହାକୁ ନାହିଁ କରିପାରୁ ନାହିଁ । ସେ ମହିଷା ଶରୀରରୁ ବର୍ଚ୍ଛା କାଢ଼ିଲେ ନାହିଁ । ତାର ଯନ୍ତ୍ରଣା ହାର ପାଇଁ ତା ଉପରେ ପାଦ ରଖିଛନ୍ତି । ଏମିତି ଦେବୀଙ୍କର ନେତି ଶକ୍ତି ଯେ ବିନ୍ଧାରେ କାମ କରୁଛି । ସେ ହେଲେ ବିନ୍ଧ୍ୟବାସିନୀ । ସନ୍ଥସାଧୁଙ୍କର ଖୁବ କମ ଦ୍ରବ୍ୟରେ ଦିନ ଗୁଜରେ । ଲୋଟା କୌପିନ ଭରସାରେ ସମୟ କଟେ । ଆକାଶ ଛାତିରେ ତାଙ୍କର ବାସ ସେ ନମସ୍ୟ । ଫକୀରମାନେ ବି ବାଦାଶାଙ୍କର ନମସ୍ୟ ବୌଦ୍ଧ ଭିକ୍ଷୁମାନେ ସମ୍ରାଟ ଅଶୋକଙ୍କର ରାଜଦରବାରରେ ପହଞ୍ଚିଲା ମାତ୍ରେ ଅଶୋକ ତାଙ୍କୁ ସାଷ୍ଟାଙ୍ଗ ପ୍ରଣାମ କରୁଥିଲେ । କାରଣ ସେମାନେ ଇନ୍ଦ୍ରିୟଜିତ ସମ୍ରାଟଙ୍କଠାରୁ ମହାସମ୍ରାଟ । କିନ୍ତୁ ସନ୍ଥ ସାଧୁଙ୍କର ଆଶ୍ରମ ଥାଟବାଟ ଦେଖିଲେ ଯେ କେହି କ'ଣ ଭାବିବ ଶାସ୍ତ୍ରବାକ୍ୟରେ ଭୁଲ ଲେଖା ଏହା ହିଁ ପ୍ରମାଣ ଖୋଜିବା ।

ଦିଅଁ କ୍ଷେତ ଦର୍ଶନକୁ ଆତ୍ମବଳ ବୃଦ୍ଧି ପାଇଁ ହତାଶ ହୋଇ ପଡ଼ିଥିବାମାନେ ଯାଆନ୍ତି । ଅନେକ କଷ୍ଟ ପଥକଷ୍ଟ, ଅର୍ଥ ଅଭାବ, ଉପବାସରେ ଲାଇନ ଲଗାଇ ଖରା ବର୍ଷାରେ ପଦାରେ ପଡ଼ିଥିବାବେଳେ ରାଜପୁରୁଷମାନେ ସ୍ୱତନ୍ତ୍ର ଭାବରେ ଏକାକୀ ଦର୍ଶନ କରିବେ ଏ ବେଳରେ ଦର୍ଶନାର୍ଥୀମାନେ ଅପେକ୍ଷା କରିବାକୁ ବାଧ୍ୟ । ପ୍ରକୃତରେ କ'ଣ ରାଜପୁରୁଷମାନେ ବଡ଼ ଭକ୍ତ ନା ଅର୍ଥ ଲୋଭରେ ସେବକମାନେ ତାଙ୍କୁ ଏପରି କରାଉଛନ୍ତି । ସେମାନେ ଯଦି ମନେକରନ୍ତି ମାନବ ସେବା ହିଁ ମାଧବ ସେବା ଆଉ ଅପେକ୍ଷାକୃତ ଲୋକଙ୍କୁ ସେଠାରେ ସମ୍ଭାଷଣ କରି ଜନତାଙ୍କୁ ସମ୍ବୋଧନ କରି କହିଯାଆନ୍ତେ ଯେ ରାଜକାର୍ଯ୍ୟ ଅଛି ମୁଁ ଦର୍ଶନକୁ ଆପଣମାନଙ୍କର ଅନୁମତିରେ ଯିବାକୁ ଚାହୁଁଛି ତେବେ ପଦାରେ ତାଙ୍କର ଜୟ ଜୟକାର ଭିତରେ ତାଙ୍କର ପ୍ରକୃତ ଦିଅଁ ଦର୍ଶନ ଫଳ ମିଳନ୍ତା । ମାତ୍ର ଏକଥା ତାଙ୍କୁ କହିବ କିଏ ? ଏବେ ତୀର୍ଥଗୁରୁମାନେ ଉଦର ପୋଷଣରେ ରହିଛନ୍ତି ମାତ୍ର । ଏପରି ସ୍ଥାନ ବୈକୁଣ୍ଠ ହୋଇଯାଆନ୍ତା, ମର୍ତ୍ତ୍ୟ ବୈକୁଣ୍ଠ । ବିରୋଧି ଦଳ ସଭା କରୁଛନ୍ତି । ତାଙ୍କୁ ଠେଙ୍ଗେଇ ଛତ୍ରଭଙ୍ଗର ବ୍ୟବସ୍ଥା କରାଯାଉଛି ବା ସଭା ଆହୁତିକୁ ସଭା ସ୍ଥଳ ସ୍ଥାନ ସରକାରୀ ଏକ ବିଭାଗ ବ୍ୟବସ୍ଥା କରୁଛନ୍ତି । ବିରୋଧି ଦଳର ମୂଳ ଉତ୍ସ ଶାସନ ମୁଖ୍ୟ ଜାଣନ୍ତି, ତାଙ୍କ ପାଖରେ ଖବର ପହଞ୍ଚିବା ମାତ୍ରେ ବିରୋଧି ଦଳ କ'ଣ ମାଗଁ ତାର ସମାଧାନ ବାଟ କ'ଣ ଖୋଲିପାରନ୍ତେ ନାହିଁ । ବେଳକୁ ବେଳ ହିଂସା ହାନି ବାଟ କାହିଁକି ଡକାଯାଉଛି । ଏଥିରେ କ'ଣ ବୈକୁଣ୍ଠ ହେବ କି ?

ପୂର୍ବେ ଭିକ୍ଷା ଦାନ ଏକ ଧର୍ମୀୟ କାର୍ଯ୍ୟ ଥିଲା । ଇସଲାମ ଧର୍ମରେ ପକାତ୍ ଅଛି । ବହୁ ଧର୍ମପୀଠରେ ଲଙ୍ଗର ବ୍ୟବସ୍ଥା କରାଯାଉଛି । ହେଲେ ସରକାର ଏହି ଧର୍ମୀୟ କାର୍ଯ୍ୟକୁ ରୁଦ୍ଧ କରିଦେବା ଦେଖାଗଲାଣି । ଯେତେବେଳେ ଭିକ୍ଷା ନମିଳେ ସେ ସମୟକୁ ଦୁର୍ଭିକ୍ଷ କୁହାଯାଏ । ଅତଏବ ଏବେ ଦୁର୍ଭିକ୍ଷ ବେଳା । ପ୍ରକୃତରେ କିଏ ଦରିଦ୍ର ଏ ପର୍ଯ୍ୟନ୍ତ ଚିହ୍ନଟ ଠିକ ସରକାର ଜନଗଣନା କରି ବି ଧରି ପାରୁନାହାଁନ୍ତି ଏହା ହିଁ ଭାବିବାର ବିଷୟ । ଥିଲା ଲୋକେ କେବେ ହୀନ କାମ କରନ୍ତି ନାହିଁ କି, ଭିକାରୀ ସେମିତି ଭିକ୍ଷା ନଅନ୍ତି ନାହିଁ । କେନ୍ଦରା ବଜାଇ କିଏ ଉପଦେଶ ଦେଇ କିଏ ଦେବତାର ପାଦୁକ ଦେଇ କିଏବା ଅତିଥି ହୋଇ ଭିକ୍ଷା ଗ୍ରହଣ କରନ୍ତି । ଭିକ୍ଷା ଦାନରୁ ବଡ଼ ଦାନ ପ୍ରକୃତି ଆରମ୍ଭ ହୁଏ । କୃଷକଠାରୁ ଭିକ୍ଷାଦାନକାରୀ କେହି ବଡ଼ ନାହାଁନ୍ତି । ଚଢ଼େଇ ମୂଷା କ୍ଷେତରୁ ହଳା ମାଗନ୍ତା, ପୁଣି ନିଜର ବର୍ଷକ ଶ୍ରାଦ୍ଧ ମେଳରେ ବହୁଜନ ଭୋଜନ କ୍ରିୟା, ଝିଅ ଝିଆରୀଙ୍କୁ ଭାଇ ବେଭାର ଏସବୁ ଏବେ ବି ଅଛି । ପରିବାର କେବେ କୃଷକର ସୀମିତ ନୁହେଁ । ଚାଷବାସର ଆନୁସଙ୍ଗିକ ସହାୟକ ବଢ଼େଇ, କମାର, କୁମ୍ଭାର, ନାପିତ, ଧୋବା, ଶଙ୍ଖୁଆ, ତେଲିଆ ଏସବୁ ବାହ୍ୟ ପରିବାର କୃଷକ ପରିବାରରେ ଜଡ଼ିତ । ଏପରିକି ଅଗ୍ରଭାଗ ଅଗ୍ରହାରୀରେ ନିଷ୍ଟେ ଏକ ପୁରୋହିତ ବ୍ରାହ୍ମଣ ପରିବାରକୁ ପରିବାର ସହ ବନ୍ଧା ଯାଇଛି । ହେଲେ ଏଇ ଭିକ୍ଷା ବନ୍ଦର ଭିନ୍ନ ଦିଗ ନଦେଖି ଭିକ୍ଷା ବନ୍ଦ କରିଦେଲେ କେବେ ମାଟି ବୈକୁଣ୍ଠ ହୋଇ ନପାରେ । ଲୋକେ ଭରସା ରଖି ଭୋଟ ଦେଇଛନ୍ତି ସମୂହ ଉନ୍ନତି ହେଲେ ସେମାନଙ୍କର ଉନ୍ନତି ହେବ ମାତ୍ର ଏହା କ'ଣ ସ୍ଥିର ମସ୍ତିଷ୍କରେ ଭାବିଲେ ଠିକ ଉନ୍ନତି ଲୋକଙ୍କର ହେଉଛି କି ? ଅର୍ଥ ବାଟମାରଣା ହେବା କ'ଣ କର୍ତ୍ତାମାନେ ଜାଣୁନାହାଁନ୍ତି । ତେବେ ବୈକୁଣ୍ଠ କେମିତି ହେବ ?

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**
*ପିସି ସରକାର ଲେନ୍, ଅରୁଣୋଦୟ ନଗର, କଟକ, ଦୂରଭାଷ: ୯୪୩୭୧୦୩୧୨୫୩*

## ଆଜିର ଅନୁଚିନ୍ତା

*ବାଳିକା ଭଳି ନିରୀହ ହୁଅ ।*
*ବୃଦ୍ଧମାନଙ୍କ ଭଳି ସ୍ଥିତପ୍ରଜ୍ଞ ହୁଅ ।*

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ପ୍ରାଚ୍ୟଶିକ୍ଷାକୁ ବିଲୋପ କରିବା ପାଇଁ ଲର୍ଡ ମାକୁଲେଙ୍କ ଭୂମିକା

**ପ୍ରଦୀପ୍ତ କୁମାର ଜେନା**



**ବ୍ରି**ଟିସର୍ସମାନେ ଭାରତବର୍ଷର ଶାସନକଳକୁ ନିଜ ନିୟନ୍ତ୍ରଣରେ ନେବାପରେ ଭାରତୀୟ ମୂଳ ବୈଦିକ ବିଚାରଧାରା ଉପରେ ଗଢ଼ି ଉଠିଥିବା ଗୁରୁକୁଳ ଶିକ୍ଷା ପଦ୍ଧତି ଉପରେ ଏକ ସର୍ବେକ୍ଷଣ କରିଥିଲେ ଓ ସେମାନେ ଜାଣିବାକୁ ପାଇଥିଲେ ଯେ ୭ ଲକ୍ଷ ୩୨ ହଜାର ଗୁରୁକୁଳରେ ସେହି ସମୟରେ ଶିକ୍ଷାଦାନ କରାଯାଉଥିଲା । ଗୁରୁକୁଳ ଶିକ୍ଷାପଦ୍ଧତି ବୈଦିକକାଳରୁ ପ୍ରଚଳିତ ହୋଇ ଆସୁଥିଲା । ତ୍ରେତୟା ଯୁଗରେ ଭଗବାନ ରାମଚନ୍ଦ୍ର, ଦ୍ୱାପରରେ ପ୍ରଭୁ ଶ୍ରୀକୃଷ୍ଣ, ପାଣ୍ଡବ ଓ କୌରବମାନେ ଗୁରୁଗୃହରେ ରହି ଶିକ୍ଷାଲାଭ କରୁଥିଲେ । ଗୁରୁଗୃହରେ ଚାଲୁଥିବା ବିଦ୍ୟାଳୟକୁ ଗୁରୁକୁଳ ବୋଲି କୁହାଯାଏ । ଭିଭିନ୍ନ ଉପନିଷଦରେ ଗୁରୁକୁଳ କଥା ଉଲ୍ଲେଖ ଅଛି । ଆରୁଣି ଓ ନଚିକେତା ଆଦି ଉପାଖ୍ୟାନରୁ ଏହା ପ୍ରମାଣିତ ହୁଏ । ଆରୁଣି କିଭଳି ଗୁରୁଙ୍କ ନିର୍ଦ୍ଦେଶରେ ତାଙ୍କ ଜମିକୁ ଦେଖିବାକୁ ଯାଇଥିଲେ ଓ ବର୍ଷାପାଣିକୁ ଅଟକାଇ ନପାରି ନିଜେ ବିଲରେ ଶୋଇପଡି ପାଣିର ସ୍ରୋତକୁ ଅଟକାଇଥିଲେ ସମସ୍ତେ ଏ କଥା ଜାଣିଛନ୍ତି । ଗୁରୁକୁଳରେ ସଂସ୍କୃତ, ବେଦବେଦାନ୍ତ, ଉପନିଷଦ ସାହିତ୍ୟ, ଗଣିତ, ବ୍ୟାକରଣ, ଶସ୍ତ୍ରବିଦ୍ୟା, ଯୋଗ ପ୍ରାଣାୟମ, ଧର୍ମ, ଭୂଗୋଳ, ଇତିହାସ, କଳା, ସଙ୍ଗୀତ ଆଦି ଶିକ୍ଷା ଦିଆଯାଉଥିଲା । ବିଶେଷ କରି ଉଚ୍ଚବର୍ଣ୍ଣର ଯଥା: ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ପିଲାମାନେ ଗୁରୁକୁଳରେ ବିଦ୍ୟା ଶିକ୍ଷାଲାଭ କରୁଥିଲେ । ଆଚାର୍ଯ୍ୟ ବା ଗୁରୁ ମୁଖ୍ୟତଃ ବ୍ରାହ୍ମଣ ବର୍ଣ୍ଣର ଥିଲେ । ସ୍ତ୍ରୀ କିମ୍ବା ଶୂଦ୍ର ବର୍ଣ୍ଣର ପିଲାମାନଙ୍କୁ ଗୁରୁକୁଳରେ ବିଦ୍ୟା ଶିକ୍ଷା କରିବାର ଅନୁମତି ନଥିଲା । ସେହି ସମୟରେ ଶୂଦ୍ର ବର୍ଣ୍ଣର ପିଲାମାନେ ବିଦ୍ୟାଧ୍ୟୟନ କରୁ ନ ଥିଲେ । ପିଲାଟିଏ ଯେତେବେଳେ ତା'ର ପାଠ ପଢିବାର ବୟସ ଆସୁଥିଲା, ଅର୍ଥାତ ଛ' ବର୍ଷ ପରେ ତା'ର ପିତାମାତା ପିଲାଟିକୁ ନେଇ ଗୁରୁଗୃହରେ ଛାଡି ଦେଉଥିଲେ । ପିଲାଟି ତା'ର ବିଦ୍ୟା ସମାପ୍ତି ପର୍ଯ୍ୟନ୍ତ ପାଖପାଖି ୨୫ ବର୍ଷ ପର୍ଯ୍ୟନ୍ତ ଗୁରୁଗୃହରେ ରହି ପାଠ ପଢୁଥିଲା । ପାଠପଢ଼ା ପାଇଁ ପିତାମାତାଙ୍କୁ କୌଣସି ଖର୍ଚ୍ଚ ଦେବାକୁ ପଡୁନଥିଲା । ପାଠପଢା ସମାପ୍ତି ହେବାପରେ ଗୁରୁଙ୍କୁ ଦକ୍ଷିଣା ସ୍ୱରୂପ କିଛି ଅର୍ଥ କିମ୍ବା କିଛି ଉପହାର ଦେଇ ପିଲାଟି ଗୁରୁଙ୍କଠାରୁ ଋଣମୁକ୍ତ ହେଉଥିଲା । 'ଭାଗବତ ମାହାତ୍ମ୍ୟ'ରେ କୁହାଯାଇଛି ବିଦ୍ୟା ବିକ୍ରୟ ପାଇଁ ଉଦ୍ଦିଷ୍ଟ ନୁହେଁ । ବିଦ୍ୟା ବଣ୍ଟା ଯାଏ । ସ୍ଥଳବିଶେଷରେ ଗୁରୁକୁଳଗୁଡିକ ପରିଚାଳନା ପାଇଁ ରାଜା ମହାରାଜା ଓ ଜମିଦାରମାନେ ଆର୍ଥିକ ସାହାଯ୍ୟ ଯୋଗାଇ ଦେଉଥିଲେ, ଏପରିକି କିଛି ମନ୍ଦିରରୁ ଉପାର୍ଜିତ ଅର୍ଥରେ ଗୁରୁକୁଳ ପରିଚାଳିତ ହେଉଥିଲା । ପିଲାଟି ଗୁରୁକୁଳରେ ଚରିତ୍ର ଗଠନ, ସଂସ୍କାର, ଶୃଙ୍ଖଳା ଶିକ୍ଷା କରିବା ସହିତ ବ୍ରହ୍ମଚର୍ଯ୍ୟ ପାଳନ, ଯୋଗ ଓ ନିୟମିତ ପ୍ରାଣାୟମ କରି ଏକ ସୁସ୍ଥ ଓ ନିରାମୟ ଜୀବନଯାପନ କରୁଥିଲା । ଗୁରୁକୁଳରେ ଆଧ୍ୟାତ୍ମିକ ଶିକ୍ଷାଲାଭ କରିବା ଫଳରେ ସେ ଈଶ୍ୱରବିଶ୍ୱାସୀ ହେଉଥିଲା ଓ ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କୁ ଈଶ୍ୱରଙ୍କ ସନ୍ତାନ ଭାବି ସମ୍ମାନ କରୁଥିଲା । ସନାତନ ସଂସ୍କୃତିରେ ଚାରି ବର୍ଣ୍ଣାଶ୍ରମ ପ୍ରଥା ପ୍ରଚଳିତ ଥିଲା ଓ ତାହା ପ୍ରାଚୀନ କାଳରେ କାର୍ଯ୍ୟକାରୀ ହେଉଥିଲା । ଆଜିର ଆଧୁନିକ ସମାଜରେ ଚାରିବର୍ଣ୍ଣା ଶ୍ରମ କଥା କହିଲେ ପିଲାମାନେ ହସି ଉଡେଇ ଦେବେ । ତତ୍କାଳିନ ସମାଜରେ ପିଲାଟିର ଶିକ୍ଷା ଗ୍ରହଣ କରିବାର ସମୟ ଆସିଲେ ବା ତାକୁ ଛ' ବର୍ଷ ହେଲେ ତା'ର ପିତାମାତା ତାକୁ ନେଇ ଗୁରୁକୁଳରେ ଛାଡି ଆସୁଥିଲେ । ସେ ସେଠାରେ ପ୍ରାପ୍ତବୟସ୍କ ହେବା ପର୍ଯ୍ୟନ୍ତ ବିଦ୍ୟାଶିକ୍ଷା କରୁଥିଲା । ଏହା ଥିଲା ଆଶ୍ରମର ପ୍ରଥମ ବ୍ୟବସ୍ଥା । ଏହାକୁ କୁହାଯାଏ ବ୍ରହ୍ମଚାର୍ଯ୍ୟ । ପିଲାଟିକୁ ୨୫ ବର୍ଷ ହେବାପରେ ସେ ନିଜ ଘରକୁ ଫେରୁଥିଲା ଓ ବିବାହ ବନ୍ଧନରେ ବାନ୍ଧି ହୋଇ ସାଂସାରିକ କାର୍ଯ୍ୟରେ ମନୋନିବେଶ କରୁଥିଲା । ପ୍ରାୟ ୫୫/୬୦ବର୍ଷ ପର୍ଯ୍ୟନ୍ତ ସେ ସଂସାରରେ କର୍ତ୍ତବ୍ୟରତ ରହୁଥିଲା । ଏହି ଅବସ୍ଥାକୁ ଆଶ୍ରମର ଦ୍ୱିତୀୟ ବ୍ୟବସ୍ଥା ବା ଗାର୍ହସ୍ଥ୍ୟ ବୋଲି କୁହଯାଉଥିଲା । ଆଶ୍ରମର ତୃତୀୟ ବ୍ୟବସ୍ଥା ଥିଲା ବାନପ୍ରସ୍ଥ । ଏହି ସମୟରେ ମଣିଷ ସଂସାର ଭିତରେ ଥାଇ ମଧ୍ୟ ସାଂସାରିକ ମୋହମାୟାରୁ ନିଜକୁ ଦୂରେଇ ରଖି ଭଗବାନଙ୍କୁ ଭଜନ କରିଥାଏ । ଆଶ୍ରମର ଚତୁର୍ଥ ବ୍ୟବସ୍ଥା ସନ୍ୟାସ । ଏହି ହେଉଛି ଜୀବନର ଶେଷ ଅବସ୍ଥା । ମଣିଷ ଏହି ଅବସ୍ଥାରେ ଗୃହ ତ୍ୟାଗ କରି ଏକପ୍ରକାର ସନ୍ୟାସୀ ଜୀବନଯାପନ କରେ ଓ ଭଗବାନଙ୍କ ସାନ୍ନିଧ୍ୟ ଲାଭ କରିବାକୁ ଜପ, ଧ୍ୟାନ ଓ ଧାରଣ ଆଦିରେ ନିଜକୁ ନିୟୋଜିତ କରିଥାଏ । ଏହି ଚାରି ଆଶ୍ରମ ଭିତରୁ ପ୍ରଥମ ଅବସ୍ଥା ଗୁରୁଗୃହରେ କଟିଥାଏ । ମଣିଷ ଗୁରୁଙ୍କଠାରୁ ସମସ୍ତ ବିଦ୍ୟା ବିଶେଷକରି ଆଧ୍ୟାତ୍ମିକ ଶିକ୍ଷାଲାଭ କରି ତା'ର ଭବିଷ୍ୟତ ଜୀବନକୁ ଶୃଙ୍ଖଳିତ କରେ । ତା'ର ପୂର୍ବ ପୁରୁଷମାନଙ୍କ ବୀରତ୍ୱ ଶ୍ରବଣ କରି ନିଜକୁ ଜଣେ ରାଷ୍ଟ୍ରଭକ୍ତ ଭାବେ ଗଢି ତୋଳେ । ଗୁରୁକୁଳରେ ଛାତ୍ର ଓ ଗୁରୁ ଏକତ୍ର ବାସ କରନ୍ତି । ଛାତ୍ରମାନେ ଗୁରୁଙ୍କୁ ଭଗବାନଙ୍କ ପ୍ରତିରୂପ ବୋଲି ବିଚାର କରିଥା'ନ୍ତି । ଗୁରୁ ଗୃହରେ ଧନୀ ଓ ଗରିବ ସମସ୍ତଙ୍କୁ ଏକ ଭଳି ବିଚାର କରାଯାଏ । ପିଲାମାନଙ୍କ ଭିତରେ ଭାଇଚାରା, ପ୍ରେମ ଓ ଭଲ ପାଇବା ସୃଷ୍ଟି ହୁଏ । ଗୁରୁଙ୍କ ପ୍ରତି ଭକ୍ତି ଥାଏ; କିନ୍ତୁ ଭୟ ନଥାଏ । ଫଳରେ ଛାତ୍ରମାନେ ସେମାନଙ୍କ ମନରେ ଥିବା ସମସ୍ତ ପ୍ରଶ୍ନ ନିର୍ଭୟରେ ଗୁରୁଙ୍କୁ କରିଥା'ନ୍ତି । ତ୍ୟାଗ, ନିଃସ୍ୱାର୍ଥପର ସେବା, ପରୋପକାର, ରାଷ୍ଟ୍ରଭକ୍ତି ଭଳି ମାନବୀୟ ଗୁଣ ଗୁରୁଙ୍କଠାରୁ ଶିକ୍ଷାଲାଭ କରି ସେମାନେ ଜଣେ ଜଣେ ଉଚ୍ଚ ମାନବିକ ମୂଲ୍ୟବୋଧସମ୍ପନ୍ନ ମଣିଷ ଭାବେ ସମାଜରେ ପ୍ରତିଷ୍ଠା ଲାଭ କରନ୍ତି । ଗୁରୁକୁଳରେ ସେମାନଙ୍କ ସାମଗ୍ରିକ ବିକାଶ ଯଥା–ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ବିକାଶ, ଅନ୍ତର୍ନିହିତ ଶକ୍ତିର ପରିପ୍ରକାଶ ଘଟିଥାଏ । ତା'ର ଦକ୍ଷତା ବୃଦ୍ଧି ପାଇଥାଏ । ଫଳରେ ସେ ନିଜକୁ ସ୍ୱୟଂସମ୍ପୂର୍ଣ୍ଣ ଭାବେ ପରେ କିଛି କରିବା ପାଇଁ ସାହସ ପୋଷଣ କରିପାରେ । ବ୍ରିଟିସର୍ସମାନେ ଯେତେବେଳେ ଗୁରୁକୁଳ ଶିକ୍ଷା ପଦ୍ଧତିକୁ ଅନୁଶୀଳନ କଲେ, ସେମାନେ ଜାଣିଲେ ଗୁରୁକୁଳ ଶିକ୍ଷା ସବୁଠାରୁ ଉନ୍ନତ ଧରଣର ଶିକ୍ଷା । ଯଦି ଭାରତୀୟମାନେ ଏହି ଶିକ୍ଷା ପଦ୍ଧତିକୁ ଅପଣାଇବେ, ତା'ହେଲେ ଭାରତରେ ବ୍ରିଟିଶ ସାମ୍ରାଜ୍ୟ ବେଶୀ ଦିନ ତିଷ୍ଠି ପାରିବ ନାହିଁ । ପ୍ରାଚ୍ୟଶିକ୍ଷା ପଦ୍ଧତିକୁ ବନ୍ଦ କରି ପାଶ୍ଚାତ୍ୟ ଶିକ୍ଷା ପ୍ରଚଳନ କରିବାର ପ୍ରୟାସ ଆରମ୍ଭ କଲେ । ସେମାନେ ପ୍ରଥମେ ସଂସ୍କୃତ ଶିକ୍ଷା ଉପରେ ରୋକ୍ ଲଗାଇଲେ ଓ ସମସ୍ତ ଗୁରୁକୁଳ ଶିକ୍ଷାକୁ ଅସିଦ୍ଧ ଘୋଷଣା କଲେ । ଇଂରାଜୀକୁ ସରକାରୀ ଭାଷା ଭାବେ ଅଫିସ ଓ କୋର୍ଟ କଚେରୀରେ ବ୍ୟବହାର କଲେ । ସରକାରୀ ଚାକିରୀ କରିବା ପାଇଁ ଇଂରାଜୀକୁ ବାଧ୍ୟତାମୂଳକ ଭାବେ ନିଆଗଲା । ଭାରତରେ ଇଂରାଜୀ ପାଠ ଶିକ୍ଷାଦାନ ପାଇଁ ସ୍କୁଲ ଓ କଲେଜମାନ ଖୋଲାଗଲା । ଯେଉଁମାନେ ଇଂରାଜୀ ପଢିଲେ ସେମାନଙ୍କୁ ପ୍ରୋତ୍ସାହନ ଦିଆଗଲା । ଫଳରେ ଲୋକମାନେ ଗୁରୁକୁଳ ଆଡୁ ମୁହଁ ଫେରାଇ ଆଣି ଇଂରାଜୀ ସ୍କୁଲ ଓ କଲେଜରେ ପାଠ ପଢ଼ିବାକୁ ଆରମ୍ଭ କଲେ । ଆସ୍ତେ ଆସ୍ତେ ପ୍ରାଚୀନ ଗୁରୁକୁଳ ଶିକ୍ଷା ପଦ୍ଧତି ଯେଉଁ ଶିକ୍ଷା ଏକ ଚରିତ୍ରବାନ ଶୃଙ୍ଖଳିତ ଦେଶଭକ୍ତ ତିଆରି କରୁଥିଲା, ତାହା ଲୋପ ପାଇଗଲା । ଇଂରେଜମାନେ ଜାଣିଶୁଣି ଗୁରୁକୁଳଗୁଡିକୁ ବନ୍ଦ କରିଦେଇ ଭାରତୀୟମାନଙ୍କୁ ମାନସିକ ସ୍ତରରେ ଇଉରୋପିୟାନ କରିଦେଲେ । ଲର୍ଡ ଥୋମାସ ବବିଙ୍ଗଟନ ମାକୁଲେ ଯେ କି ବ୍ରିଟିଶ ପାର୍ଲିଆମେଣ୍ଟାରିଆନ ଥିଲେ ସେ ୧୮୫୮ ମସିହାରେ ଭାରତରେ ନୂଆ ଏଜୁକେସନ୍ ଆକ୍ଟ ପ୍ରଚଳନ କଲେ । ଏହାପୂର୍ବରୁ ୧୮୩୫ ମସିହାରେ ଭାରତରେ ନୂତନ ଶିକ୍ଷାନୀତି ଲାଗୁ କରିଥିଲେ । ତାଙ୍କ କହିବାର ଥିଲା ମିଲିଟାରୀ ଦ୍ୱାରା ଭାରତରେ ପ୍ରଭୁତ୍ୱ ବିସ୍ତାର ନକରି କେବଳ ଭାରତୀୟ ଗୁରୁକୁଳ ଶିକ୍ଷା ପଦ୍ଧତିକୁ ବନ୍ଦ କରିଦେଲେ ସବୁ ସମସ୍ୟାର ସମାଧାନ ହୋଇଯିବ । ବାସ୍ତବରେ ତାହାହିଁ ହେଲା । ଆସ୍ତେ ଆସ୍ତେ ଭାରତୀୟମାନେ ନିଜସ୍ୱ ପ୍ରାଚୀନ ସଂସ୍କୃତି ଧର୍ମକଳା, ସାହିତ୍ୟକୁ ଭୁଲି ପାଶ୍ଚାତ୍ୟାଭିମୁଖୀ ହେଲେ । ଗୀତା, ଭାଗବତ, ବେଦ, ଉପନିଷଦ ପରିବର୍ତ୍ତେ କିଟ୍ ସେଲି ବାଇରନ ୱାର୍ଡ୍‌ସୱାର୍ଥ ଆଦି ପାଶ୍ଚାତ୍ୟ ଲେଖକମାନଙ୍କ ସାହିତ୍ୟକୁ ପଢିଲେ । କବି ଫକୀରମୋହନ ସେନାପତି ତାଙ୍କ 'ମୁଁ ହାଟ ବାହୁଡା' କବିତାରେ ଠିକ୍ ଏହି କଥା ଉଲ୍ଲେଖ କରିଛନ୍ତି । ମାକୁଲେଙ୍କ ଶିକ୍ଷାନୀତି ଭାରତୀୟମାନଙ୍କ ମେରୁଦଣ୍ଡ ଭାଙ୍ଗିଦେଇଥିଲା । ମାନସିକ ସ୍ତରରେ ଭାରତୀୟମାନେ ଇଉରୋପିୟାନ୍ ହୋଇଯାଇଥିଲେ । ପ୍ରାଚୀନ ଗୁରୁକୁଳ ଶିକ୍ଷା ମଣିଷକୁ ଏକ ଆଦର୍ଶ ନୀତିନିଷ୍ଠ ଚରିତ୍ରବାନ ରାଷ୍ଟ୍ରଭକ୍ତ ଭାବରେ ଗଢିତୋଳିବାକୁ ପ୍ରେରଣା ଦେଉଥିଲା ବେଳେ ପାଶ୍ଚାତ୍ୟ ଇଂରେଜ ଶିକ୍ଷା କେବଳ ଭାରତୀୟମାନଙ୍କୁ ଗୋଲାମୀ ପାଇଁ ଉଦ୍ଦିଷ୍ଟ ଥିଲା । ପାଶ୍ଚାତ୍ୟ ଶିକ୍ଷାଲାଭ ଫଳରେ ତା'ର ନୈତିକତା ଓ ଚାରିତ୍ରିକ ସ୍ଖଳନ ହେଲା । ଫଳରେ ସେ ବ୍ରହ୍ମଚର୍ଯ୍ୟର ମୂଲ୍ୟବୋଧକୁ ଦୂରେଇଦେଲା । ପ୍ରାଚ୍ୟଶିକ୍ଷା କେବଳ ଜ୍ଞାନ ଆହରଣ ପାଇଁ ଉଦ୍ଦିଷ୍ଟ ନଥିଲା । ସେ ଏକ ଆଦର୍ଶ ନୀତିନିଷ୍ଠ ମଣିଷ ତିଆରି କରୁଥିଲା । ପାଶ୍ଚାତ୍ୟ ଶିକ୍ଷା ଫଳରେ ମଣିଷ ଜ୍ଞାନ ଆହରଣ କଲା । ଡାକ୍ତର, ଇଞ୍ଜିନିୟର, ଆଇଏଏସ୍, ଆଇପିଏସ୍ ହେଲେ; କିନ୍ତୁ ମଣିଷ ତିଆରି କଲାନାହିଁ । ଲାଡେନ ଜଣେ ଇଞ୍ଜିନିୟର ଥିଲା, ଯାକୁବ ମେନନ୍ ଜଣେ ଚାର୍ଟଡ୍ ଆକାଉଣ୍ଟାଣ୍ଟ ଥିଲା, ହେଲେ ସେମାନେ ମଣିଷ ମାରୁଥିଲେ । ସେ ପାଠର ମୂଲ୍ୟ କ'ଣ ? ଯଦି ମଣିଷ ପାଖରେ ମଣିଷପଣିଆ ନାହିଁ, ମାନବିକ ମୂଲ୍ୟବୋଧ କ'ଣ ଜାଣିନାହିଁ, ସେ ଯେତେ ପଢିଲେ ମୂର୍ଖଙ୍କ ସହିତ ସମାନ । ସୁଖସ୍ୱାଚ୍ଛନ୍ଦ୍ୟରେ ବଞ୍ଚିବା ପାଇଁ ଆଧୁନିକ ଶିକ୍ଷା ଆମ୍ଭଙ୍କୁ ପ୍ରେରଣା ଦେଲାବେଳେ ପ୍ରାଚ୍ୟଶିକ୍ଷା ଆମକୁ କହୁଥିଲା ନିଜେ ମରି ଅନ୍ୟକୁ ବଞ୍ଚାଇବା ପାଇଁ । ଭୀମ ଭୋଇ କହିଥିଲେ 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ ।' ଠିକ୍ ସେଇଭଳି ଗୋପବନ୍ଧୁ ଦାଶ କହିଥିଲେ, 'ମିଶୁ ମୋର ଦେହ ଏ ଦେଶ ମାଟିରେ, ଦେଶ ବସି ଚାଲି ଯାଆନ୍ତୁ ପିଠିରେ ।' ଏ ଯେଉଁ ଦେଶଭକ୍ତ ରାଷ୍ଟ୍ରୀୟତା ମାନବିକ ମୂଲ୍ୟବୋଧ କେବଳ ପ୍ରାଚୀନ ଗୁରୁକୁଳ ହିଁ ଶିକ୍ଷା ଦେଉଥିଲା । ଇଂରେଜମାନେ ଆମ ଶିକ୍ଷା ପଦ୍ଧତିକୁ ନଷ୍ଟ କଲେ ନାହିଁ ଯେ ଆମ ଭିତରେ ଥିବା ମାନବିକ ମୂଲ୍ୟବୋଧ ଓ ମଣିଷପଣିଆକୁ ମାରିଦେଲେ । ଆମ୍ଭେ ଆମ୍ଭର ଗୌରବମୟ ପରମ୍ପରା, ସଂସ୍କୃତିକୁ ଭୁଲି ପାଶ୍ଚାତ୍ୟ କଳା ସଂସ୍କୃତି, ବେଶପୋଷାକକୁ ଆପଣେଇନେଲେ । ଇଂରେଜମାନେ ଭାରତରୁ ଚାଲିଗଲାପରେ ଦେଶରେ ପାଖାପାଖି ୫୬ ବର୍ଷ କଂଗ୍ରେସ କେନ୍ଦ୍ରରେ ଶାସନ କଲା । ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ୧୯୬୮ ମସିହାରେ ସ୍ୱାଧୀନତା ପରେ ପ୍ରଥମ କୋଠାରି କମିଶନଙ୍କ ରିପୋର୍ଟ ଉପରେ ନୂଆ ଏଜୁକେସନ ପଲିସି ଆଣିଲେ । ଏହାପରେ ୧୯୮୬ ମସିହାରେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଅମଳରେ ଦ୍ୱିତୀୟଥର ଏଜୁକେସନ ପଲିସି ଭାରତବର୍ଷରେ ଲାଗୁ ହୋଇଥିଲା । ୧୯୮୬ରେ ଲାଗୁ ହୋଇଥିବା ଏଜୁକେସନ୍ ପଲିସିକୁ ୧୯୯୨ରେ ସଂଶୋଧନ କରାଯାଇଥିଲା । ଆବୁଲ କଲାମ ଆଜାଦ୍ ସ୍ୱାଧୀନ ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ଥିଲେ । ଭାରତର ଇତିହାସରେ ପ୍ରକୃତ ସତ୍ୟକୁ ଉପସ୍ଥାପିତ ନକରି ଲୁଟେରା ମୋଗଲମାନଙ୍କୁ ମହିମାମଣ୍ଡିତ କରାଗଲା । କୁହାଗଲା ଆକବର ଦି ଗ୍ରେଟ୍ । ବୀର ରାଣାପ୍ରତାପ, ଶିବାଜୀଙ୍କ ଭଳି ଭାରତର ଗୌରବମାନଙ୍କୁ ଇତିହାସରେ ସ୍ଥାନିତ କରାଗଲାନାହିଁ । ଭାରତୀୟ ସଂସ୍କୃତି, ଧର୍ମ ସମ୍ବନ୍ଧୀୟ ଶାସ୍ତ୍ର ଯଥା: ବେଦ, ପୁରାଣ, ଉପନିଷଦ, ବେଦାନ୍ତ ଆରଣ୍ୟକ ଗୀତା ଆଦି ଅଧ୍ୟୟନ କରିବା ପାଇଁ ହିନ୍ଦୁମାନଙ୍କୁ ସ୍କୁଲ ଓ କଲେଜଗୁଡିକରେ ବାରଣ କରାଗଲା । ସେଥିପାଇଁ ସମ୍ବିଧାନରେ ଧାରା ୩୦ (କ)ରେ ମଧ୍ୟ ପ୍ରାବଧାନ ରହିଲା, ଯାହାଫଳରେ ହିନ୍ଦୁ ପିଲାମାନେ ନିଜର ଗୌରବମୟ ପରମ୍ପରା, ଧର୍ମ ସଂସ୍କୃତି ଜାଣିବା ପାଇଁ ସୁଯୋଗ ପାଇଲେ ନାହିଁ । ଛାତ୍ରମାନଙ୍କ ମନରେ ଆଧ୍ୟାତ୍ମିକ ଭାବନା ଓ ବିଶ୍ୱାସ ଆସିଲା ନାହିଁ । ଯାହାଫଳରେ ସମାଜ ବସ୍ତୁବାଦ ଆଡକୁ ଚାଲିଗଲା । ଶିକ୍ଷା ବ୍ୟବସାୟୀକରଣ ଓ ପାଶ୍ଚାତ୍ୟାଭିମୁଖୀ ହୋଇଯିବା ଫଳରେ ସମାଜରେ ନଗ୍ନତା, ନୈତିକତାର ଚାରିତ୍ରିକ ସ୍ଖଳନ ଦେଖାଦେଲା । ଅର୍ଥପିପାସୁ ମଣିଷ କେବଳ ଅର୍ଥ ପଛରେ ଗୋଡ଼ାଇଲା । ତା'ର ମଣିଷପଣିଆ ବା ମାନବିକ ମୂଲ୍ୟବୋଧ ହ୍ରାସ ଘଟିଲା । ତୃତୀୟ ଥର ପାଇଁ ୨୯ ଜୁଲାଇ ୨୦୨୦ରେ ବର୍ତ୍ତମାନର କେନ୍ଦ୍ର ସରକାର National Education Policy ନାମରେ ଏକ ନୂତନ ଶିକ୍ଷାନୀତିକୁ ଅନୁମୋଦନ କରିଛନ୍ତି, ଯେଉଁଥିରେ ଇତିହାସର ପ୍ରକୃତ ସତ୍ୟକୁ ଉତ୍ଥାପନ କରିବା ପାଇଁ ପ୍ରୟାସ କରାଯାଇଥିବା ବେଳେ ପିଲାର ଦକ୍ଷତା ବିକାଶ ଓ ସ୍ୱାବଲମ୍ବୀ ହେବାକୁ ପ୍ରେରଣା ଦିଆଯାଇଛି । କୁହାଯାଇପାରେ ପ୍ରାଚ୍ୟଶିକ୍ଷା ନୀତିକୁ ଅନୁକରଣ କରାଯାଇ ଏହି ଜାତୀୟ ଶିକ୍ଷା ନୀତି ପ୍ରସ୍ତୁତ କରାଯାଇଛି । ଏହି ଜାତୀୟ ଶିକ୍ଷାନୀତି ଭାରତବର୍ଷର ସମସ୍ତ ପ୍ରଦେଶରେ ଲାଗୁହେବା ପରେ ଛାତ୍ର ଜୀବନରେ କିଭଳି ପରିବର୍ତ୍ତନ ଆସୁଛି ତାହା ଦେଖିବାର ଅଛି । ଏବେବି RSS ପରିଚାଳିତ ସରସ୍ୱତୀ ଶିଶୁ ମନ୍ଦିରଗୁଡ଼ିକରେ ଗୁରୁକୁଳ ଶିକ୍ଷାନୀତିର କିଛି କିଛି ଛାପ ରହିଛି କହିଲେ ଭୁଲ ହେବ ନାହିଁ । ଭାରତବର୍ଷରେ ଏବେବି ଅନେକ ବିଦ୍ୟାଳୟ ଗୁରୁକୁଳର ନୀତିକୁ ଆପଣେଇ ପିଲାମାନଙ୍କୁ ଶିକ୍ଷା ପ୍ରଦାନ କରୁଛନ୍ତି । ଶିକ୍ଷାର ଜଗତିକରଣ ହୋଇଥିବା ସମୟରେ କେବଳ ପ୍ରାଚ୍ୟ ଶିକ୍ଷାନୀତିକୁ ଅନୁକରଣ କରି ବିଦ୍ୟାଧ୍ୟୟନ କଲେ ଦେଶପାଇଁ ଶୁଭଙ୍କର ନୁହେଁ । ପ୍ରାଚ୍ୟ ସହିତ ପାଶ୍ଚାତ୍ୟ ଶିକ୍ଷା ନିତାନ୍ତ ଜରୁରୀ । ନାହିଁ ତ' ଆମ୍ଭେ ପଛରେ ପଡିଯିବା । ଆମର ଭଲ ଇଞ୍ଜିନିୟର, ଡାକ୍ତର, ଆଇଏଏସ୍, ଆଇପିଏସ୍, ବୈଜ୍ଞାନିକ ହେବା ଦରକାର । ହେଲେ ଯାକୁବ ମେନନ୍ ଭଳି ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟ, ଲାଡେନ ଭଳି ଇଞ୍ଜିନିୟର ଦରକାର ନାହିଁ । ଅବଦୁଲ କଲାମଙ୍କ ଭଳି ବୈଜ୍ଞାନିକ ଦରକାର ।

*-ଅବସରପ୍ରାପ୍ତ ପୋଲିସ୍ ଅଫିସର, କଲ୍ୟାଣୀନଗର, କଟକ, ମୋ: ୮୨୪୯୨୮୧୫୬୭*

# ଡିଜିଟାଲ ସଶକ୍ତିକରଣ

**ଡ. ଅସୀମା ସାହୁ**

**ଆ**ଧୁନିକ ଭାରତରେ ଅଭିବୃଦ୍ଧି ହାରର ସ୍ଥିତି ନାଗରିକ କୈନ୍ଦ୍ରିକ ଇ-ସେବା ବ୍ୟବସ୍ଥାର ଗୁଣବଞ୍ଚା, ଦକ୍ଷତା, ଯୋଗାଣ ଓ ଯୋଗାଯୋଗ ଆଦି ଉପରେ ନିର୍ଭର କରେ । ତେଣୁ ୨୦୧୫ ମସିହାରେ ଆରମ୍ଭ ହୋଇଥିବା ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମରେ ନାଗରିକ କୈନ୍ଦ୍ରିକ ସେବା ପ୍ରଦାନ ଉପରେ ଗୁରୁତ୍ୱ ଆରୋପ କରାଯାଇଛି । ବର୍ତ୍ତମାନ ଆସନ୍ତୁ ବୁଝିନେବା ନାଗରିକ କୈନ୍ଦ୍ରିକ ଇ-ସେବା ବ୍ୟବସ୍ଥା କ'ଣ ? ନାଗରିକ କୈନ୍ଦ୍ରିକ ଇ-ସେବା ବ୍ୟବସ୍ଥା ହେଉଛି ସମାଜକୁ ସଶକ୍ତି କରିବା ଓ ଅର୍ଥନୈତିକ ପରିବର୍ତ୍ତନ ଆଣିବାର ଏ ମାଧ୍ୟମ । ମୋଟାମୋଟି ଭାବେ କହିବାକୁ ଗଲେ କାଗଜବିହୀନ (ପେପରଲେସ୍), ଉପସ୍ଥିତି ବିହୀନ (ପ୍ରେଜେନସ ଲେସ୍) ଓ ନଗଦବିହୀନ (କ୍ୟାସଲେସ୍) ସେବା ଦ୍ୱାରା ଅର୍ଥନୈତିକ ବ୍ୟବସ୍ଥାକୁ ଆପଣେଇ ନେବାପାଇଁ ଏହା ଏକ ଡିଜିଟାଲ୍ ପ୍ଲାଟଫର୍ମ । ସୂଚନା ଓ ପ୍ରଯୁକ୍ତିବିଦ୍ୟା ସହାୟତାରେ ମୋବାଇଲ୍ ନେଟ୍‌ୱାର୍କ, ଇଣ୍ଟରନେଟ ଓ ବିଜୁଳି ଆଦିର ସମ୍ପ୍ରସାରଣ ଦ୍ୱାରା ଏହା ସମ୍ଭବ ହୋଇପାରିଛି । ଯାହା ଦ୍ୱାରା ଗ୍ରାମ୍ୟ ଓ ସହରାଞ୍ଚଳ ରେ ସଂଯୋଗୀକରଣ ହେବା ସହ ଦୂରବର୍ତ୍ତୀ ଅଞ୍ଚଳ ଓ ଅବହେଳିତ ବର୍ଗ ମଧ୍ୟ ମୁଖ୍ୟସ୍ରୋତରେ ସାମିଲ ହୋଇ ପାରୁଛନ୍ତି ।

ଡିଜିଟାଲ ଇଣ୍ଡିଆ ଇ-କେନ୍ଦ୍ରିକ ସେବା ପାଇଁ ଆଧାରକାର୍ଡ ଓ ମୋବାଇଲ୍ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବା ସହ ନୂଆ ପରିଚୟ ଦେଇଅଛି । ଆମ ଦେଶରେ ଏପର୍ଯ୍ୟନ୍ତ ୧୨୩ କୋଟି ଲୋକଙ୍କ ଆଧାରକାର୍ଡର ଭୂମିକା ରହିଛି । ସେହିଭଳି ୩୬ କୋଟି ଲୋକ 'ଜନଧନ' ଯୋଜନାରେ ସାମିଲ ହୋଇଥିବା ବେଳେ ୧୧୮ କୋଟି ଲୋକ ମୋବାଇଲ୍ ଫୋନ୍ ସହ ସଂଯୁକ୍ତ ଅଛନ୍ତି । ଡିଜିଟାଲ୍ ଟ୍ରାନ୍‌ଜାକସନ୍‌ର ବୈଧତା ଓ ସତ୍ୟତା ନିର୍ଦ୍ଧାରଣ କରିବା ପାଇଁ ''ଆଧାର ଦକ୍ଷ ଇ-ସାଇନ୍'' ସୁବିଧା କରାଯାଇଛି । ମୋବାଇଲ୍ ସେବା ଫଳରେ ଗ୍ରାମାଞ୍ଚଳରେ ସରକାରୀ ସେବା ପହଞ୍ଚିବାରେ ସହଜ ହୋଇଛି । ସମଗ୍ର ଦେଶରେ ୨.୩ ଲକ୍ଷ ଗ୍ରାମ ପଞ୍ଚାୟତରେ ୩.୪୭ ଲକ୍ଷ ସାଧାରଣ ସେବାକେନ୍ଦ୍ର (ସି.ଏସ୍.ସି) ଲଗାଯାଇ ଲୋକଙ୍କୁ ପ୍ରାୟତଃ ୩୫୦ଟି ଡିଜିଟାଲ ସେବା ସ୍ୱଳ୍ପ ଖର୍ଚ୍ଚରେ ଯୋଗାଇ ଦିଆଯାଉଅଛି ।

ଏଇ ନିକଟରେ ଜାତୀୟ ବ୍ରଡବ୍ୟାଣ୍ଡ ମିଶନର ଶୁଭାରମ୍ଭ ହୋଇଛି ଏହି ଏନ ବି ଏମ୍ ଦ୍ୱାରା ୨୦୨୨ ମସିହା ଶେଷସୁଦ୍ଧା ସବୁ ଗାଁକୁ ବ୍ରଡବ୍ୟାଣ୍ଡ ସଂଯୋଗୀକରଣ ଲୋକଙ୍କର ଆଶା ପୂରଣ କରିବ ଏହି ମିଶନ । ଡିଜିଟାଲ ସଂଚାର ଭିତ୍ତିଭୂମିରେ ଆସିବ ଦ୍ରୁତ ଉନ୍ନତି ଏବଂ ଡିଜିଟାଲ ସଶକ୍ତିକରଣ ଜରିଆରେ ବିଭାଜନ ଦୂରୀଭୂତ ହେବ ।

ନାଗରିକଙ୍କ ପାଇଁ ବିଭିନ୍ନ ଡିଜିଟାଲ ସେବା ପ୍ରଦାନକାରୀ ପ୍ରୟାସଗୁଡିକ ଉଦ୍ଦିଷ୍ଟ ହୋଇଅଛି । ''ଡାଏରେକ୍ଟ ବେନିଫିଟ୍ ଟ୍ରାନ୍ସଫର'' ବା ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତରଣ ବ୍ୟବସ୍ଥାରେ ହିତାଧିକାରୀଙ୍କ ବ୍ୟାଙ୍କଖାତାକୁ ସରକାରୀ ଲାଭ ସିଧାସଳଖ ପ୍ରେରଣ କରାଯାଉଛି । ମୋଟ ୪୪୦ଟି ସରକାରୀ ଯୋଜନାରେ ୨,୩୩,୯୮୧କୋଟି ଟଙ୍କା ଏହି ବ୍ୟବସ୍ଥାରେ ହିତାଧିକାରୀ ପାଇଛନ୍ତି । ସେହିପରି ଡିଜ୍ ଲକର ବ୍ୟବସ୍ଥାରେ ପବ୍ଲିକ୍ କ୍ଲାଉଡ୍‌ରେ ନାଗରିକଙ୍କୁ ବ୍ୟକ୍ତିଗତ ସ୍ଥାନ ଦେଇ ସେମାନଙ୍କର ଘରୋଇ ଓ ସରକାରୀ




ନଥିପତ୍ର ଗଚ୍ଛିତ ରଖିବାର ସୁଯୋଗ ଦିଆଯାଇଛି । ଯେଉଁଥିରେ କି ଏବେ ୨-୩ କୋଟି ଲୋକ ୩୫୨ କୋଟିରୁ ଅଧିକ ନଥିପତ୍ର ରଖିଛନ୍ତି । 'ଉମଙ୍ଗ' ପରି ମୋବାଇଲ୍ ଆପ୍ ସରକାରୀ ସେବାପାଇଁ ଯୋଗାଇ ଦିଆଯାଇଛି ଯାହାର ଡାଉନ୍ ଲୋଡ୍ ସଂଖ୍ୟା ୧.୧ କୋଟିରୁ ଅଧିକ ହୋଇଥିବା ବେଳେ ସର୍ବାଧିକ ରେଟିଂ ୪.୫+ (ସର୍ବାଧିକ ୫+) । ''ଇ-ହସପିଟାଲ୍'' ବ୍ୟବସ୍ଥାରେ ୩୨୨ଟି ହସ୍ପିଟାଲ ବ୍ୟବସ୍ଥା ସହ ଯୋଡି ହୋଇ ୯-୮ କୋଟି ରୋଗୀକୁ ପଞ୍ଜୀକୃତ କରିପାରିଛି । 'ଇ-ନାମ କୃଷି' ବ୍ୟବସ୍ଥାରେ ୫୮୫ କୃଷିମଣ୍ଡି ସଂଯୁକ୍ତ ହୋଇ ୧.୬୪ କୋଟି ଚାଷୀ ଓ ୧.୨ ଲକ୍ଷ ବ୍ୟବସାୟୀଙ୍କୁ ଯୋଡି ପାରିଅଛି ଯେଉଁଥିରେ ୨୦,୦୦୦କୋଟି ଟଙ୍କାର କାରବାର ହୋଇଛି । ''ସ୍ୱୟଂ ଅନଲାଇନ୍ ଯୁକ୍ତ ପାଠ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କୁ ମାନ୍ୟତା ପ୍ରଦାନ କରାଯାଉଛି । ''ଜାତୀୟ ବୃତ୍ତିପୋର୍ଟାଲ ନେଶନାଲ୍ ସ୍କଲାରସିପ୍'' ପୋର୍ଟାଲ୍ ଅନ୍‌ଲାଇନ୍ ସେବା ମାଧ୍ୟମରେ ୨୦ଟି ବିବିଧ ଜାତୀୟ ବୃତ୍ତି ଛାତ୍ରଛାତ୍ରୀଙ୍କୁ ଦିଆଯାଉଛି ଯାହା ଦ୍ୱାରା ୨୦୧୮-୧୯ରେ ୧-୧ କୋଟି ଛାତ୍ରଛାତ୍ର1 ଉପକୃତ ହୋଇଛନ୍ତି । ସେହିପରି ''ପି.ଏମ୍.ଜି ଦିଶା'' ସ୍ୱାକ୍ଷରତା ଅଭିଯାନ ଦ୍ୱାରା ୨୨ କୋଟି ଲୋକ ତାଲିମ୍ ପାଇବା ସହ ୧.୩କୋଟି ଲୋକ ପ୍ରମାଣ ପତ୍ର ପାଇଛନ୍ତି । '' ଇଣ୍ଡିଆ ବିପିଓ ସ୍କିମ୍'' ମାଧ୍ୟମରେ ଛୋଟ ଛୋଟ ସହରରେ ୩୦ ହଜାର ପ୍ରତ୍ୟକ୍ଷ ନିଯୁକ୍ତି ସୁବିଧା ସୃଷ୍ଟି କରାଯାଇଛି । ''ଜି.ଭି.ଏମ୍'' ପ୍ଲାଟଫର୍ମ ମାଧ୍ୟମରେ ୯.୫ ଲକ୍ଷ ଉପାଦାନ ସାମଗ୍ରୀ ବିକ୍ରୟ ପାଇଁ ଉପଲବ୍ଧ ହୋଇପାରିଛି ଯେଉଁଥିରେ କି ୨.୩ ଲକ୍ଷ ବିକ୍ରେତା ଓ ସେବା ପ୍ରଦାନକାରୀ ସଂସ୍ଥା ସକ୍ରିୟ ଅଛନ୍ତି । ଅନଲାଇନ୍‌ରେ ଜିନିଷପତ୍ର କିଣିବା ଦ୍ୱାରା ସାଧାରଣ ଗ୍ରାହକ ବିଶେଷ ଉପକୃତ ହେଉଛନ୍ତି ଓ ଏହି ସେବାକୁ ଯୋଗାଇଦେବା ପାଇଁ ବିଭିନ୍ନ ସଂସ୍ଥା ନିୟୋଜିତ ହୋଇଛନ୍ତି । ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା କାରବାରରେ ଅକ୍ଟୋବର ୨୦୧୬ ରୁ ମାର୍ଚ୍ଚ ୨୦୧୯ ମଧ୍ୟରେ ୮୦୦୦ଗୁଣ ବୃଦ୍ଧିପାଇଛି । ୨.୫୮ ଲକ୍ଷ ପେନ୍‌ସନ୍ ଭୋଗୀ ସେମାନଙ୍କର ''ଜୀବନ ପ୍ରମାଣ ପତ୍ର'' ମାଧ୍ୟମରେ ଉପକୃତ ହୋଇସାରିଲେଣି । ସେହିପରି ସୁପ୍ରିମ୍‌କୋର୍ଟ, ହାଇକୋର୍ଟ, ଜିଲ୍ଲା ଅଦାଲ୍‌ରେ ''ଅଟୋ ମେସିନ୍'' ପାଇଁ ''ଇ-କୋର୍ଟସ ମିଶନ ମୋଡ୍ ପ୍ରୋଜେକ୍ଟ'' ଉପଲବ୍ଧ ହୋଇଅଛି । ''ମାଁ ଏଗଡ୍'' ଏକ ଏକକ ଡିଜିଟାଲ ପ୍ଲାଟଫର୍ମ ସହଯୋଗ ଭିତ୍ତିକ ଶାସନ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରୁଛି ।

୨୦୧୯ ଏପ୍ରିଲ ସୁଦ୍ଧା ''ଇଲେକ୍ଟ୍ରୋନିକ୍ ଟ୍ରାନ୍‌ଜାକସନ୍ ଆଗ୍ରିନୋସନ୍ ଏଣ୍ଡ ଏଗଲିସିସ୍ ଲେୟାର (ଇଟାଲ)ର ତଥ୍ୟ ଅନୁସାରେ ଇଲେକ୍ଟ୍ରୋନିକ୍ସ ସେବା ୩୨୦୨କୁ ବୃଦ୍ଧି ପାଇଛି ଯାହାକି ଦୈନିକ ହାରାହାରି ଭିତ୍ତିରେ ମୋଟ ୯୫ କୋଟିଥର କାରବାର ହୋଇଛି । ଏଥିରୁ ସୂଚନା ମିଳୁଛି ଯେ ଡିଜିଟାଲ ଇଣ୍ଡିଆର ବ୍ୟବହାର ଓ ଲୋକପ୍ରିୟତା ବେଶ୍ ବୃଦ୍ଧି ପାଇଛି । ୨୦୧୪ ମସିହାରେ ମାତ୍ର ୨ଟି ମୋବାଇଲ୍ ତିଆରି କାରଖାନା ଥିବାବେଳେ ଏବେ ୨୬୮ଟି ଅଛି । ଯାହାଫଳରେ ୬୬.୭ ଲକ୍ଷ ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁବିଧା ପାଇପାରୁଛନ୍ତି । ଡିଜିଟାଲ ଟେକନୋଲୋଜିର ଲାଭ ଆଉ ସ୍ୱଚ୍ଛଳ ବର୍ଗରେ ସୀମିତ ହୋଇ ରହିନାହିଁ । ବରଂ ସାଧାରଣ ବର୍ଗ ଉପକୃତ ହୋଇ ସଶକ୍ତ ସମାଜ ନିର୍ମାଣରେ ସହାୟକ ହୋଇପାରୁଛି । ଶେଷରେ ଏତିକି କୁହାଯାଇପାରେ ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମ ମାଧ୍ୟମରେ ନାଗରିକ ଇ-କୈନ୍ଦ୍ରିକ ସେବା ପ୍ରଦାନ କାରାଯିବା ଦ୍ୱାରା ଆଧୁନିକ ଗଣତାନ୍ତ୍ରିକ ନୂତନ ଭାରତ (ନିଉ ଇଣ୍ଡିଆ)ର ସ୍ୱପ୍ନ ସାକାର ହେବାର ପଥ ଉନ୍ମୁକ୍ତ ହେବା ସହ ସରକାର ଓ ନାଗରିକଙ୍କ ମଧ୍ୟରେ ଏକ ସୁଦୃଢ଼ ସେତୁ ସ୍ଥାପନ କରାଯାଇପାରିଛି ।

*-ଅଧ୍ୟକ୍ଷା, ଶ୍ରୀରାମଚନ୍ଦ୍ର ଭଞ୍ଜ ଡିଗ୍ରୀ ମହାବିଦ୍ୟାଳୟ, ରାଗଧା, ଫୋନ୍ ନଂ-୯୪୩୭୩୮୦୭୭୦*




# ଭାରତ ମଧ୍ୟରେ ଭାରତୀୟ କମ୍ପାନୀମାନଙ୍କୁ ପ୍ରୋତ୍ସାହନ ଦିଆଯିବାକୁ ସି.ଇ.ଏ.ଆଇର ଦାବି

ନୂଆଦିଲ୍ଲୀ, (ପି.ଏନ): ଆତ୍ମନିର୍ଭର ଭାରତର ସ୍ୱପ୍ନକୁ ସାକାର କରିବା ଅଭିପ୍ରାୟରେ ଭାରତ ମଧ୍ୟରେ ଭାରତୀୟ କମ୍ପାନୀ ଗୁଡ଼ିକୁ ଆବଶ୍ୟକୀୟ ପ୍ରୋତ୍ସାହନ ଯୋଗାଇ ଦିଆଯିବାକୁ କନସଲଟିଂ ଇଞ୍ଜିନିୟରସ ଆସୋସିଏସନ୍ ଅଫ୍ ଇଣ୍ଡିଆ (ସି. ଇ. ଏ. ଆଇ) ଦାବି ଉପସ୍ଥାପନ କରିଛି। ଭାରତୀୟ ପେଶାଦାର ଯନ୍ତ୍ରୀ ମାନଙ୍କର ଅସାଧାରଣ ଯୋଗ୍ୟତା ଏବଂ କୁଶଳୀ ଦକ୍ଷତାକୁ ଉଚିତ ପ୍ରାଧାନ୍ୟ ଦିଆଯାଇ ଆନ୍ତର୍ଜାତିକସ୍ତରରେ ସେମାନଙ୍କ ପାଇଁ ନିଷ୍ପକ୍ଷ ପ୍ରତିଯୋଗିତା ଏବଂ ସମାନ ସୁଯୋଗ ଉପଲବ୍ଧ କରାଇବାକୁ ସି. ଇ. ଏ. ଆଇ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛି। ଭାରତ ସରକାରଙ୍କର ବାଣିଜ୍ୟ ମନ୍ତ୍ରାଳୟ ଅଧିନସ୍ଥ ସର୍ଭିସ୍ ଏକ୍ସପୋର୍ଟ ପ୍ରମୋସନ୍ କାଉନସିଲ (ଏସ. ଇ. ପି. ସି) ଏବଂ କାଉନସିଲ ଅଫ୍ ଆର୍କିଟେକ୍ଚରର ସହଯୋଗରେ ନିକଟରେ ନୂଆଦିଲ୍ଲୀଠାରେ ସି. ଇ. ଏ. ଆଇ ଦ୍ୱାରା ଆୟୋଜିତ ଗ୍ଲୋବାଲ ବିଜିନେସ କନକ୍ଲେଭ୍‌ରେ ସାରା ଦୁନିଆରେ ନିଜର ପ୍ରତିଭା ଓ ପାରଦର୍ଶିତା ପ୍ରଦର୍ଶନ ପୂର୍ବକ ବିଶ୍ୱ ସ୍ତରୀୟ ପ୍ରକଳ୍ପ ମାନ ପ୍ରସ୍ତୁତ କରି ସୁନାମ ଅର୍ଜନ କରୁଥିବା ଭାରତୀୟ ପେଶାଦାରୀ ଯନ୍ତ୍ରୀ ମାନଙ୍କର ମହାନତା ଓ ମହତ୍ତ୍ୱ ହିଁ ପ୍ରଧାନ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା। ସମ୍ମିଳନୀରେ ନିର୍ମାଣ ଓ ଡିଜାଇନ୍ କନସଲଟାନ୍ସି ତଥା ଯାନ୍ତ୍ରିକ, ସ୍ଥାପତ୍ୟ ଏବଂ ପରିବେଶ ସେବା ଦିଗରେ କାର୍ଯ୍ୟରତ ଭାରତୀୟ କମ୍ପାନୀ ଗୁଡ଼ିକର ରପ୍ତାନିର ମାତ୍ରାକୁ ବୃଦ୍ଧି କରାଯିବା ଦିଗରେ ଏକ "ଆକ୍ସନ ପ୍ଲାନ୍" ପ୍ରସ୍ତୁତ କରିବା ପାଇଁ ବ୍ୟାପକ ଭାବେ ବିଚାରବିମର୍ଷ କରାଯାଇଥିଲା। ବିଶେଷକରି ବିଶ୍ୱର ତିନି ପ୍ରତିଶତ ଜିଡିପିକୁ ଅକ୍ତିଆର କରିଥିଲେ ମଧ୍ୟ ଏବେବି ଲୋକ ଲୋଚନର ଆଢୁଆଳରେ ରହିଥିବା ନିର୍ମାଣ କ୍ଷେତ୍ର ଉପରେ ଯଥେଷ୍ଟ ଗୁରୁତ୍ୱ ଆରୋପ କରାଯାଇଥିଲା। ସମାବେଶରେ ସ୍ୱାଗତ ଭାଷଣ ପ୍ରଦାନ କରି ମୁଖ୍ୟ ଆୟୋଜକ ଓ ସି. ଇ. ଏ. ଆଇ ର ସଭାପତି ଡକ୍ଟର ଅଜୟ ପ୍ରଧାନ, ଭାରତୀୟ ଯନ୍ତ୍ରୀ ମାନଙ୍କ ନିକଟରେ ପୃଥିବୀର ଯେକୌଣସି କୋଣରେ ଯେତେବି ଦୁରୁହ ପ୍ରକଳ୍ପକୁ ସଫଳତାର ସହିତ କାର୍ଯ୍ୟକାରୀ କରିବା ପାଇଁ ଅଭିଜ୍ଞତା ଓ




ବିଶେଷଜ୍ଞତା ମହଜୁଦଥିବା ନେଇ ଦମ୍ଭ ପ୍ରକାଶ କରିଥିଲେ। ଯେତେବେଳେ ଭାରତୀୟ ଯନ୍ତ୍ରୀ ମାନେ ଆଣବିକ ଶକ୍ତି କାରଖାନା, ମହାକାଶ ଷ୍ଟେସନ ଏବଂ ମେଟ୍ରୋ ରେଲ ଆଦି ସ୍ଥାପନା କରି ସେମାନଙ୍କର ଆପାର ଦକ୍ଷତାର ପ୍ରମାଣ ଦେଇ ସାରିଛନ୍ତି, ସେହି ପରିପ୍ରେକ୍ଷୀରେ ଏବେବି ନାଳ, ନର୍ଦ୍ଦମା ତଥା ମେଟ୍ରୋ ରେଳ ନିର୍ମାଣ ପାଇଁ ବିଦେଶୀ ମଲ୍ଟି ନ୍ୟାସନାଲ କମ୍ପାନୀ (ଏମ. ଏନ.ସି) ମାନଙ୍କୁ ଅନୁଗ୍ରହ ପ୍ରଦାନ କରାଯାଉଥିବା ନେଇ ଡକ୍ଟର ପ୍ରଧାନ ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ। ଦେଶ ମଧ୍ୟରେ ଭାରତୀୟ ଯନ୍ତ୍ରୀ ଏବଂ ଦେଶୀ କମ୍ପାନୀ ଗୁଡ଼ିକୁ ଉତ୍ସାହିତ କରାଯିବା ତଥା ଘରୋଇ ଯନ୍ତ୍ରୀଙ୍କ ସେବାର ରପ୍ତାନିକୁ ବଢ଼ାଇବା ପାଇଁ କେନ୍ଦ୍ର ସରକାର ନୀତିଗତ ଭାବେ ନିଷ୍ପତ୍ତି ନେବାକୁ ଡଃ ପ୍ରଧାନ ପରାମର୍ଶ ଦେଇଥିଲେ। ଆଲୋଚନାରେ ଅଂଶଗ୍ରହଣ କରି ଭାରତ ସରକାରଙ୍କର ବରିଷ୍ଠ ପ୍ରଶାସକ ଏବଂ ବିଶିଷ୍ଟ କୂଟନୀତିଜ୍ଞ ମାନେ ଭାରତୀୟ ବ୍ରାଣ୍ଡକୁ ବିଶ୍ୱ ଦରବାରରେ ପ୍ରଚାର, ପ୍ରସାର ଓ ଲୋକପ୍ରିୟ କରିବାରେ ଲାଗିଥିବାରୁ ସି. ଇ. ଏ. ଆଇର ଭୂରିଭୂରି ପ୍ରଶଂସା କରିଥିଲେ। ସାରା ବିଶ୍ୱରେ ସେବା କେନ୍ଦ୍ରିକ ରପ୍ତାନିକୁ ବୃଦ୍ଧି କରିବା ନେଇ ଭାରତୀୟ ସେବା ଯୋଗାଣକାରୀ ସଂସ୍ଥା ମାନଙ୍କ ନିକଟରେ ଭରପୂର ଅବସର ରହିଥିବା ସେମାନେ ସୂଚାଇଥିଲେ। ମଧ୍ୟପ୍ରାଚ୍ୟ, ଆଫ୍ରିକା, ସି. ଆଇ.ଏସ ଦେଶ ସମୂହ ଏବଂ ଏସିଆ ମହାଦେଶରେ ଏନେଇ ଭାରତର ଉପସ୍ଥିତିକୁ ଅଧିକ ପ୍ରଭାବୀ କରାଯିବାକୁ ସେମାନେ ମତ ପ୍ରକାଶ କରିଥିଲେ। ଭାରତ ଇଣ୍ଟର ଆମେରିକାନ ଡେଭଲପମେଣ୍ଟ ବ୍ୟାଙ୍କ (ଆଇ. ଏ. ଡି. ବି) ର ସଦସ୍ୟତା ଗ୍ରହଣ କରିବାକୁ ସେମାନେ ଉପଦେଶ ଦେଇଥିଲେ। ଏହି ସଦସ୍ୟତା ଦ୍ୱାରା ସୁଦୀର୍ଘ ଏବଂ ଏବେବି ଅଜଣା ଲାଟିନ ଆମେରିକୀୟ ବଜାରରେ ଆଇ. ଏ. ଡି. ବିର ପାଣ୍ଠି ନିବେଶ ହେଉଥିବା ବ୍ୟାପାର କ୍ଷେତ୍ରରେ ଭାରତୀୟ କମ୍ପାନୀ ଗୁଡ଼ିକୁ ବ୍ୟବସାୟିକ ଲାଭ ମିଳିବ ବୋଲି ସେମାନେ ଆଶାପୋଷଣ କରିଥିଲେ।ଆନ୍ତର୍ଜାତିକ ବିଡିଂ କ୍ଷେତ୍ରରେ ପ୍ରି କ୍ୱାଲିଫିକେସନ୍ ଏବଂ ଜଏଣ୍ଟ ଭେଞ୍ଚର୍ ଆଦି ପ୍ରାବଧାନକୁ କୋହଳ କରାଯାଇ ଭାରତୀୟ ଭିତ୍ତିଭୂମି ବିକାଶ ପ୍ରକଳ୍ପ ଗୁଡ଼ିକର ନିର୍ମାଣ ଦିଗରେ ଦେଶୀ କମ୍ପାନୀ ଗୁଡ଼ିକୁ ଅଗ୍ରାଧିକାର ଦିଆଯିବାକୁ ସରକାରୀସ୍ତରରେ ଆଶୁ ପଦକ୍ଷେପ ଗ୍ରହଣ କରାଯିବାପାଇଁ ଅତିଥି ବକ୍ତା ମାନେ ମତପୋଷଣ କରିଥିଲେ। ଯଦି ଦେଶ ମଧ୍ୟରେ ଭାରତୀୟ କମ୍ପାନୀ ଗୁଡ଼ିକୁ ବ୍ୟବସାୟ କରିବାକୁ ସୁବିଧା ସୁଯୋଗ ଦିଆ ନ ଯାଏ ତେବେ ଭାରତ ଗ୍ଲୋବାଲ ଲିଡର ବନିବାର ଯୋଜନା ସାର୍ଥକ ହେବା ନେଇ ସେମାନେ ଆଶଙ୍କା ପ୍ରକାଶ କରିଥିଲେ। ସେବା ପ୍ରଦାନ କ୍ଷେତ୍ରରେ ୨୦୦ କୋଟି ଟଙ୍କା ପର୍ଯ୍ୟନ୍ତ ପ୍ରକଳ୍ପକୁ କେବଳ ଜାତୀୟ ସ୍ତରରେ ବିଡ଼ିଂ କରାଯିବା ନେଇ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ସେମାନେ ସ୍ୱାଗତ ଜଣାଇଥିଲେ। ତେବେ ଏହି ନିର୍ଣ୍ଣୟକୁ ଫଳପ୍ରସୁ ଓ ପ୍ରଭାବଶାଳୀ କରାଯିବା ପାଇଁ ସର୍ବଶେଷ ହିତାଧିକାରକୁ ଦୃଷ୍ଟିରେ ରଖି ଭାରତୀୟ କମ୍ପାନୀର ସଜ୍ଞାକୁ ଅଧିକ ସ୍ୱଷ୍ଟ କରାଯିବାକୁ ସେମାନେ ଜୋର୍ ଦେଇଥିଲେ। ସମ୍ମିଳନୀର ବିଭିନ୍ନ ଅଧିବେଶନରେ ଉଦବୋଧନ ପ୍ରଦାନ କରିଥିବା ଅତିଥି ବକ୍ତା ମାନଙ୍କ ମଧ୍ୟରେ ଡଃ ଅଭୟ ସିହ୍ନା, ଅମିତ ଶର୍ମା, ପ୍ରଫେସର ଅଭିଜିତ ସିରୋଦଗର, ଚକ୍ରେସ ଜୈନ, ସେନ୍ଥିଲ୍ ନାଥନ.ଏସ, ବିଶ୍ୱାସ ଜୈନ, କେ. କେ କପିଳା, ସରୋଜ ଖୁଣ୍ଟିଆ, ରଜନୀକାନ୍ତ ଅଗ୍ରୱାଲ, ସମ୍ରାଟ ସେନଗୁପ୍ତା, ଯାଶାସ ଭାଣ୍ଡ, ଏମ. କେ. ସୁନିଲ, ରଜନୀଶ ଚୋପ୍ରା, ରାଜୀବ ରାୟ, ପଙ୍କଜ କୁମାର ସିଂହ, ସନ୍ଦୀପ ଏସ ଚୌହାନ, ଡଃ ଧିରଜ କୁମାର ସିଂହ, ଡଃ ରାଜଶେଖର ଆର.ମାଥୁର ଓ ଯୋଗେଶ କୁମାର ମିଶ୍ର ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ। ଅନଲାଇନ୍ ଯୋଗେ ବୈଠକକୁ ସମ୍ବୋଧନ କରିଥିବା ବିଶିଷ୍ଟ ଅତିଥି ମାନଙ୍କ ମଧ୍ୟରେ ଉଜବେକିସ୍ତାନରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ମନିଶ ପ୍ରଭାତ, ସିଙ୍ଗାପୁରରୁ ଭାରତୀୟ ହାଇକମିସନର ପି.କୁମାରନ, ବ୍ରାଜିଲରେ କାର୍ଯ୍ୟରତ ଭାରତୀୟ ରାଷ୍ଟ୍ରଦୂତ ସୁରେଶ କେ.ରେଡ୍ଡୀ, ତାଞ୍ଜାନିଆରୁ ଭାରତୀୟ ହାଇକମିସନର ବିନୟ ଶ୍ରୀକାନ୍ତ ପ୍ରଧାନ ଏବଂ ଜାପାନରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ସଞ୍ଜୟ କୁମାର ବର୍ମା ସାମିଲ ଥିଲେ। ପରିତୋଷ ଗୁପ୍ତା, ଅମିତ ଶର୍ମା ଏବଂ ଯଦୁବେନ୍ଦ୍ର ମାଥୁର ବୈଷୟିକ ଅଧିବେଶନ ଗୁଡ଼ିକୁ ସୁଚାରୁ ରୂପେ ସଞ୍ଚାଳନ କରିଥିଲେ। ଉଦଘାଟନୀ ଅଧିବେଶନ ଶେଷରେ ଭାସ୍କର ନିୟୋଗି ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ଉପସ୍ଥିତ ଥିବା ସରକାରୀ କର୍ମକର୍ତ୍ତା ମାନେ ଭାରତୀୟ କମ୍ପାନୀ ଗୁଡ଼ିକର ମୁଳଭିତ୍ତିକୁ ସୁଦୃଢ କରାଯାଇ ସେମାନଙ୍କର ରପ୍ତାନି ର ମାତ୍ରାକୁ ବୃଦ୍ଧି କରାଯିବା ନେଇ ସେମାନେ ସଂପୂର୍ଣ୍ଣ ସାହାଯ୍ୟ, ସହଯୋଗ ଓ ସମର୍ଥନ ଯୋଗାଇ ଦେବେ ବୋଲି ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଏହି ଅବସରରେ ସୁଯୋଗ୍ୟ ଯନ୍ତ୍ରୀମାନଙ୍କୁ ସେମାନଙ୍କର ଉଲ୍ଲେଖନୀୟ ପେଶାଦାରୀ ଯୋଗଦାନ ପାଇଁ ସି. ଇ.ଏ.ଆଇ ଇଞ୍ଜିନୟରିଂ ଏକ୍ସଲେନ୍ସ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଆର୍ଚ୍ଚର୍ଯ୍ୟ ବିନୋବାଭାବେଙ୍କ ୧୨୮ତମ ଜୟନ୍ତୀ ପାଳିତ




ଭୁବନେଶ୍ୱର,(ପି.ଏନ):ଓଡିଶା ଭୂଦାନ କର୍ମଚାରୀ ସଂଘ ପକ୍ଷରୁ ଭୂଦାନ ଆନ୍ଦୋଳନର ସ୍ରଷ୍ଟା ଭାରତରତ୍ନ ଆର୍ଚ୍ଚର୍ଯ୍ୟ ବିନୋବାଭାବେଙ୍କ ୧୨୮ତମ ଜୟନ୍ତୀ ଭୁବନେଶ୍ୱରସ୍ଥିତ ଓଡିଶା ଭୂଦାନ ଯଜ୍ଞ ସମିତି ପରିସରରେ ପାଳିତ ହୋଇଯାଇଛି । ଉକ୍ତ ଜୟନ୍ତୀ ପାଳନ ଅବସରରେ ସର୍ବପ୍ରଥମେ ବିନୋବାଭାବେଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ଭୂଦାନ କର୍ମଚରୀ ସଂଘର ସଭାପତି ସେକ୍ ଅବଦୁଲ ଗନି ହାସନ୍ ଏବଂ ପ୍ରଦୀପ ପ୍ରଜ୍ୱଳନ କରିଥିଲେ ବାଲେଶ୍ୱର ଭୂଦାନ ଗ୍ରହିତା ସଂଘର ଉପ ସଭାପତି ଅରଜିତ୍ ପଣ୍ଡା । ଏହି ଅବସରରେ କର୍ମଚରୀ ସଂଘର ସମ୍ପାଦକ ସରୋଜ ସାମଲ ବିନୋବାଙ୍କ ଜୀବନୀ ଉପରେ ସମ୍ୟକ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନିବେଦକ ଉମେଶ ପାଣିଗ୍ରାହୀ, ଅକ୍ଷର କୁମାର ନାୟକ, ରମେଶ ଚନ୍ଦ୍ର ଦାସ, ନିରାକାର ସାମଲ, ପ୍ରଦୀପ କୁମାର ମହାଳିକ, କାର୍ତ୍ତିକ ଚନ୍ଦ୍ର ସେଠୀ, ଭାଗିରଥୀ ସେଠୀ,ଶରତ ଚନ୍ଦ୍ର ଦାସଙ୍କ ସମେତ ଓଡିଶାର ସବୁ ଜିଲ୍ଲାର ଭୂଦାନ ନିବେଦକମାନେ ଯୋଗ ଦେଇଥିଲେ । ଏଠାରେ ପ୍ରକାଶ ଯୋଗ୍ୟ ଯେ, ୧୯୫୧ମସିହା ଏପ୍ରିଲ୍ ମାସରେ ଭୂଦାନ ଆନ୍ଦୋଳନ ଆରମ୍ଭ ହୋଇଥିଲା । ଉକ୍ତ ଆନ୍ଦୋଳନରେ ବିନୋବାଭାବେ ସାରା ଭାରତବର୍ଷକୁ ଦୀର୍ଘ ୧୪ବର୍ଷ କାଳ ପଦଯାତ୍ରା କରିଥିଲେ । ଏହି ସମୟରେ ସେ ଲୋକମାନଙ୍କଠାରୁ ଜମି ଦାନ ଗ୍ରହଣ କରି ଗରିବ ଲୋକମାନଙ୍କୁ ବାଂଟିଥିଲେ । ଏହି ସମୟରେ ଭୂଦାନଯଜ୍ଞ ସମିତିକୁ ପ୍ରଥମେ ତେଲେଙ୍ଗାନା ପ୍ରଦେଶର ଶିବରାମ ପଲ୍ଲୀରେ ଆୟୋଜିତ ହୋଇଥିବା ସର୍ବୋଦୟ ସଭାରେ ଜମିଦାର ରାମଚନ୍ଦ୍ର ରେଡ୍ଡି୧୦୦ଏକର ଜମି ଦାନ କରିଥିଲେ । ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ସେକ୍ ରାଜୁଦିନ୍ ।

# କୁଡାସିଂହା ଠାରେ ସାର୍ବଜନୀନ ସାଂସ୍କୃତିକ କଳା ପରିଷଦ ଆନୁକୂଲ୍ୟରେ ନୂଆଁଖାଇ ଜୁହାର ଭେଟ ଘାଟ

ବଲାଙ୍ଗିର ,(ପି.ଏନ):ବଲାଙ୍ଗୀର ସଦର ବ୍ଲକ କୁଡାସିଂହା ଠାରେ ସାର୍ବଜନୀନ ସାଂସ୍କୃତିକ କଳା ପରିଷଦ ଆନୁକୂଲ୍ୟରେ ମହା ସମାରୋହରେ ନୂଆଁଖାଇ ଜୁହାର ଭେଟ - ୨୦୨୨ପାଳିତ ହାରିଯାଇଛି। ସକାଳୁ ପଞ୍ଚାୟତ ସ୍ତରୀୟ ସ୍କୁଲ କଲେଜ ଛାତ୍ର ଛାତ୍ରୀଙ୍କ ପ୍ରତିଯୋଗିତାରୁ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା ଯେଉଁଥିରେ ବିଚାରକ ଭାବେ ହରେକୃଷ୍ଣ ସାହୁ, ଶ୍ୟାମସୁନ୍ଦର ଦାସ ଏବଂ ନୂତନ ସେଠ ମଞ୍ଚାସିନ ଥିଲେ ଏବଂ ଅଧାପକ ନିତ୍ୟାନନ୍ଦ ସିର୍ଦ୍ଦାର ପରିଚାଳନା କରିଥିଲେ। ଏଥିରେ ସବ୍ ଜୁନିୟର ଗୀତ ବିଭାଗ ରେ ଆରୁଷି ପୁଟେଲ,ଡିଲେଶ୍ୱର ସିର୍ଦ୍ଦାର,ଦିପକ ପାତ୍ର ସବ୍ ଜୁନିୟର ନାଚରେ ଅଙ୍କିତା ରାଉତ,ଦିନେଶ କୁମ୍ଭାର,ବିନାୟକ ଓ ଗୃପ, ଜୁନିୟର ଗୀତରେ ପ୍ରତିମା ପୁଟେଲ,ସୋନାଲି ପୁଟେଲ, ତୃଷାରାଣୀ ଛତ୍ରିଆ, ଜୁନିୟର ନାଚରେ ଅନୁପମା ବାଗ, ହେମନ୍ତ, ଶିବଶଙ୍କର ଓ ଗୃପ, ସିନିଅର ଗୀତରେ ଚନ୍ଦ୍ରିକା ବାଗ, ମଧୁମିତା ସିର୍ଦ୍ଦାର,ସସ୍ମିତା ଖମାରୀ ତଥା ସିନିଅର ନାଚରେ ମମତା ଓ ଗୃପ, ମିନତି ରାଉତ,ବର୍ଷା ମଲ୍ଲିକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ପୁରସ୍କୃତ ହୋଇଥିଲେ। ଅପରାହ୍ନ ୩ଟାରୁ ହୋଇଥିବା ସାଂସ୍କୃତିକ ସଭାରେ ସ୍ଥାନୀୟ ବିଧାୟକ ଶ୍ରୀଯୁକ୍ତ ନରସିଂହ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ଯୋଷୀ , ସମ୍ମାନିତ ଅତିଥି ଭାବେ ରଶ୍ମିରଞ୍ଜନ ମିଶ୍ର ଜିଲ୍ଲା ସଂସ୍କୃତି ଅଧିକାରୀ , ସ୍ଥାନୀୟ ସରପଞ୍ଚ ଶ୍ରୀମତୀ ଜ୍ୟୋସ୍ନାରାଣୀ ସାହୁ , ସାମ୍ବାଦିକ ପ୍ରଦିପ୍ତ ମିଶ୍ର,ଉମାକାନ୍ତ ଝାଙ୍କରଙ୍କ ସହ ଆୟୋଜକ କମିଟି ସଭାପତି ବିରଞ୍ଚି ପଧାନ ପ୍ରମୁଖ ମଞ୍ଚାସିନ ଥିଲେ।ଆଜାଦିକା ଅମୃତ ମହୋତ୍ସବ ଅବସରରେ ବୁଢାଡଙ୍ଗର କଲେଜ ଛାତ୍ରୀ ମନେ ଏକ ପ୍ରାରମ୍ଭିକ ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ।ନୂଆଁଖାଇ ପର୍ବ ହେଉଛି ଆମର ଆଦି ପର୍ବ ତଥା ଏହାର ସଂରକ୍ଷଣ ପାଇଁ ଆମେ ଉତ୍ତର ଦାୟୀ ଏହା ଉପରେ ମୁଖ୍ୟ ବକ୍ତା ଆଲୋକପାତ କରାଇଥିଲେ।ଏହି ଅବସରରେ ସଂସ୍କୃତି ଓ ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସଂସ୍କୃତି ଗବେଷକ ବାସୁଦେବ ସା,ରେଶ୍ମାରାଣୀ ଦାଶ କୋଶଲୀ କବି ଅର୍ଜୁନ ସାହୁ,ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ବଂଶୀଧର ଦାସ,ରାଜିନ୍ଦ୍ର ସାହୁ, ଧନଞ୍ଜୟ ପାଣିଗ୍ରାହୀ, ବରିଷ୍ଠ ରାବଣ ଭୂମିକାରେ ଅଭିନେତା ରାଧେଶ୍ୟାମ ସିର୍ଦ୍ଦାର,ମହିଳା ସଶକ୍ତିକରଣ ପାଇଁ ବୁଢାଡଙ୍ଗର ମହିଳା ସଂକୀର୍ତ୍ତନ ମଣ୍ଡଳୀ ତଥା ଉଲ୍ଲେଖନୀୟ ସମାଜସେବା ପାଇଁ ମାହେଶ୍ୱରୀ ସାମାଜିକ ସଂଗଠନକୁ ମାନପତ୍ର ସହ ସମ୍ମାନିତ କରାଯାଇଥିଲା। ସଭାକୁ ଡା ଲଳିତ କୁମାର ସାହୁ ପରିଚାଳନା କରିଥିବାବେଳେ ଇଂରାଜୀ ଅଧାପକ ଅକ୍ଷୟ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।ପରେ ପରେ ଢୋଲମୂହୁରୀ କଳା ପରିଷଦ,ପୁଇଁତଲା ଏବଂ ସଂଗୀତ ସାଧନା, ଲୋଇସିଂହା ଦଳ ଲୋକନୃତ୍ୟ ପରିବେଷଣ କରିଥିଲେ। ହଜାର ସଂଖ୍ୟାରେ ଦର୍ଶକ ରାତି ପର୍ଯ୍ୟନ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ରେଗିଂ ଯୋଗୁଁ ଛାତ୍ର ବିଷ ପିଇବା ଘଟଣା : ଚିକିତ୍ସାଧିନ ଅବସ୍ଥାରେ ପ୍ରାଣ ହରାଇଲେ

ଭଦ୍ରକ/କଟକ, (ପି.ଏନ): ରେଗିଂ ଯୋଗୁଁ ବିଷପାନ କରି ଗୁରୁତର ହୋଇଥିବା ଆଇଟିଆଇ ଛାତ୍ର ଆଶୁତୋଷ ମଲ୍ଲିକଙ୍କ ଗତକାଲି ରାତିରେ ଚିକିତ୍ସାଧିନ ଅବସ୍ଥାରେ ଏସସିବି ମେଡିକାଲରେ ମୃତ୍ୟୁ ଘଟିଛି । ଆଜି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି ପୋଲିସ । ସୂଚନା ଅନୁଯାୟୀ, ଭଦ୍ରକ ଜିଲ୍ଲା ତିହିଡ଼ି ବଜାରରେ ଥିବା ଏକ ଘରୋଇ ଆଇଟିଆଇ କଲେଜରେ ପ୍ରଥମ ବର୍ଷ ଇଲେକ୍ଟ୍ରି ବିଭାଗର ଛାତ୍ର ଥିଲେ ଆଶୁତୋଷ ମଲ୍ଲିକ । ଶୁକ୍ରବାର ଦିନ ଛାତ୍ର ଜଣକ ରାଗିଂ ଯୋଗୁଁ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିବା ତାଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା । ତାଙ୍କୁ ପ୍ରଥମେ ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯିବା ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ଏସସିବି ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ହେଲେ ଗତକାଲି ରାତିରେ ତାଙ୍କର ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଛି । ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଅନ୍ୟପକ୍ଷରେ ଛାତ୍ରଙ୍କ ଆତ୍ମହତ୍ୟା ଉଦ୍ୟମ ପରେ ମିଳିଥିବା ଚିଠି, ପରିବାର ଲୋକଙ୍କ ବୟାନ ଓ କଲେଜ କର୍ତ୍ତୃପକ୍ଷଙ୍କ ସ୍ପଷ୍ଟିକରଣ ପରେ ଛାତ୍ରଟି କେତେକ ବାହାର ଯୁବକଙ୍କ ଦ୍ୱାରା ରେଗିଂର ଶିକାର ହୋଇଥିବା ବିଷୟ ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି । ଛାତ୍ରଙ୍କ ମୃତ୍ୟୁ ପରେ ସେ ପଢୁଥିବା କଲେଜକୁ ଆଜି ଦିନକ ପାଇଁ ବନ୍ଦ ରଖିଛନ୍ତି କଲେଜ କର୍ତ୍ତୃପକ୍ଷ ।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ସୁବର୍ଣ୍ଣପୁର,(ପି.ଏନ): ସୁବର୍ଣ୍ଣପୁର ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଆଜି ବୀରମହାରାଜପୁର ବ୍ଲକ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲ୍ଲାପାଳ ଶ୍ରୀମତୀ ଅବୋଲୀ ସୁନିଲ ନରୱ୍ୱଣେ ଓ ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ୪୩ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୩୫ ଗୋଟି, ସାମୁହିକ ଦରଖାସ୍ତ ୮ଗୋଟି ରହିଥିବା ବେଳେ ତନ୍ମଧ୍ୟରେ ଗୋଟିଏ ଦରଖାସ୍ତ ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ ସାହାଯ୍ୟ ନିମନ୍ତେ ଗ୍ରହଣ କରାଯାଇଛି। ଗ୍ରହଣ କରାଯାଇଥିବା ଦରଖାସ୍ତ ମଧ୍ୟରୁ ଶିବିରରେ ବିଭିନ୍ନ ମାମଲାର ୨୨ ଗୋଟି ଅଭିଯୋଗ ଦରଖାସ୍ତର ତୁରନ୍ତ ସମାଧାନ କରାଯାଇଥିବା ବେଳେ ଅନ୍ୟାନ୍ୟ ୧୩ ଟି ଆପତି ଅଭିଯୋଗ ଦରଖାସ୍ତକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପ୍ରେରଣ କରାଯାଇଛି। ଅଦ୍ୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଗତ ଏକ ମାସ ମଧ୍ୟରେ ବୀରମହାରାଜପୁର ବ୍ଲକର ବିଭିନ୍ନ ସମସ୍ୟା ଉପରେ ପ୍ରକାଶିତ ଖବର ଉପରେ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି, ବିଭାଗୀୟ ଅଧିକାରୀ ମାନେ ଅଂଚଳର ଜନ ଜୀବନକୁ ପ୍ରଭାବିତ କରୁଥିବା ଭଳି ବିଭାଗୀୟ ଖବର ଗୁଡିକୁ ଗୁରୁତ୍ୱର ସହ ଗ୍ରହଣ କରି ତୁରନ୍ତ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ବୀରମହାରାଜପୁର ମୋତିଲାଲ ସୁଲିଆଙ୍କ ତତ୍ୱାବଧାନରେ ଅଦ୍ୟ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ନିହାର ରଞ୍ଜନ କହର, ଉପ ଜିଲ୍ଲାପାଳ, ବୀରମହାରାଜପୁର ଅଶୋକ ଭୋଇ, ବ୍ଲକ ଅଧକ୍ଷା, ବୀରମହାରାଜପୁର ଶାନ୍ତି ଲୁହା, ବ୍ଲକ ଉପାଧକ୍ଷ ଶ୍ରୀ ନାରାୟଣ ଲୁହା, ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲଦାର, ବ୍ଲକ ସ୍ତରୀୟ କର୍ମଚାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ।

# ପିଜ୍ଜା ହଟ୍ ପକ୍ଷରୁ ୧୨ଟି ନୂଆ ଫ୍ଲେବରର ପିଜ୍ଜା କେବଳ ୭୯ଟଙ୍କାରୁ ଆରମ୍ଭ

ଭୁବନେଶ୍ୱର,(ପି.ଏନ): ଭାରତର ସବୁଠାରୁ ପସନ୍ଦିତା ଓ ଭରସାଯୁକ୍ତ ପିଜ୍ଜା ବ୍ରାଣ୍ଡ, ପିଜ୍ଜା ହଟ୍, ନିଜର ନୂଆ ଫ୍ଲେବର ଫନ୍ ରେ ଆରମ୍ଭ କରିଛି, ଯେଉଁଥିରେ ସାମିଲ୍ ରହିଛି ୧୨ଟି ନୂଆ ପ୍ରକାରର ପିଜ୍ଜା। ଏହାର ମୂଲ୍ୟ ଆରମ୍ଭ ହେଉଛି ମାତ୍ର ୭୯ ଟଙ୍କାରେ। ପିଜ୍ଜା ରେ ତନ୍ଦୁରି, ସିଜୱାନ, ଇଟାଲିଆନ୍, ଚିଜି ଓ କ୍ଲାସିକ୍ ପରି ୫ଟି ସ୍ୱାଦିଷ୍ଟ ସସ୍ ଫ୍ଲେବରରେ ଆସେ - ସାତଟି ଭେଜିଟେରିଆନ୍ ଓ ପାଂଚଟି ନନ୍-ଭେଜିଟେରିଆନ୍ ଟପିଙ୍ଗ କମ୍ବିନେସନ ସହିତ ମିଳିବ। ଫ୍ଲେବର ଫନ୍ ପିଜ୍ଜା ଭାରତରେ ସମସ୍ତ ୭୦୦+ ପିଜ୍ଜା ହଟ୍ ଷ୍ଟୋରରେ ଡାଇନ୍-ଇନ୍, ଡେଲିଭରି ଓ ଟେକଆୱେ ବିକଳ୍ପ ସହିତ ଉପଲବ୍ଧ । ସମ୍ପୂର୍ଣ୍ଣ ଫ୍ଲେବର ଫନ୍ ରେ ବ୍ୟକ୍ତିଗତ ପିଜ୍ଜା ସାଇଜ୍ ରେ ଉପଲବ୍ଧ ରହିଛି। ଭେଜିଟେରିଆନ୍ ଭାବରେ ପର୍ନି, ସୁଇଟ୍ କର୍ଣ୍ଣ, ମସରୁମ୍, ପିଆଜ ଓ କ୍ୟାପ୍ସିକମ୍ ରେ ଟପିଙ୍ଗ କମ୍ବୋର ବିସ୍ତୃତ ରେ ସାମିଲ୍ ଅଛି। ନନ୍ ଭେଜିଟେରିଆନ୍‌ଙ୍କ ପାଇଁ ମଧ ବହୁପ୍ରକାରର ଟପିଙ୍ଗ ବିକଳ୍ପ ରହିଛି ଯେପରିକି ଚିକେନ୍ ସସେଜ୍, ଚିକେନ୍ ମିଟବଲ୍, ଚିକେନ୍ ଟିକ୍କା ଓ ଚିକେନ୍ ପିପ୍ପରୋନି। ପିଜ୍ଜା ହଟ୍




ଯୁବବର୍ଗଙ୍କୁ ଧ୍ୟାନରେ ରଖି ଏହି ରେ ଆରମ୍ଭ କରିଛି, ଯେଉଁମାନେ ବଜେଟ୍ ଉପରେ ଅଧିକ ଗୁରୁତ୍ୱ ଦିଅନ୍ତି। ଏହି ଅବସରରେ ପିଜ୍ଜା ହଟ୍ ଇଣ୍ଡିଆର ମୁଖ୍ୟ ମାର୍କେଟିଂ ଅଧିକାରୀ ନେହା କହିଛନ୍ତି, ଆମର ଫ୍ଲେବର ଫନ୍ ରେ ଏପରି ଏକ ସୁଲଭ ମୂଲ୍ୟରେ ଆରମ୍ଭ କରାଯିବାକୁ ନେଇ ମୁଁ ଖୁବ୍ ଉତ୍ସାହିତ ଅଛି। ଫ୍ଲେବର ଫନ୍ ସହିତ, ଆମେ ଆମର ଯୁବ ଉପଭୋକ୍ତାଙ୍କ ପାଇଁ 'କମ୍ ରେ ଅଧିକ' ପ୍ରଦାନ କରୁଛୁ, ଯାହାଫଳରେ ସେମାନେ ତାଙ୍କର ମନପସନ୍ଦର ପିଜ୍ଜା ବ୍ରାଣ୍ଡର ମଜା ନେଇପାରିବେ । ଏହା ଆମେ ଏକ ଯୁବ ଓ ପ୍ରତିଦିନର ବ୍ରାଣ୍ଡ ହେବାର ରୋମାଂଚକର ଯାତ୍ରାର ଆରମ୍ଭ ଏବଂ ଯୁବ ଉପଭୋକ୍ତାମାନଙ୍କ ନିମନ୍ତେ ପିଜ୍ଜା ହଟ୍ କୁ ଯଥାଶୀଘ୍ର ଆହୁରି ସୁଲଭ ବନାଇବାକୁ ଏହି ପ୍ରକାରର ଅନେକ ଉତ୍ପାଦ ଓ ସେବା ଆରମ୍ଭ କରିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ଅଟୁ।ପିଜ୍ଜା ହଟ୍ ଅଗ୍ରଣୀ ଡିଜିଟାଲ୍ ଓ ସୋସିଆଲ୍ ମିଡିଆ ପ୍ଲାଟଫର୍ମ, ମୋବାଇଲ୍ ଆପ୍, ଓଟିଟି ଭିଡିଓ ଓ ଅଡିଓ ପ୍ଲାଟଫର୍ମ, ଚଳ ଓ ଇନଫ୍ଲୁଏର୍ନ୍ସ ଆଉଟରିଚ୍,ଓଓଏଚ୍ ଓ କଲେଜ୍, କୋଚିଙ୍ଗ୍ ସେଂଟର, କୋ-ୱାର୍କିଙ୍ଗ ଓ କୋ-ଲିଭିଙ୍ଗ୍ ସ୍ପେସ୍ ଭଳି ଯୁବଗଣଙ୍କ ପାଇଁ କେନ୍ଦ୍ରିତ ସ୍ଥାନଗୁଡ଼ିକରେ ଅନ୍-ଗ୍ରାଉଣ୍ଡ ଆକ୍ଟିଭେସନ, ଇନ୍-ଷ୍ଟୋର ବ୍ରାଣ୍ଡିଙ୍ଗ, ଅଭିଯାନ ମଧ ଆରମ୍ଭ କରିଛି। ଏହି ଯୋଜନାରେ ନିଜର ପାର୍ଟନର ବ୍ରାଣ୍ଡ ପେପ୍ସି ସହିତ ଅଭିନବ ସହଯୋଗ ସହିତ ଜୋମାଟୋ ଓ ସ୍ୱିଗିରେ ବହୁଳ ଭାବରେ ପ୍ରମୋସନ କରିବା ସାମିଲ୍ ରହିଛି । ନିକଟରେ ପିଜ୍ଜା ହଟ୍ ଭାରତରେ ନିଜର ଫନ୍ ରେ ଆରମ୍ଭ କରିବା ସହିତ ୭୦୦ତମ ଷ୍ଟୋର ମାଇଲଷ୍ଟୋନ୍ ଅତିକ୍ରମ କରିଛି। ଏହା ପୂର୍ବରୁ କମ୍ପାନୀ 'ଦିଲ୍ ଖୋଲକେ ଡେଲିଭରିଙ୍ଗ୍' ନାମକ ନିଜର ବୋଲ୍ଡ ନୂଆ ବ୍ରାଣ୍ଡ ପ୍ଲାଟଫର୍ମର ଉଦଘାଟନ କରିଥିଲା।

# ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ ୨୦/୨୦'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି। ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି। ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍‌ସର ଉପଯୋଗ କରିଛି। ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ। ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି। ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯତ୍ନ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି। ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ। ଅନ୍ୟପକ୍ଷରେ ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଣ୍ଟର୍‌ନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ। ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ। ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି। ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି। ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯତ୍ନ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ। ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି। ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡଗୁଡିକ ପ୍ରିମିୟମ ବ୍ରାଣ୍ଡଗୁଡିକୁ ପଛରେ ପକାଇଦେବା ଆଶା କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି। ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି। ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସୱାଶ, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ। ପ୍ୟାକେଟରେ ଆସୁଥିବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି। ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ। ଡିଏସ୍‌ପି ଏମଏଫର ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି। ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି। ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା। ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି। ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ। ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍‌ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ। ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ। କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି। ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି। ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି। ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ।




# ରକ୍ତହୀନତା ରୋଗର ଭୟାବହତା



ଭୁବନେଶ୍ୱର (ଓଏନ୍ଏସ୍): ଓଡ଼ିଶାର ସବୁଠୁ ଅନଗ୍ରସର ଓ ଗରିବ ଜିଲ୍ଲା ଭାବେ ନବରଙ୍ଗପୁରର ଯେଉଁ କଳଙ୍କ ରହିଛି, ସେହି କଳଙ୍କର କାଳିମା ଦିନକୁ ଦିନ ଗାଢ ହେବାରେ ଲାଗିଛି ସିନା କମିବାକୁ ନାଁ ଧରୁନି। ଏହାଛଡ଼ା ଏହି ଜିଲ୍ଲାରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, ପୁଷ୍ଟିହୀନତା, ରକ୍ତ ଶିକୁଳି ରୋଗ ଓ ମ୍ୟାଲେରିଆର ବ୍ୟାପକତା ଯୋଗୁ ରକ୍ତହୀନତା ଜନିତ ମୃତ୍ୟୁ ସଂଖ୍ୟା କ୍ରମେ ବଢୁଛି। ବିଶେଷତଃ ପ୍ରସବ ବେଳେ ଏହି ସମସ୍ୟା ଅତି ଜଟିଳ ଅବସ୍ଥା ସୃଷ୍ଟି କରୁଛି। ଏହି ଜିଲ୍ଲାରେ ଅଧିକାଂଶ ମାତୃ ମୃତ୍ୟୁ ଅନ୍ତରାଳରେ ରକ୍ତହୀନତା ହିଁ ଏକମାତ୍ର କାରଣ ବୋଲି ବରିଷ୍ଠ ସ୍ୱାସ୍ଥ୍ୟ ବିଶେଷଜ୍ଞ ମାନେ ମତ ଦେଉଛନ୍ତି। ଚିକିତ୍ସା ବିଜ୍ଞାନର ନିୟମ ଅନୁସାରେ ରକ୍ତରେ ହେମୋଗ୍ଲୋବିନ୍‌ର ପରିମାଣ ଶତକଡ଼ା ୧୧ରୁ କମ୍ ରହିଲେ, ରୋଗୀଟି ରକ୍ତହୀନତାର ଶିକାର ବୋଲି ଚିକିତ୍ସା ବିଜ୍ଞାନ କହିଥାଏ। ବାସ୍ତବପକ୍ଷେ ଏହି ଜିଲ୍ଲାରେ ୯୫ ଶତକଡ଼ା ଲୋକଙ୍କର ହେମୋଗ୍ଲୋବିନ୍ ର ପରିମାଣ ୧୧% ରୁ ବହୁ ତଳେ ରହଉଛି। ଅନେକ ଗର୍ଭବତୀ ମା'ପ୍ରସବ ପାଇଁ ଆସିବାବେଳେ ସେମାନଙ୍କର ହେମୋଗ୍ଲୋବିନ୍‌ର ପରିମାଣ ୪ରୁ ୭ ଶତକଡ଼ା ମଧ୍ୟରେ ରହୁଛି। ପ୍ରସବ ପରେ କିଛି ମାତ୍ରାରେ ରକ୍ତ କ୍ଷୟ ହେଲେ ରୋଗୀର ଅବସ୍ଥା ସଙ୍କଟାପନ୍ନ ହୋଇଯାଏ ଓ ବେଳେବେଳେ ମୃତ୍ୟୁମୁଖରେ ପଡ଼େ। ସାରା ଜିଲ୍ଲା ପାଇଁ ଏକମାତ୍ର ରକ୍ତ ଭଣ୍ଡାରଟି ନବରଙ୍ଗପୁର ସ୍ଥିତ ଜିଲ୍ଲା ସଦରମହକୁମା ଚିକିତ୍ସାଳୟ ଠାରେ ରହିଛି। ସେଠାରୁ ଜିଲ୍ଲାର ସୀମାନ୍ତ ହାଟଭରଣ୍ଡି ଓ ଚନ୍ଦାହାଣ୍ଡିର ଦୂରତା ୧୨୦ କି.ମି.ରୁ ଅଧିକ। ଜିଲ୍ଲାର ଅନ୍ୟ ଏକ ଅଗ୍ରଣୀ ଚିକିତ୍ସାଳୟ ଉମରକୋଟ ଠାରୁ ଏହା ୬୫କି.ମି. ଦୂରବର୍ତ୍ତୀ। ରକ୍ତ ଦରକାର ପଡୁଥିବା ଆଦିବାସୀ ରୋଗୀଙ୍କୁ ରାତି ଅଧରେ ରକ୍ତ ଆଣିବା ଚିଠାଟି ଧରାଇ ସ୍ୱାସ୍ଥ୍ୟ ବିଭାଗ ନିଜ ଦାୟିତ୍ୱ ସାରିଦେଉଛି। ଅଧ ରାତିରେ ରୋଗୀର ଆତ୍ମୀୟ କିଭଳି ଏତେ ଦୂର ଯାଇ ରକ୍ତ ଆଣିବ, ଏହି ପ୍ରଶ୍ନର ଉତ୍ତର କୋଟିକୋଟି ଟଙ୍କା ପାଣି ପରି ଉଡ଼ାଉଥିବା ରାଷ୍ଟ୍ରୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିସନ୍ ପାଖରେ ହୁଏତ ନାହିଁ। ୨୦୦୫ରେ ସ୍ୱାସ୍ଥ୍ୟ ମିସନ୍ ଏହି ଜିଲ୍ଲାରେ କାର୍ଯ୍ୟକାରୀ ହେବା ପରଠାରୁ ରକ୍ତହୀନତା ରୋଗ ବ୍ୟାପକ ଭାବେ ବଢିଚାଲିଛି। କୋଟିକୋଟି ଟଙ୍କା ବ୍ୟୟରେ ଚିକିତ୍ସାଳୟରେ ରଙ୍ଗ ଦେଇ, ଚଟାଣରେ ମାର୍ବଲ୍ ଟାଇଲ୍ ଲଗାଇ, ବିଭିନ୍ନ ହୋଡ଼ିଙ୍ଗ୍ ଟାଙ୍ଗି ଓ ଗଣମାଧ୍ୟମରେ ରଙ୍ଗୀନ୍ ବିଜ୍ଞାପନ ଦେଇ ଓ ବର୍ଷକୁ କେବଳ ଫୁଲ ସଜାଇବାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ରାଜ୍ୟରେ ସ୍ୱାସ୍ଥ୍ୟସେବାର ବିକାଶ ହେଉଥିବା ଦାବି କରୁଛି ସ୍ୱାସ୍ଥ୍ୟ ମିସନ୍। ସ୍ୱାସ୍ଥ୍ୟ ମିସନ୍‌ର ହର୍ତ୍ତାକର୍ତ୍ତା ସାଜିଥିବା ଅନଭିଜ୍ଞ, ଅଦକ୍ଷ ଓ ଅସ୍ଥାୟୀ କର୍ମଚାରୀଙ୍କ ହାତରେ ଛାଡ଼ି ଦିଆଯାଉଛି ରାଜ୍ୟର ସ୍ୱାସ୍ଥ୍ୟସେବା ଦାୟିତ୍ୱ। ଭୁବନେଶ୍ୱରରୁ ନିର୍ଦ୍ଦେଶ ନଆସିଲେ, ଏହି ଯୋଜନାର ଘାସ ବି ହଲିବ ନାହିଁ। ଗର୍ଭବତୀ ମା'ର ଦାୟିତ୍ୱ ଅନଭିଜ୍ଞ ଆଶା ଉପରେ ଛାଡ଼ିଦେଇ ସମସ୍ତେ ନିଶ୍ଚିତ ରହିଛନ୍ତି। ବାହାରୁ ଔଷଧ ନକିଣିବାକୁ ସମସ୍ତଙ୍କୁ ତାଗିଦ୍ କରାଯାଉଛି। ରକ୍ତହୀନତା ରୋଗର ପ୍ରତିଷେଧକ ପାଇଁ ଯେଉଁ ଫଲିଫର୍ ଟାବ୍‌ଲେଟ୍ ବଣ୍ଟାଯାଉଛି, ସେଗୁଡ଼ିକ ରୋଗୀଙ୍କ ଦ୍ୱାରା ଆଦୌ ଆଦୃତ ହେଉନାହିଁ। ପ୍ୟାକିଂ ତୃଟି ଯୋଗୁ ଖୋଲିବା ପରେ ସେସବୁ ଭାଙ୍ଗି ଯାଉଛି। ଅନେକ ରୋଗୀ ତାହାକୁ ଖାଉ ନାହାଁନ୍ତି। ଖାଇଲେ ମଧ୍ୟ ସେମାନଙ୍କର ହେମୋଗ୍ଲୋବିନ୍ ପରିମାଣ ଏତେ କମ୍ ରହୁଛି ଯେ ପ୍ରସବ ପୂର୍ବରୁ ଅବସ୍ଥା ସ୍ୱାଭାବିକ୍ ହେବା ସମ୍ଭବ ହେଉନି। ବେଳେବେଳେ ସମୟସୀମା ପାର ହୋଇଥିବା ଔଷଧ ବଣ୍ଟାଯାଇ ଅବସ୍ଥାକୁ ଆହୁରି ଅସମ୍ଭାଳ କରାଯାଉଛି। ଯେକୌଣସି ଯୋଜନାର ସଫଳ ରୂପାୟନ ପାଇଁ ପ୍ରତି ସମସ୍ୟାକୁ ସ୍ୱତନ୍ତ୍ର ଭାବେ ଧ୍ୟାନ ଦେବାକୁ ପଡ଼ିଥାଏ। ଗୁରୁତର ରକ୍ତହୀନତା ରୋଗୀ ଗୋଟିଏ ଗୋଟିଏ ସମସ୍ୟା। ତାଙ୍କୁ ବାଟକୁ ଆଣିବାକୁ ହେଲେ, ସ୍ୱତନ୍ତ୍ର ଭାବେ ସମାଧାନର ବାଟ ଖୋଜିବାକୁ ହେବ। ଭୁବନେଶ୍ୱରରୁ ଆସୁଥିବା ନିର୍ଦ୍ଦେଶନାମା ଏଠାରେ ଚଳିବ ନାହିଁ। ୩ମାସ ଫଲିଫର୍ ଖାଇଦେଲେ ଯେ ରକ୍ତହୀନତା ଦୂର ହୋଇଯିବ, ତାହା କହି ହେବ ନାହିଁ। ଏହାର ଭୟାବହତା ଦୂର ପାଇଁ ଏହି ଜିଲ୍ଲା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ହେବ। ଅନ୍ୟଥା ଏହି ରୋଗ କ୍ରମେ ଦାବାନଳ ଭଳି ବ୍ୟାପୀ ଆଉରି ଅଧିକ ଜୀବନ ହାନି ଘଟାଇବ। ଏହି ଜିଲ୍ଲାରେ ୫ରୁ ୧୦ ଶତକଡ଼ା ରୋଗୀ ରକ୍ତଶିକୁଳି ରୋଗରେ ଆକ୍ରାନ୍ତ ହେବା ଦେଖାଯାଏ। ଏମାନଙ୍କର ରକ୍ତ ବୃଦ୍ଧି ପାଇଁ ଆଇରନ୍ ବଟିକା ଆଦୌ ସହାୟକ ନୁହେଁ। ପ୍ରସବ ପୂର୍ବରୁ ବାରମ୍ବାର ରକ୍ତ ଦିଆଯାଇ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆଣିବାକୁ ପଡ଼ିବ। ଏହାର ବ୍ୟାପକତା ହିଁ ରକ୍ତ ହୀନତା ରୋଗର ଅନ୍ୟତମ କାରଣ। ଏହି ସମସ୍ୟା ସଂପର୍କରେ ସମସ୍ତେ ଅବଗତ ଥିଲେ ମଧ୍ୟ ଏଯାଏ କୌଣସି ବିହିତ ପଦକ୍ଷେପ ନିଆଯାଉନାହିଁ। ସ୍ୱାସ୍ଥ୍ୟ ମିସନ୍ ପୃଥିବୀରେ ପ୍ରାୟତଃ ସବୁଠୁ ଖର୍ଚ୍ଚ ବହୁଳ ଯୋଜନା। ଏହି ଯୋଜନାରେ ଟଙ୍କାର ଅଭାବ ନାହିଁ। ଅର୍ଥର ପ୍ରାଚୁର୍ଯ୍ୟ ସତ୍ତ୍ୱେ ଗୋଟିଏ ମା' ଯଦି କରିବ, ତା'ହେଲେ ଇତିହାସ କେବେ ଆମକୁ କ୍ଷମା ଦେବ ନାହିଁ। କେବଳ ତଥାକଥିତ ଇଟିଙ୍ଗ୍, ସିଟିଙ୍ଗ୍, ମିଟିଂ, କାନ୍‌ଭାସିଂ ଓ ହୁଡ଼ିଙ୍ଗ୍‌ରେ ପ୍ରଚୁର ଅର୍ଥ ବ୍ୟୟ କରାନଯାଇ ସମସ୍ୟାର ମୂଳରେ ପହ□ ସମାଧାନ କରାଗଲେ ହିଁ ଏହି ଯୋଜନାର ସଫଳ ରୂପାୟନ ହୋଇପାରିବ।

**(ସୌଜନ୍ୟ: ଡାକ୍ତର ସୁରେନ୍ଦ୍ରନାଥ ଦାଶ)**

# +୩ ପ୍ରଥମ ପର୍ଯ୍ୟାୟର ଶେଷ ଦିନ ସୁଦ୍ଧା ୬୭୧ ଜଣ ନାମ ଲେଖାଇଲେ

ଧର୍ମଶାଳା (ପିଏନ୍): ରାଜ୍ୟ ଡିଗ୍ରୀ କଲେଜ ଗୁଡିକରେ ନାମଲେଖା ପ୍ରଥମ ପର୍ଯ୍ୟାୟ ନାମଲେଖା ରବିବାର ଦିନ ଶେଷ ହୋଇଛି । ଶେଷ ଦିନ ସୁଦ୍ଧା ଧର୍ମଶାଳା ବ୍ଲକର ୫ଟି ଡିଗ୍ରି କଲେଜରେ କଳା, ବିଜ୍ଞାନ ଓ ବାଣିଜ୍ୟରେ ୧୨୧୬ଟି ସିଟ ରହିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ନାମଲେଖା ପାଇଁ ୮୩୨ଜଣଙ୍କୁ ସୂଚନା ଦିଆଯାଇଥିଲା । ସେମାନଙ୍କ ମଧ୍ୟରୁ ୬୭୧ ଜଣ ନାମ ଲେଖାଇଛନ୍ତି । ତେବେ ଏହି ୫ଗୋଟି କଲେଜର କଳାରେ ୩୭୮, ବିଜ୍ଞାନରେ ୧୩୪ ଓ ବାଣିଜ୍ୟରେ ୩୩ଜଣ ମୋଟ ୫୪୫ ଟି ସିଟ ଦ୍ୱିତୀୟ ପର୍ଯ୍ୟାୟରେ ନାମ ଲେଖାଇବା ପାଇଁ ବଳକା ରହିଛି । ଧର୍ମଶାଳା ଡିଗ୍ରି ମହାବିଦ୍ୟାଳୟର କଳାରେ ୨୫୬ ସିଟ ଥିବା ବେଳେ ପ୍ରଥମପର୍ଯ୍ୟାୟରେ ନାମଲେଖା ପାଇଁ ୧୮୪ଜଣଙ୍କୁ ସୁଚନା ଦିଆଯାଇଥିଲା ବେଳେ ୧୬୦ ଜଣ ନାମ ଲେଖାଇଛନ୍ତି । ସେହିପରି ବିଜ୍ଞାନରେ ୧୬୦ ସିଟ ଥିବା ବେଳେ ୧୦୬ଜନଙ୍କୁ ନାମଲେଖା ପାଇଁ ସୂଚନା ଦିଆଯାଇଥରବା ବେଳେ ୮୪ ଜଣ ଓ ବାଣିଜ୍ୟରେ ୬୪ ସିଟ ଥିବା ବେଳେ ୩୫ ଜଣଙ୍କୁ ନାମଲେଖାଇବା ପାଇଁ ସୂଚନା ଦିଆଯାଇଥିବା ବେଳେ ୩୧ଜଣ ନାମ ଲେଖାଇଛ଼ି । ମୁକୁନ୍ଦପାତ୍ର ଡିଗ୍ରୀ କଲେଜରେ କଳାରେ ୨୨୪ସିଟ ଥିବା ବେଳେ ୧୬୪ଜଣଙ୍କୁ ନାମଲେଖାଇବା ପାଇଁ ସୂଚନା ଦିଆ ଯାଇଥିବା ବେଳେ ୧୨୦ ଜଣ ବିଜ୍ଞାନରେ ୧୨୮ ସିଟ ଥିବା ବେଳେ ୮୪ଜଣଙ୍କୁ ସୂଚନା ଦିଆଯାଇଥିବା ବେଳେ ୭୦ଜଣ ନାମ ଲେଖାଇଛନ୍ତି । ଜେନାପୁର ଡିଗ୍ରୀ କଲେଜରେ କଳାରେ ୧୯୨ ସିଟ ରହିଥିବା ବେଳେ ୧୩୦ଜଣଙ୍କୁ ସୂଚନା ଦିଆଯାଇଥିବା ବେଳେ ୧୦୨ଜଣ ନାମ ଲେଖାଇଛନ୍ତି । ଜଗନ୍ନାଥଜିଉ ଡିଗ୍ରୀ କଲେଜରେ କଳାରେ ୬୪ ସିଟ ଥିବା ବେଳେ ୪୩ଜଣଙ୍କୁ ସୂଚନା ଦିଆଯାଇଥିବା ବେଳେ ୩୩ ଜଣ ନାମଲେଖାଇଛନ୍ତି । ଧର୍ମଶାଳା ମହିଳା ଡିଗ୍ରୀ କଲେଜରେ କଳାରେ ୧୨୮ସିଟ ଥିବା ବେଳେ ୮୬ ଜଣ ଛାତ୍ରୀଙ୍କୁ ସୂଚନା ଦିଆଯାଇଥିବା ବେଳେ ୭୧ଜଣ ନାମଲେଖାଇଥିବା କଲେଜର ଅଧ୍ୟକ୍ଷମାନେ ସୂଚନା ଦେଇଛନ୍ତି ।

# ଶିକ୍ଷକ ଅଭାବ ଯୋଗୁଁ ସ୍ମାର୍ଟ ବିଦ୍ୟାଳୟରେ ଶିକ୍ଷାଦାନରେ ବ୍ୟାଘାତ

ଖୋର୍ଦ୍ଧା (ପିଏନ)- ବେଗୁନିଆ ଥାନା ଅ'ର୍ଗତ ମାଣିବନ୍ଧ ଗ୍ରାମର ସରକାରୀ ପଂଚପଲ୍ଲୀ ଉଚ୍ଚ ବିଦ୍ୟାଳୟ ୫-ଟି ଅଧିନରେ ସ୍ମାର୍ଟ ବିଦ୍ୟାଳୟରେ ଅ'ର୍ଭୁକ୍ତ ହୋଇ ମଧ୍ୟ ଶିକ୍ଷକ ଅଭାବଜନିତ ସମସ୍ୟା ଯୋଗୁଁ ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନରେ ବ୍ୟାଘାତ ସୃଷ୍ଟି ହେଉଛି ।ଏହି ବିଦ୍ୟାଳୟଟି ୧୯୭୭ ମସିହାରେ ସ୍ଥାପିତ ହୋଇଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ମାର୍ଟ ବିଦ୍ୟାଳୟରେ ରୂପା'ରିତ ହୋଇ ଉନ୍ନତ ମାନର ଶ୍ରେଣୀ ଗୃହ,ବିଜ୍ଞାନଗାର ଓ ପାଠାଗାର ଆଦି ରହିଥିବା ବେଳେ ଶିକ୍ଷକ ଶିକ୍ଷକ ଅଭାବ ଜନିତ ସମସ୍ୟାକୁ ନେଇ ଅଭିଭାବକ ଓ ସ୍ଥାନୀୟ ଅଂଚଳର ଜନସାଧାରଙ୍କ ମନରେ ଅସ'ୋଷ ଦେଖା ଦେଖା ଦେଇଛି । ଏଥିରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟ' ମୋଟ ୨୩୭ ଜଣ ଓ ଦଶମ ଓ ନବମ ଶ୍ରେଣୀରେ ୧୬୩ ଜଣ ଛାତ୍ରଛାତ୍ରୀ ପାଠ ପଢୁଛ଼ି । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟ' ୭ ଜଣ ଶିକ୍ଷକ,ନବମ ଓ ଦଶମ ଶ୍ରେଣୀ ପାଇଁ ୪ ଜଣ ରହିଛ଼ି ।ଏହି ୭ ଜଣ ଶିକ୍ଷକ ମଧ୍ୟରୁ ଜଣେ ଶିକ୍ଷକ ପ୍ରଦୀପ ବଳବ'ରାୟଙ୍କୁ ସାଧନ କେନ୍ଦ୍ର ସଂଯୋଜକ ଭାବେ ନିଯୁକ୍ତ ହୋଇଥିବା ବେଳେ ଶିକ୍ଷକ ବିଜୟ କୁମାର ବେହେରାଙ୍କୁ କୌଣସି କାରଣ ଯୋଗୁଁ ଡେପୁଟେସନରେ ଅସରଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପଠାଯାଇଛି ।ଏବେ ବିଦ୍ୟାଳୟରେ କେବଳ ୫ ଜଣ ଶିକ୍ଷକ ଶିକ୍ଷାଦାନ କରୁଥିବା ବେଳେ ନବମ ଓ ଦଶମ ଶ୍ରେଣୀରେ ୪ ଜଣ ଶିକ୍ଷକ ବଦଳରେ ବିଜ୍ଞାନ,ଗଣିତ,ହିନ୍ଦି ଓ ପିଇଟି ଶିକ୍ଷକ ପଦବୀ ଖାଲି ହୋଇ ପଡିଛି । ଅପର ପକ୍ଷରେ ୩ ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀ ବଦଳରେ ୧ ଜଣ ରହିଥିବା ବେଳେ ରାତ୍ର ଜଗୁଆଳୀ ପଦବୀ ଖାଲି ହୋଇ ପଡିଛି ।ଏହି ବିଦ୍ୟାଳୟରେ ଶିକ୍ଷକ ଅଭାବ ଜନିତ ସମସ୍ୟା ଯୋଗୁଁ ଶିକ୍ଷାଦାନ କିଭଳି ହେଉଥିବ ସ୍ପଟ ଭାବେ ବାରି ହୋଇ ପଡୁଛି ।ସରକାରଙ୍କ ନିୟମ ଅନୁଯାଇ ୩୦ ଜଣରେ ଜଣେ ଶିକ୍ଷକଙ୍କୁ ନିଯୁକ୍ତ କରିବା କଥା ଏହାର ବ୍ୟତିକ୍ରମ ଘଟି ପ୍ରଥମରୁ ଅଷ୍ଟମ ପାଇଁ ୭ ଜଣ, ନବମ ଓ ଦଶମ ଶ୍ରେଣୀ ପାଇଁ ୬ ଜଣ ରହିବା ବଦଳରେ ମୋଟ ୯ ଜଣ ରହିଛନ୍ତି। ସେଥି ମଧ୍ୟରୁ ସଂସ୍କୃତରେ ୨ ଜଣ ଶିକ୍ଷକ ରହିଛନ୍ତି, ଅନ୍ୟ ବିଷୟର ଶିକ୍ଷକ ପଦବୀ ଖାଲି ରହିଛି। ଏ ନେଇ ୫ଟି ସଚିବ,ଖୋର୍ଦ୍ଧା ଜିଲ୍ଲା ଶିକ୍ଷାଧିକାରୀ ଓ ବୋଲଗଡ ଶିକ୍ଷାଧିକାରୀଙ୍କୁ ଭେଟି ଦାବୀପତ୍ର ପ୍ରଦାନ କରିବେ ବୋଲି ନିଷ୍ପତି ନେଇଛନ୍ତି।

# —ମାତୃକୃପା—



ଦୁର୍ଗା, ଲକ୍ଷ୍ମୀ, ସରସ୍ୱତୀଙ୍କ ନାଁରେ ଆମେ ଧନ ସମ୍ପଦର ପୂଜା କରିବା ଉଚିତ ନୁହେଁ। ଆମ ଜନ୍ମଦାତ୍ରୀ ଜନନୀ ପ୍ରତି ଭକ୍ତି ହିଁ ସମସ୍ତ ଦେବାଦେବୀଙ୍କ ପୂଜା ସହ ସମାନ। ମାଆକୁ ଦିଆଯାଇଥିବା ସୁରକ୍ଷା ହିଁ ଆମ ନିଜ ଜୀବନର ପ୍ରକୃତ ସୁରକ୍ଷା। ପିତା ଯଦି ଧର୍ମର ପ୍ରତିମୂର୍ତ୍ତି ବୋଲି ଗ୍ରହଣ କରାଯାଏ ତେବେ ମାତା ପ୍ରେମର ପ୍ରତିମା ସଦୃଶ। ସନ୍ତାନର କଲ୍ୟାଣ ଦୃଷ୍ଟିରୁ ମାଆ ସେମାନଙ୍କୁ କେବେ କିଛି ଦଣ୍ଡ ଦେଇପାରେ। ଏହି ଦଣ୍ଡ ଆମକୁ କିଭଳି ରକ୍ଷାକରେ ଓ କେଉଁ ଦୃଷ୍ଟିରୁ ସାହାଯ୍ୟ କରେ ତାହା ବୁଝିବାକୁ ଆମର ବିଚାର ଶକ୍ତି ଥିବା ଦରକାର। ପହଁରା ଜଣା ନଥିବା ଲୋକ ଯଦି ନଦୀରେ ମରିଯାଏ, ତେବେ ତାହା ନଦୀର ଦୋଷ ନା ସେ ଲୋକର?

ନିଆଁରେ ଆଙ୍ଗୁଠି ଦେଖାଇଲେ ତାହା ଯୋଡ଼ିଯିବ, ଏଥିପାଇଁ ଆମେ ନିଆଁକୁ ଦୋଷ ଦେବା କି? ଏହା ଆମ ନିଜ ଦୋଷ, କାରଣ ନିଆଁ ପୋଡ଼ି ଦିଏ ଏ କଥା ଆମେ ଜାଣିଲୁ ନାହିଁ। ସେହିପରି ମାଆଙ୍କୁ ଖରାପ ଲାଗିଲା ଭଳି ଆଚରଣ ଦେଖାଇ ଆମେ ଯଦି ଦଣ୍ଡ ଭୋଗ କଲେ ତେବେ ଏଥିରେ ମାଆକୁ ଦୋଷ ଦେଇ ଫଳ କ'ଣ ପାଇବ? ଏହା ପୁଣି ଏକ ନିନ୍ଦନୀୟ କଥା। ମାଆକୁ ଭଲ ଲାଗିଲା ଭଳି, ମାଆକୁ ସନ୍ତୁଷ୍ଟ କଲାଭଳି, ଆନନ୍ଦ ଦେଲା ଭଳି କାମ ଆମ୍ଭେମାନେ କରିବା ଉଚିତ। ନବରାତ୍ରୀ ଉତ୍ସବ ବାସ୍ତବିକ ସେଥିପାଇଁ ଉଦ୍ଦିଷ୍ଟ ଯାହା ଦ୍ୱାରା ଆମେ ମାଆର ପ୍ରାଧାନ୍ୟ ବୁଝିପାରିବା, ମାଆକୁ ଭକ୍ତି କରିପାରିବା, ଏବଂ ମାଆର ପ୍ରିୟ ମାର୍ଗରେ ଚାଲିପାରିବା। ଅପରପକ୍ଷରେ, ଲୋକ ଅଛନ୍ତି ଯେଉଁମାନେ ନିଜ ମାଆକୁ ଅଣହେଳା କରି ଦୁର୍ଗା, ଲକ୍ଷ୍ମୀ, ସରସ୍ୱତୀଙ୍କୁ ପୂଜା କରିବା ପାଇଁ ଫୁଲ କିଣି ଆସନ୍ତି। ଜନ୍ମଦାତ୍ରୀ ମାଆ ହିଁ ଦୁର୍ଗା, ଲକ୍ଷ୍ମୀ ଓ ସରସ୍ୱତୀଙ୍କ ସାକ୍ଷାତ ସ୍ୱରୂପ। ମାଆ ଆଖିରୁ ଲୁହ ଠୋପାଏ ଝରିବାକୁ ଦେବାନାହିଁ। ବିଦେଶୀମାନେ ମଧ ସେମାନେ ବିଶ୍ୱାସ କରନ୍ତି ଯେ ଯେଉଁଠାରେ ନାରୀମାନଙ୍କୁ କଷ୍ଟ ଦିଆଯାଏ ସେଠାକାର ଅଭିବୃଦ୍ଧି ଉଭେଇ ଯାଏ। ତେଣୁ ଯାହା ହୋଇଯାଉ ପଛକେ, ମାଆକୁ ଦୁଃଖିନୀ ନ କରିବା ହେଉଛି ଆମର ପ୍ରଧାନ ଓ ପ୍ରଥମ କର୍ତ୍ତବ୍ୟ। କେବଳ ସୀତାଙ୍କୁ କନ୍ଦାଇବା ଯୋଗୁଁ ସମଗ୍ର ରାବଣ ବଂଶ ଧ୍ୱଂସ ହୋଇଗଲା। ଦ୍ରୌପଦୀଙ୍କୁ କନ୍ଦାଇବା ଯୋଗୁଁ ସମଗ୍ର କୌରବ ବଂଶ ଧ୍ୱଂସ ହୋଇଗଲା। ତେଣୁ କୌଣସି ପରିସ୍ଥିତିରେ ବି ଲୋକମାନେ ସ୍ତ୍ରୀ ଲୋକମାନଙ୍କୁ କନ୍ଦାଇବା ଉଚିତ ନୁହେଁ। ଏକଥା ବି ସମସ୍ତେ ଜାଣିବା ଦରକାର ଯେ ପ୍ରତ୍ୟେକ ନାରୀ ମାତୃଶକ୍ତିର ସାକାର ପ୍ରତିମୂର୍ତ୍ତି। ତେଣୁ ଆମ୍ଭେମାନେ ସେମାନଙ୍କୁ ସମ୍ମାନ ଓ ମର୍ଯ୍ୟାଦା ପ୍ରଦର୍ଶନ କରିବା ଉଚିତ।

**ଯୁଧିଷ୍ଠିର ମହାରଣା**, ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୧୬୩୫୨୮

# ଟ୍ରକ୍ ଚୋରି ର୍ୟାକେଟ୍ ଠାବ, ୯ ଅଟକ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ପୁଲିସ୍ ଏକ ବଡ଼ଧରଣର ଟ୍ରକ୍ ଚୋରି ର୍ୟାକେଟ୍‌କୁ ଠାବ କରିଛି । ର୍ୟାକେଟ୍‌ର କିଙ୍ଗ୍‌ପିନ୍ ସମେତ ଆଜିସୁଦ୍ଧା ଏହି ଘଟଣାରେ ପୁଲିସ୍ ୯ଜଣ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇଛି । ସେମାନଙ୍କ ମଧ୍ୟରେ ବଡଚଣା ଥାନା ଅ□ଳର ୨ଜଣ ଜିଲ୍ଲାସ୍ତରୀୟ ଛାତ୍ରନେତା ସାମିଲ୍ ଥିବା ଚର୍ଚ୍ଚା ହେଉଛି । ଏମାନଙ୍କୁ ଧର୍ମଶାଳା ଅ□ଳର ଜଣେ ପ୍ରଭାବଶାଳୀ ବ୍ୟକ୍ତି ସହଯୋଗ କରୁଥିବା ଜଣାପଡ଼ିଛି । ସମସ୍ତଙ୍କୁ ଥାନାରେ ଅଟକ ରଖାଯାଇ ପଚରାଉଚରା କରାଯାଉଥିବା ବେଳେ ଏହି ଘଟଣାରେ ଆଉ କେଉଁମାନେ ସଂପୃକ୍ତ ଅଛ଼ି ପୁଲିସ୍ ଏହାର ଖୋଳତାଡ଼ କରୁଛି । ସଂପୃକ୍ତ ଦୁଇଜଣ ଛାତ୍ରନେତାଙ୍କୁ ଖସାଇ ନେବାପାଇଁ ଏକ ରାଜନୈତିକ ଦଳ ପକ୍ଷରୁ ପୁଲିସ୍ ଉପରେ ପ୍ରବଳ ଚାପ ପଡୁଥିବା ଶୁଣିବାକୁ ମିଳୁଛି । ପ୍ରକାଶ ଯେ, ଏକ କ୍ରୋମାଇଟ୍ ବୋଝେଇ ଟ୍ରକ୍ ଚୋରି ଘଟଣାର ତଦନ୍ତ କରୁଥିବା ବେଳେ ପୁଲିସ୍ ଉକ୍ତ ର୍ୟାକେଟ୍‌କୁ ଠାବ କରିଥିଲା । ବଡଚଣା ଅ□ଳର କେତେକ ଅସାମାଜିକ ଯୁବକ ବିଭିନ୍ନ ସ୍ଥାନରୁ ଟ୍ରକ୍ ଚୋରି କରି ଅନ୍ୟତ୍ର ଚାଲାଣ କରୁଥିଲେ। ପରେ ଟ୍ରକ୍‌କୁ କାଟି ବିଭିନ୍ନ ଯନ୍ତ୍ରାଂଶ ବିକ୍ରି କରି ବେଶ୍ ମୁନାଫା ପାଉଥିଲେ। ଏଥିସହିତ ସେମାନେ ସ୍କ୍ରାପ୍ ଚୋରା କାରବାରରେ ମଧ୍ୟ ଲିପ୍ତ ଥିବା ଜଣାପଡ଼ିଥିଲା । ଏ ସଂପର୍କରେ ସୂଚନା ପାଇ ପୁଲିସ୍ ଖୋଳତାଡ଼ ଆରମ୍ଭ କରିଥିଲା । ପୁଲିସ୍ ଧର୍ମଶାଳା ଓ ବଡ଼ଚଣା ଥାନା ଅ□ଳର ବିଭିନ୍ନ ସ୍ଥାନରେ ଚଢ଼ଉ କରି ଦୁଇଦିନ ମଧ୍ୟରେ ୬ଜଣ ଅଭିଯୁକ୍ତଙ୍କୁ ଧରିବା ସହ ଚୋରି ଟ୍ରକ୍‌କୁ ଜବତ କରିଛି । ସେହିପରି ଟ୍ରକ୍ କିଣାବିକା ଘଟଣାରେ କୋଲକତାର ୨ଜଣ ଓ ଧର୍ମଶାଳା ଅ□ଳର ଜଣେ କାର୍ପେଟଦାରକୁ ଥାନାକୁ ଉଠାଇ ଆଣି ପୁଲିସ୍ ପଚରାଉଚରା କରୁଛି । ଏହି ଘଟଣାରେ ଅନ୍ୟମାନଙ୍କର ସମ୍ପୃକ୍ତି ରହିଥିବା ବେଳେ ତଦନ୍ତ ବ୍ୟାହତ ହେବା ଆଶଙ୍କାରେ ପୁଲିସ୍ ଏନେଇ କୌଣସି ସୂଚନା ଦେଉନାହିଁ।

# ସହୀଦ ବାଘାଯତୀନଙ୍କ ସ୍ମୃତି ଦିବସ ପାଳିତ



ବାଲେଶ୍ୱର (ପିଏନ୍)- ବାଲେଶ୍ୱର ସଦର ମହକୁମା ଓ ଚଷାଖଣ୍ଡ ଦେଶୁଆଁ ପୋଖରୀ ଠାରେ ମହାସମାରୋହରେ ସହୀଦ ବାଘାଯତୀନଙ୍କ ୧୦୭ତମ ସ୍ମୃତି ଦିବସ ପାଳିତ ହୋଇଯାଇଛି। ଏହି ସମାରୋହରେ ବିଶିଷ୍ଟ ଅତିଥି ଭାବେ ମାନ୍ୟବର ମନ୍ତ୍ରୀ ଶ୍ରୀ ଜଗନ୍ନାଥ ଶାରକା ଓ ଅଶ୍ୱିନୀ କୁମାର ପାତ୍ର, ମାନ୍ୟବର ବିଧାୟକ ସ୍ୱରୁପ କୁମାର ଦାସ, ପୌରପାଳିକା ଅଧକ୍ଷା ଶ୍ରୀମତୀ ସବିତା ସାହୁ, ବାଘାଯତୀନ ଉନ୍ନୟନ କମିଟିର ସଂପାଦକ ଓ ସଦସ୍ୟ ସଦସ୍ୟା, ପଶ୍ଚିମବଙ୍ଗରୁ ଆମନ୍ତ୍ରିତ ଅତିଥି, ସଭାପତି ତଥା ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ସିନ୍ଧେ ଓ ବିଶିଷ୍ଟ ମାନ୍ୟଗଣ ବ୍ୟକ୍ତି ସହରରେ ଥିବା ମହାପୁରୁଷ ମାନଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ବାରବାଟୀ ବାଳିକା ବିଦ୍ୟାଳୟରେ ପହ□ଥିଲେ। ସମସ୍ତ ଅତିଥି ପ୍ରଥମେ ଜାତୀୟ ପତାକା ଉତ୍ତୋଳନ କରିବା ପରେ ୧୦୭ଟି ଦୀପ ପ୍ରଜ୍ୱଳନ କରି ସମାରୋହ କୁ ଉଦ୍ଘାଟନ କରିବା ସହ ବାଘାଯତୀନଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଆୟୋଜିତ ସଭାରେ ବିଶିଷ୍ଟ ଅତିଥିମାନେ ସହୀଦ ବାଘାଯତିନ ଓ ୪ ଜଣ ସାଥୀ ସଂଗ୍ରାମୀଙ୍କର ବୀରତ୍ୱ ଓ ନିର୍ଭିକତା ବିଷୟରେ ଆଲୋଚନା କରିଥିଲେ। ବାଘାଯତୀନଙ୍କ ସ୍ମୃତିରେ ଆୟୋଜିତ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ସ୍ଥାନୀୟ ବାଘାଯତୀନ କ୍ଲବରେ ଏକ ରକ୍ତଦାନ ଶିବିରକୁ ଅତିଥିମାନେ ଉଦ୍ଘାଟନ କରିଥିଲେ। ପରେ ଚଷାଖଣ୍ଡ ଦେଶୁଆ ପୋଖରୀଠାରେ ଆୟୋଯିତ ଉତ୍ସବରେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ରଙ୍କ ସହ ଜିଲ୍ଲାପାଳ ଶ୍ରୀ ସିନ୍ଧେ ଏବଂ ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ମିଳିତ ହୋଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ସହୀଦମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ପ୍ରଦୀପ ପ୍ରଜ୍ୱଳନ ଏବଂ ପୁଲିସ ବାହିନୀ ଦ୍ୱାରା ସହୀଦ ସଲାମୀ ଆଦି କାର୍ଯ୍ୟକ୍ରମକୁ ସାଫଲ୍ୟମଣ୍ଡିତ କରିଥିଲେ।

# ଶିଳ୍ପୋଦ୍ୟୋଗୀ ସଚେତନତା ଶିବିର



ଫୁଲନଖରା (ପିଏନ୍)-ଜିଲା ଶିଳ୍ପ କେନ୍ଦ୍ର ଆନୁକୂଲ୍ୟରେ ଏକ ସଚେତନତା ଶିବିର ବାରଙ୍ଗ ବ୍ଲକ ଅନ୍ତର୍ଗତ କୁରାଙ୍ଗଶାସନଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ କଟକ ଶିଳ୍ପକେନ୍ଦ୍ର ସହକାରୀ ପରିଚାଳକ ବିମଳକୁମାର ଦାସ, ବାରଙ୍ଗ ବ୍ଲକ ଆଇପିଓ ରିତା ମହନ୍ତ, ଶିକ୍ଷାବିତ ଅଜୟକୁମାର ପତି, ସରପଞ୍ଚ ରୋହିଣୀ ଭୋଇ ପ୍ରମୁଖ ଯୋଗଦେଇ କ୍ଷୁଦ୍ର ଶିଳ୍ପ ମାଧ୍ୟମରେ ସ୍ୱାବଲମ୍ବୀ ହେବାକୁ ଯୁବକ ଯୁବତୀମାନଙ୍କୁ ପରାମର୍ଶ ଦେଥିଲେ। ଏତଦ ସହିତ ବିଭାଗର ବିଭିନ୍ନ ଯୋଜନା ବିଷୟରେ ଶିଳ୍ପୋଦ୍ୟୋଗୀଙ୍କୁ ଅବଗତ କରାଯାଇଥିଲା। ଆୟୋଜିତ ଏହି କାର୍ଯ୍ୟକ୍ରମରେ କ୍ଷୁଦ୍ର ଶିଳ୍ପ ଉଦ୍ୟୋଗୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଏବଂ ଶିକ୍ଷିତ ଯୁବଗୋଷ୍ଠୀ ଉପସ୍ଥିତ ରହି ଶିଳ୍ପ କେନ୍ଦ୍ର ମାଧ୍ୟମରେ ମିଳୁଥିବା ସହାୟତା ଏବଂ ସ୍କିମ ବାବଦରେ ପଚାରି ବୁଝିଥିଲେ।

# ରୋଟାରୀ କ୍ଲବ ପକ୍ଷରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର



ଧର୍ମଶାଳା (ପିଏନ୍): ଜାରକା ରୋଟାରୀ କ୍ଲବ ପକ୍ଷରୁ କ୍ଲବ ପରିସରରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଆଖପାଖ ଅଂଚଳର ୨୫ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇ ସେମାନଙ୍କ ମଧ୍ୟରୁ ୬ଜଣଙ୍କର ମୋତିଆବିନ୍ଦୁ ଥିବା ଜଣାପଡିଥିଲା । ଏମାନଙ୍କ ମଧ୍ୟରୁ ୪ଜଣ ମୋତିଆବିନ୍ଦୁ ରୋଗୀଙ୍କୁ କଟକସ୍ଥିତ ରୋଟାରୀ ଚକ୍ଷ୍ୟୁ ଚିକିତ୍ସା କେନ୍ଦ୍ରକୁ ପଠାଯାଇଥିଲା । ଉକ୍ତ ରୋଗୀ ମାନଙ୍କ ସମସ୍ତ ଖର୍ଚ୍ଚ ରୋଟାରୀ କ୍ଲବ ପକ୍ଷରୁ ବହନ କରାଯିବ। ଏହି ଚକ୍ଷୁ ଚିକିତ୍ସା ଶିବିରରେ ଜେପିଏମ ରୋଟାରୀ ଚକ୍ଷୁ ହସପିଟାଲର ଡାକ୍ତର ଅମିତଭିଦା ସାରିଆ ଚକ୍ଷୁ ପରୀକ୍ଷା କରିଥିବାବେଳେ ଅପ୍ଟୋମେଟ୍ରିକ ଗାୟତ୍ରୀ ପ୍ରିୟଦର୍ଶିନୀ, ନନ୍ଦିନୀ ନାୟକ ଓ କ୍ୟାମ୍ପ ଅର୍ଗାନାଇଜର ସୁରଜ କୁମାର ଦାଶ ଚିକିତ୍ସାରେ ସହଯୋଗ କରିଥିଲେ । ଏହି ଶିବିରକୁ ଜାରକା ରୋଟାରୀ କ୍ଲବର ସଭାପତି ପ୍ରମୋଦ କୁମାର ସାମଲ, ସମ୍ପାଦକ ସୁକାନ୍ତ କୁମାର ସ୍ୱାଇଁ, ପ୍ରଦୀପ୍ତ ବରାଳ, ଜୟନ୍ତ କୁମାର ସାହୁ, ସତ୍ୟାନନ୍ଦ ବରାଳ, ରାଜେନ୍ଦ୍ର ପଲେଇ, କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ, ଅମୁଲ୍ୟ ମହାରଣା, ହରିହର ପଣ୍ଡା ଓ କାଦମ୍ବିନୀ ମିଶ୍ର ପରିଚାଳନାରେ ସହାୟତା କରିଥିଲେ । ସୂଚନାଯୋଗ୍ୟ ରୋଟାରୀ କ୍ଲବ ଜାରକା ପକ୍ଷରୁ ପ୍ରତ୍ୟେକ ମାସର ଦ୍ୱିତୀୟ ଓ ଚତୁର୍ଥ ରବିବାର ଦିନ ରୋଟାରୀ କ୍ଲବ ପରିସରରେ ଏଭଳି ଚକ୍ଷୁ ଚିକିତ୍ସା ଶିବିରର ଆୟୋଜନ କରାଯିବ ବୋଲି ସମ୍ପାଦକ ଶ୍ରୀ ସ୍ୱାଇଁ ସୂଚନା ଦେଇଛନ୍ତି ।


## DISPLAY CLASSIFIED

FOR ADVERTISEMENT CONTACT

Phone No. (0674) 2555116/9853400829

Fax: (0674) 2550504

E-mail : paryabekhyak@gmail.com

editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)

10c.m.x 4cm: Rs. 350/- (One day)

5c.m.x 4cm: Rs. 5,000/- (One Month)

5c.m.x 4cm: Rs. 200/- (One day)

VED BHAWAN

Creating Peace, Progress & Prosperity

For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.

DO YOU NEED PUNDITS / ASTROLOGERS / VASTU EXPERTS ?

Contact :

Near Mukteswar Temple, Sarbodaya Nagar, Puri.

N-3, B-14/15, MPS Campus, Nayapalli, Bhubaneswar

Ph. 0674-2550786, Fax : 0674-2550504

Email.: yagyaanusthan@sify.com

ADMISSION ON

MPS PLAY HOME

Where awareness nurtured, innocence blossoms.

For

PRE-NURSERY, NURSERY, L.K.G. & U.K.G.

N-3B-14/15, Ekamra Kanan Road, Nayapalli, BBSR

Tel : (0674) 2556225, 2558884, Fax : 2550504

Email : maharishipublicschool@yahoo.com

Web : www.maharishipublicschool.com

Pragyan Communication

Mahaditya Publication

ADMISSION ON

MAHARISHI PUBLIC SCHOOL

your gateway to complete education

For

PRE-NURSERY, NURSERY, L.K.G., U.K.G., Std-1 to Std-VIII

Baghra Road, Baripada

Tel-06792-255227

Email : maharishipublicschool@yahoo.com

Web : www.maharishipublicschool.com




# କୁଡାସିଂହା ଠାରେ ସାର୍ବଜନୀନ ସାଂସ୍କୃତିକ କଳା ପରିଷଦ ଆନୁକୂଲ୍ୟରେ ନୂଆଁଖାଇ ଜୁହାର ଭେଟ ଘାଟ

ବଲାଙ୍ଗିର ,(ପି.ଏନ): ଗତକାଲି ବଲାଙ୍ଗୀର ସଦର ବ୍ଲକ କୁଡାସିଂହା ଠାରେ ସାର୍ବଜନୀନ ସାଂସ୍କୃତିକ କଳା ପରିଷଦ ଆନୁକୂଲ୍ୟରେ ମହା ସମାରୋହରେ ନୂଆଁଖାଇ ଜୁହାର ଭେଟ -୨୦୨୨ପାଳିତ ହାରିଯାଇଛି। ସକାଳୁ ପଞ୍ଚାୟତ ସ୍ତରୀୟ ସ୍କୁଲ କଲେଜ ଛାତ୍ର ଛାତ୍ରୀଙ୍କ ପ୍ରତିଯୋଗିତାରୁ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା ଯେଉଁଥିରେ ବିଚାରକ ଭାବେ ହରେକୃଷ୍ଣ ସାହୁ, ଶ୍ୟାମସୁନ୍ଦର ଦାସ ଏବଂ ନୂତନ ସେଠ ମଞ୍ଚାସିନ ଥିଲେ ଏବଂ ଅଧ୍ୟାପକ ନିତ୍ୟାନନ୍ଦ ସିର୍ଦ୍ଧାର ପରିଚାଳନା କରିଥିଲେ। ଏଥିରେ ସବ୍ ଜୁନିୟର ଗୀତ ବିଭାଗ ରେ ଆରୁଷି ପୁଟେଲ,ଡିଲେଶ୍ୱର ସିର୍ଦ୍ଧାର,ଦିପକ ପାତ୍ର ସବ୍ ଜୁନିୟର ନାଚରେ ଅଙ୍କିତା ରାଉତ,ଦିନେଶ କୁମ୍ଭାର,ବିନାୟକ ଓ ଗ୍ରୁପ, ଜୁନିୟର ଗୀତରେ ପ୍ରତିମା ପୁଟେଲ,ସୋନାଲି ପୁଟେଲ, ତୃଷ୍ଣାରାଣୀ ଛତ୍ରିଆ, ଜୁନିୟର ନାଚରେ ଅନୁପମା ବାଗ, ହେମନ୍ତ, ଶିବଶଙ୍କର ଓ ଗ୍ରୁପ, ସିନିଅର ଗୀତରେ ଚନ୍ଦ୍ରିକା ବାଗ, ମଧୁସ୍ମିତା ସିର୍ଦ୍ଧାର,ସସ୍ମିତା ଖମାରୀ ତଥା ସିନିଅର ନାଚରେ ମମତା ଓ ଗ୍ରୁପ, ମିନତି ରାଉତ,ବର୍ଷା ମଲ୍ଲିକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ପୁରସ୍କୃତ ହୋଇଥିଲେ। ଅପରାହ୍ନ ୩ଟାରୁ ହୋଇଥିବା ସାଂସ୍କୃତିକ ସଭାରେ ସ୍ଥାନୀୟ ବିଧାୟକ ଶ୍ରୀଯୁକ୍ତ ନରସିଂହ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ଯୋଷୀ , ସମ୍ମାନିତ ଅତିଥି ଭାବେ ରଶ୍ମିରଞ୍ଜନ ମିଶ୍ର ଜିଲ୍ଲା ସଂସ୍କୃତି ଅଧିକାରୀ , ସ୍ଥାନୀୟ ସରପଞ୍ଚ ଶ୍ରୀମତୀ ଜ୍ୟୋସ୍ନାରାଣୀ ସାହୁ , ସାମ୍ବାଦିକ ପ୍ରଦିପ୍ତ ମିଶ୍ର,ଉମାକାନ୍ତ ଝାଙ୍କରଙ୍କ ସହ ଆୟୋଜକ କମିଟି ସଭାପତି ବିରଞ୍ଚି ପଧାନ ପ୍ରମୁଖ ମଞ୍ଚାସିନ ଥିଲେ।ଆଜାଦିକା ଅମୃତ ମହୋତ୍ସବ ଅବସରରେ ବୁଢାଡଙ୍ଗର କଲେଜ ଛାତ୍ରୀ ମନେ ଏକ ପ୍ରାରମ୍ଭିକ ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ। ନୂଆଁଖାଇ ପର୍ବ ହେଉଛି ଆମର ଆଦି ପର୍ବ ତଥା ଏହାର ସଂରକ୍ଷଣ ପାଇଁ ଆମେ ଉତ୍ତର ଦାୟୀ ଏହା ଉପରେ ମୂଖ୍ୟ ବକ୍ତା ଆଲୋକପାତ କରାଇଥିଲେ।ଏହି ଅବସରରେ ସଂସ୍କୃତି ଓ ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସଂସ୍କୃତି ଗବେଷକ ବାସୁଦେବ ସା,ରେଶ୍ମାରାଣୀ ଦାଶ କୋଶଲୀ କବି ଅର୍ଜୁନ ସାହୁ,ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ବଂଶୀଧର ଦାସ,ରାଜିନ୍ଦ୍ର ସାହୁ, ଧନଞ୍ଜୟ ପାଣିଗ୍ରାହୀ, ବରିଷ୍ଠ ରାବଣ ଭୂମିକାରେ ଅଭିନେତା ରାଧେଶ୍ୟାମ ସିର୍ଦ୍ଧାର,ମହିଳା ସଶକ୍ତିକରଣ ପାଇଁ ବୁଢାଡଙ୍ଗର ମହିଳା ସଂକୀର୍ତ୍ତନ ମଣ୍ଡଳୀ ତଥା ଉଲ୍ଲେଖନୀୟ ସମାଜସେବା ପାଇଁ ମାହେଶ୍ୱରୀ ସାମାଜିକ ସଂଗଠନକୁ ମାନପତ୍ର ସହ ସମ୍ମାନିତ କରାଯାଇଥିଲା। ସଭାକୁ ଡା ଲଳିତ କୁମାର ସାହୁ ପରିଚାଳନା କରିଥିବାବେଳେ ଇଂରାଜୀ ଅଧ୍ୟାପକ ଅକ୍ଷୟ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।ପରେ ପରେ ଢୋଲମୂହୁରୀ କଳା ପରିଷଦ,ପୁଇଁତଲା ଏବଂ ସଂଗୀତ ସାଧନା, ଲୋଇସିଂହା ଦଳ ଲୋକନୃତ୍ୟ ପରିବେଷଣ କରିଥିଲେ। ହଜାର ସଂଖ୍ୟାରେ ଦର୍ଶକ ରାତି ପର୍ଯ୍ୟନ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ଜୟପୁର କାଗଜକଳକୁ ସ୍ୱାଭାବିକ କରିବାକୁ ଦାବି

ଜୟପୁର, (ପି.ଏନ): ଭାରତୀୟ କମ୍ୟୁନିଷ୍ଟ ପାର୍ଟି ର ୨୩ତମ ରାଜ୍ୟ ସମ୍ମିଳନୀରେ କୋରାପୁଟ ଜିଲ୍ଲାର ଜୟପୁର ଠାରେ ରହିଥିବା ଏକ ମାତ୍ର ବୃହତ କାଗଜ କଳ ସେବା କାଗଜ କଳକୁ ସ୍ୱାଭାବିକ ଭାବେ ଚଳେଇବା ପାଇଁ ଏବଂ ଶ୍ରମିକମାନଙ୍କୁ ପୂର୍ଣ୍ଣ ଦରମା ଦେବା ସହିତ ସେମାନଙ୍କର ଇପିଏଫ ରେଗୁଲାର କରି ଅବସରପ୍ରାପ୍ତ ଶ୍ରମିକ ମାନଙ୍କ ପି ଏଫ୍ ଜମା ଟଙ୍କା ଦେବା ସହ ପେନସନ ବ୍ୟବସ୍ଥା କରିବା ପାଇଁ ରାଜ୍ୟ ସମ୍ମିଳନୀରେ ଆଲୋଚନା ହୋଇ ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ଲୋଡ଼ିବା ପାଇଁ ପ୍ରସ୍ତାବ ନିଆଯାଇଛି। ଏଥିରେ କୁହାଯାଇଛି ଯେ ୨୦୨୦ ଫେବୃଆରୀ ମାସରେ ପୁରୁଣା କମ୍ପାନୀ ବିଜିପିପିଏଲ୍ ହରିଆନା ରାଜ୍ୟ ସରକାରଙ୍କ ଷ୍ଟାମ୍ପ ଡ୍ୟୁଟି ପେପର୍ ରେ ହାଇଦ୍ରାବାଦ ସ୍ଥିତ ମଦର୍ ଆର୍ଥ୍ କମ୍ପାନୀ ସହ ଦ୍ୱିପାକ୍ଷିକ ଚୁକ୍ତିନାମା କରି ହସ୍ତାନ୍ତର କରିଛି , ଓଡ଼ିଶା ସରକାରଙ୍କ ଠାରୁ ପୂର୍ବରୁ ଅନୁମତି ନନେଇ ଇଣ୍ଡସ୍ ଇଣ୍ଡ୍ ବ୍ୟାଙ୍କ ରୁ ୧୫୦ କୋଟି ଟଙ୍କା ଋଣ ନୂଆ କମ୍ପାନୀ ମଦର ଆର୍ଥ୍ ଋଣ ନେଇଛି କିନ୍ତୁ ଦୁଇ ବର୍ଷ ରୁ ଉର୍ଦ୍ଧ କାଳ ହେଲା କାଗଜ କଳ ସ୍ୱଭାବିକ ଭାବେ ଚଳେଇବା ରେ ଅକ୍ଷମ ହୋଇଛି । ଯଦିଓ ଉକ୍ତ ଋଣ ଟଙ୍କା ରୁ ପୁରୁଣା କମ୍ପାନୀ ମୁଖ୍ୟ ଗୌତମ ଥାପରକୁ ୧୦୦ କୋଟି ଟଙ୍କା ଦେଇଛି କିନ୍ତୁ ଶ୍ରମିକ ମାନଙ୍କୁ କୋଭିଡ୍ ମହାମାରୀ ସମୟରେ ମଧ୍ୟ ଟଙ୍କା ଟିଏ ଦେଇନାହିଁ।

## ହଳଦୀକୁଣ୍ଡ ଗ୍ରାମରେ ପୁଣି ଅଜଣା ରୋଗରେ ୭ ଆକ୍ରାନ୍ତ

ମାଲକାନଗିରି, (ପି.ଏନ): ମାଲକାନଗିରି ଜିଲ୍ଲା ଅନ୍ତର୍ଗତ ମାଥିଲି ବ୍ଲକର ସାଲିମି ପଞ୍ଚାୟତର ହଳଦୀକୁଣ୍ଡ ଗ୍ରାମରେ ଅଜଣା ରୋଗରେ ଗତ ୧୫ ଦିନ ମଧ୍ୟରେ ୭ ଜଣଙ୍କର ମୃତ୍ୟୁ ହୋଇସାରିଥିବା ବେଳେ ଏବେ ବି ବହୁ ରୋଗୀ ଆକ୍ରାନ୍ତ ହୋଇ ଛଟପଟ ହେଉଛନ୍ତି। ପ୍ରଥମେ ଲୋକଙ୍କ ଗୋଡ ଫୁଲିବା ପରେ ହାତ ଫୁଲିବା ଏବଂ ପରେ ଜ୍ୱର ହୋଇ ମୃତ୍ୟୁବରଣ କରୁଛନ୍ତି।ତେବେ ତିନି ଚାରି ଦିନ ମଧ୍ୟରେ ରୋଗୀଙ୍କର ମୃତ୍ୟୁ ହୋଇଯାଉଛି। ଏହି ଘଟଣା ପରେ ମେଡିକାଲର ଏକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଲୋକଙ୍କୁ ବୁଝାସୁଝା କରି ମେଡିକାଲରେ ଭର୍ତ୍ତି କରୁଛି। ଏବେ ପୁଣି ୭ ଜଣ ଏହି ଅଜଣା ରୋଗର ଶିକାର ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଲୋକେ ମେଡିକାଲ ଆସିବାକୁ ନାରାଜ ହେଉଥିବା ବେଳେ ଡାକ୍ତରମାନଙ୍କ ପରାମର୍ଶକୁ ମଧ୍ୟ ଖାତିର କରୁନଥିଲେ।ସେମାନେ ଜାଣି ଶୁଣି ଗୁଣିଆ ଏବଂ ଦିସାରୀଙ୍କ ଉପରେ ହିଁ ଭରସା କରୁଥିବା କହୁଥିଲେ। ଏହାର ଫାଇଦା ଉଠାଉଥିଲେ କ୍ୱାକମାନେ। ରୋଗୀଙ୍କୁ ଗୁରୁତର ଅବସ୍ଥାରେ ଛାଡି ଚାଲିଯାଉଥିଲେ।ତେବେ ଡାକ୍ତରୀ ଟିମ ଏହା ଜାଣିବା ପରେ ପୁଲିସ ହାତରେ କ୍ୱାକ ଜଣକୁ ଧରାଇ ଗିରଫ କରାଇଥିଲେ। ସେହିପରି ଗୁଣିଆମାନଙ୍କୁ ମଧ୍ୟ ପୁଲିସର ଭୟ ଦେଖାଇଏଭଳି ଚିକିତ୍ସାରୁ ନିବୃତ୍ତ ରହିବାକୁ ପ୍ରଶାସନ ତରଫରୁ ଚେଷ୍ଟା କରାଯିବା କଥା ବୋଲି ସାଧାରଣରେ ଆଲୋଚନା ହେଉଛି।ମୃତ୍ୟୁର କାରଣକୁ ମଦ ବୋଲି ପ୍ରଚାର କରାଯାଉଥିବା ବେଳେ ଏଭଳି କୌଣସି ମଦ ମୃତ୍ୟୁ ନୁହେଁ ବୋଲି କୁହାଯାଉଛି।କିନ୍ତୁ ଏହାକୁ ତଦନ୍ତ ପରିସରଭୁକ୍ତ କରାଯାଉ ବୋଲି ସାଧାରଣରେ ଦାବି ହୋଇଛି।ତେବେ ପାଣି କିମ୍ବା ଅନ୍ୟ କିଛି ଖାଦ୍ୟରେ ଏଭଳି କିଛି ଗୁଣ ରହିଛି କି ଯାହା ଦ୍ୱାରା ଲୋକେ ଏଭଳି ରୋଗର ଶିକାର ହୋଇ ମୃତ୍ୟୁବରଣ କରୁଛନ୍ତି ବୋଲି ସ୍ୱାସ୍ଥ୍ୟ ବିଭାଗ ପାଣି ଏବଂ ଖାଦ୍ୟକୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରୁଛି।

# ୧୫ରୁ ପୁଣି ଆରମ୍ଭ ହେବ ତହସିଲଦାରଙ୍କ କ୍ୟାମ୍ପକୋର୍ଟ ଶୁଣାଣି

ଭୁବନେଶ୍ୱର,(ପି.ଏନ): ରାଜସ୍ୱ ସେବାକୁ ଅଧିକ ଲୋକାଭିମୁଖୀ କରିବାକୁ ଓ ବିଭାଗକୁ ଅଧିକ କ୍ରିୟାଶୀଳ କରିବାକୁ ମୁଖମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ରାଜସ୍ୱ କ୍ଷେତ୍ରାଧିକାରୀ ଯଥା ତହସିଲଦାର ଓ ଅତିରିକ୍ତ ତହସିଲଦାରମାନଙ୍କୁ କ୍ୟାମ୍ପ କୋର୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଆସନ୍ତା ୧୫ ତାରିଖରୁ କ୍ୟାମ୍ପ କୋର୍ଟ ଶୁଣାଣିର ପୁଣି ଆରମ୍ଭ କରିବାକୁ କୁହାଯାଇଛି। ଏଥିପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସବୁ ଜିଲ୍ଲାର ଜିଲ୍ଲାପାଳ ମାନଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି। ପ୍ରତ୍ୟେକ ତହସିଲଦାର ଓ ଅତିରିକ୍ତ ତହସିଲଦାରମାନେ ପ୍ରତି ସପ୍ତାହରେ ୨ ରୁ ୩ ଦିନ ବିଭିନ୍ନ ସେମାନଙ୍କ ଅଧିନସ୍ଥ ରାଜସ୍ୱ ନିରୀକ୍ଷକଙ୍କ ଅଫିସ, ପଂଚାୟତ ଓ ଗ୍ରାମରେ କ୍ୟାମ୍ପ କୋର୍ଟ କରିବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ଦ୍ୱାରା ପ୍ରତି ମାସରେ ପ୍ରତ୍ୟେକ ତହସିଲଦାର ଓ ଅତିରିକ୍ତ ତହସିଲଦାର ସେମାନଙ୍କ ଅଧିନସ୍ଥ ପ୍ରତ୍ୟେକ ଗ୍ରାମ ଗସ୍ତ କରି ବିଭିନ୍ନ ରାଜସ୍ୱ ମାମଲାର ଫଇସଲା କରିପାରିବେ ।ଏଥିପାଇଁ ସମସ୍ତ ଜିଲ୍ଲାପାଳମାନଙ୍କୁ ଚିଠି କରାଯାଇଛି ଓ ପ୍ରତ୍ୟେକ ଡିଭିଜନର ରାଜସ୍ୱ ଆୟୁକ୍ତମାନଙ୍କୁ ରାଜସ୍ୱ ବିଭାଗର ବରିଷ୍ଠ ଅଧିକାରୀଙ୍କ ସାପ୍ତାହିକ ସମୀକ୍ଷା ବୈଠକରେ ସଚେତନ କରାଯାଇଛି । ଏହା ପରେ ପ୍ରତ୍ୟେକ ଜିଲ୍ଲାର ନୋଡାଲ ଅଫିସରମାନଙ୍କୁ ତହସିଲ ଅଫିସର କ୍ୟାମ୍ପ କୋର୍ଟ ଉପରେ ସ୍ୱତନ୍ତ୍ର ଭାବରେ ସମୀକ୍ଷା ବୈଠକ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ପ୍ରତ୍ୟେକ ଜିଲ୍ଲାର ରାଜସ୍ୱ ସମୀକ୍ଷା ବୈଠକରେ ଏହି କାର୍ଯ୍ୟସୂଚୀ ଉପରେ ନିୟମିତ ସମୀକ୍ଷା ହେବ ।

# ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଛା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ। ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ। ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା। ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି। ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି। ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ। ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ। ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକତତ୍ତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ୍ୟ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ୍ୟ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।

## କରୋନା ଟୀକାକରଣ ଅଭିଯାନରେ ରାଜ୍ୟରେ ଆଜିସୁଦ୍ଧା ଦିଆଗଲାଣି ୭.୭୫ କୋଟିରୁ ଅଧିକ ଟୀକା

ଭୁବନେଶ୍ୱର , (ପି.ଏନ): କରୋନା ଟୀକାକରଣ ଅଭିଯାନରେ ଆଜି ସୁଦ୍ଧା ରାଜ୍ୟରେ ସମୁଦାୟ ୭ କୋଟି ୭୫ ଲକ୍ଷ ୯୯ ହଜାର ୭୮୯ ସଂଖ୍ୟାରେ ଟିକା ଦିଆଗଲାଣି । ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ଅନୁସାରେ ସୋମବାର ସକାଳ ସୁଦ୍ଧା ରାଜ୍ୟରେ ସମୁଦାୟ ଦିଆ ଯାଇଥିବା ଟିକାରୁ ପ୍ରଥମ ଡୋଜ ନେଇଥିବା ଲୋକଙ୍କ ସଂଖ୍ୟା ୩ କୋଟି ୫୧ ଲକ୍ଷ ୯୨ ହଜାର ୮୧୬ ଜଣ ଥିବା ବେଳେ ଦ୍ୱିତିୟ ଡୋଜ ନେଇଥିବା ଲୋକଙ୍କ ସଂଖ୍ୟା ୩ କୋଟି ୨୭ ଲକ୍ଷ ୭୫ ହଜାର ୪୩୧ ଜଣ । ଏହା ସହିତ ବୃଷ୍ଟର ଡୋଜ ନେଇଥିବା ଲୋକଙ୍କ ସଂଖ୍ୟା ୯୬ ଲକ୍ଷ ୩୧ ହଜାର ୫୪୨ ଜଣ । ଜିଲ୍ଲା ମାନଙ୍କ ମଧ୍ୟରେ ଗଂଜାମ ଜିଲ୍ଲାରେ ସମୁଦାୟ ୬୯ ଲକ୍ଷ ୨୨ ହଜାର ୭୨୫ ଜଣଙ୍କୁ ଟିକା ଦିଆଯାଇଛି ଯାହା ସବୁ ଜିଲ୍ଲା ମାନଙ୍କଠାରୁ ଆଗରେ ଅଛି ବୋଲି ସୂଚନା ଦିଆଯାଇଛି ।

ମୋଟର ଭେଇକିଲ ନିୟମ ଉଲଙ୍ଘନ ଅପରାଧରେ କନ୍ଧମାଳ ପୋଲିସ ୨୦ ଜଣଙ୍କ ଠାରୁ ଜୋରିମାନା ଆଦାୟ

ଭୁବନେଶ୍ୱର , ୧୨ ସେପ୍ଟେମ୍ବର ( ହି. ସ.)- ଗତ ୨୪ ଘଂଟା ମଧ୍ୟରେ ଜିଲ୍ଲା ପୋଲିସ କନ୍ଧମାଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ଗାଡି ଚେକିଂ ବେଳେ ମୋଟର ଭେଇକିଲ ନିୟମକୁ ଅମାନ୍ୟ କରିବା ଅପରାଧରେ ସମୁଦାୟ ୩୪୬ ଟି ଗାଡି ଚେକିଂ କରି ୬ ଜଣଙ୍କ ଡିଏଲ କ୍ୟାନସେଲ୍ କରାଯିବା ସହିତ ୨୦ ଜଣଙ୍କ ଠାରୁ ୧୨ ହଜାର ୫୦୦ ଟଙ୍କା ଜୋରିମାନା ଆଦାୟ କରିଛି ।

# ବଲାଙ୍ଗିର ସିନିୟର ନକ ଆଉଟ ଫୁଟବଲ ଟୁର୍ଣ୍ଣାମେଂଟ ନବମ ଦିବସ

ବଲାଙ୍ଗିର,(ପି.ଏନ): ବଲାଙ୍ଗିର ଜିଲ୍ଲା କ୍ରୀଡା ସଂସଦ ଆନୁକୁଲ୍ୟରେ ଆଜି ପଲ୍ଲିଶ୍ରୀ ଷ୍ଟଡିୟମ ସଦାଇପାଲି ଠାରେ ସାଇଟ ସ୍ପୋର୍ଟ୍ସ ସୋସାଇଟି ସଦାଇପାଲି ୫-୧ ଗୋଲରେ ଚନ୍ଦନଭାଟିକୁ କୁ ହରାଇ ଗ୍ରୁପ ଚମ୍ପିୟାନ ହୋଇଛି । ଅତିଥି ଭାବେ ଜିଲ୍ଲା କ୍ରୀଡା ଅଧିକାରୀ ପରାଶର ବାଗ ଓ ପୂର୍ବତନ ଖେଳାଳି ଶ୍ରୀକାନ୍ତ ରାଉତ ଯୋଗ ଦେଇଥିଲେ । ରେଫରି ସଂଜିବ ମହାରଣା, ସୁଦର୍ଶନ ସେଠ, ସୁଧାଂଶୁ ସେଠ ଓ ସୁନିଲ ଚନ୍ଦ୍ର ବିଶ୍ୱାଲ ଖେଳ ପରିଚାଳନା କରିଥିଲେ। ଖୁଜେନପାଲି ପଡିଆରେ ଏନ୍ଏସ୍ ସ୍ପୋଟିଂ ବଲାଙ୍ଗିର ୧-୦ ଗୋଲରେ ଖଲିଆପାଲି ଜେଏସ୍ କୁ ହରାଇ ଗ୍ରୁପ ଚମ୍ପିୟାନ ହୋଇଛି । ଅତିଥି ଭାବେ ବରକାନି ସରପଂଚ ବଳଦେବ ସାହୁ, କ୍ରୀଡା ସଂସଦର ଟୁର୍ଣ୍ଣାମେଣ୍ଟ ଅଧକ୍ଷ ପ୍ରଭାତ କୁମାର ମିଶ୍ର ଓ ବରିଷ୍ଠ ସଦସ୍ୟ ଶରତ କୁମାର ନନ୍ଦ ଯୋଗ ଦେଇଥିଲେ । ରେଫରି ଭାବରେ ସୁଦୟ ବାରିକ, ଶ୍ରବଣ ବାଗ, ନରସିଂସ୍ୱାମୀ ନାଇଡୁ ଓ ଜିତୁ ଦଲାଇ ଦାୟିତ୍ୱ ତୁଲାଇଥିଲେ । ଜରାସିଂହା ପଡିଆରେ ହାତିସରା ଟ୍ରାଇବ୍ରେକର ୪-୧ ଗୋଲରେ ବର୍ଲା କୁ ହରାଇ ବିଜୟୀ ହୋଇଛି । ମୁଖ୍ୟ ଅତିଥି ଭାବରେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ଓ ସମ୍ମାନିତ ଅତିଥି ଭାବେ ହାତିସରା ସମିତି ସଭ୍ୟ ବିଶ୍ୱଜିତ ପାତ୍ର ଯୋଗ ଦେଇଥିଲେ । ରେଫରି ଭାବରେ ସଞ୍ଜନ କୁଦେଇ, କୈଳାସ କର୍ତ୍ତି, ଲକ୍ଷ୍ମୀଧର ମହାନ୍ତି ଓ ଶ୍ରୀବସ୍ତ ମେହେର ଖେଳ ପରିଚାଳନା କରିଥିଲେ । ତୁର୍ଲା (ଟିଟିଲାଗଡ) ପଡିଆରେ ଜିଏସ୍ ?ପି ଟିଟିଲାଗଡ ୪-୧ ଗୋଲରେ ଖୋଲାନ କୁ ହରାଇ ବିଜୟୀ ହୋଇଛି । ଅତିଥି ଭାବରେ ପୂର୍ବତନ ଖେଳାଳି ସୁନିଲ ଭୋଇ ଓ ସଦାନନ୍ଦ ନାଏକ ଯୋଗ ଦେଇଥିଲେ । ରେଫରି ଭାବରେ ଲବ ସୁନାନି, ଯଶୋବନ୍ତ ମାଝି, ରାଜେଶ ସ୍ୱାଇଁ ଓ ମୋହନ ପ୍ରଧାନୀ ଦାୟିତ୍ୱ ତୁଲାଇଥିଲେ । ପାଟଣାଗଡ ପଡିଆରେ ଖୁଣ୍ଟସମଲେଇ ଟ୍ରାଇବ୍ରେକର ୩-୨ ଗୋଲରେ ଭରୁଆମୁଣ୍ଡା କୁ ହରାଇ ବିଜୟୀ ହୋଇଛି । ଅତିଥି ଭାବେ ଦିଗାମ୍ବର ଜିମ୍ନାସିୟମର ଦିଗାମ୍ବର ମହାଲିଙ୍ଗ ଯୋଗ ଦେଇଥିଲେ । ଖେଳକୁ ଖୁସିରାମ ମଲ୍ଲିକ, ତ୍ରିନାଥ ଚନ୍ଦନ, ଚୈତନ୍ୟ ସାହୁ ଓ ବିକି ବିଶି ପରିଚାଳନା କରିଥିଲେ । ମିଶନ ପଡିଆରେ କାଲସାଏ ପାଲି ୫-୦ ଗୋଲରେ ଜନକପୁରକୁ ହରାଇ ବିଜୟୀ ହୋଇଛି । ଅତିଥି ଭାବେ କ୍ରୀଡା ସଂସଦ ଯୁଗ୍ମ ସଂପାଦକ ଶତ୍ରୁଘନ ସିଂ ଓ କ୍ରୀଡା ସଂଗଠକ ସୁବୋଧ କୁମାର ବାଗ ଯୋଗ ଦେଇଥିଲେ । ରେଫରି ଭାବେ ଦେବାଶିଷ ବାଗ, ଅବଦୁଲ ମୁଜିବ, ଶୁଶାନ୍ତ କୁମାର ନାଗ ଓ ବୈକୁଣ୍ଠ ଜେନା ଖେଳ ପରିଚାଳନା କରିଥିଲେ । ଲୋଇସିଂହା ଷ୍ଟାଡିୟମ ଠାରେ ଅନୁଷ୍ଠିତ ଖେଳରେ କୁଶଙ୍ଗ ୧-୦ ଗୋଲରେ ଖଲିଆପାଲି ଏଚ୍ ?ଆରଡିଏ କୁ ହରାଇ ଗ୍ରୁପ ଚମ୍ପିୟାନ ହୋଇଛି । ଅତିଥି ଭାବେ ଜିଲ୍ଲା କଂଗ୍ରେସ କମିଟି ସଭାପତି ଦିଲିପ କୁମାର ବେହେରା ଯୋଗ ଦେଇଥିଲେ । ଖେଳକୁ ଅଞ୍ଜନ ବେସ୍ରା, ବିଜୟ ରଣା, କରୁଣା ପ୍ରଧାନ ଓ ଜିତେନ୍ଦ୍ର ପାତ୍ର ପରିଚାଳନା କରିଥିଲେ ।

# ମୁଖ୍ୟମନ୍ତ୍ରୀ ଙ୍କୁ କୃତଜ୍ଞତା ଜଣାଇଲେ ୪ ଜିଲ୍ଲାର ମିଶନ ଶକ୍ତି ମା

ଭୁବନେଶ୍ୱର, (ପି.ଏନ): ସୋମବାର ସଂଧ୍ୟାରେ ନବୀନ ନିବାସଠାରେ ଢେଙ୍କାନାଳ, ମୟୁରଭଞ୍ଜ, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାର ମିଶନ ଶକ୍ତି ଗୋଷ୍ଠୀର ମା ମାନେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଥିଲେ। ଏହି ଅବସରରେ ଗତ ଅଗଷ୍ଟ ୧୫ ତାରିଖ ୭୫ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ମା ମାନେ ଜାତୀୟ ପତାକା ତିଆରି ଦାୟିତ୍ୱ ପରି ଗୁରୁ ଦାୟିତ୍ୱ କୁ ସୁନ୍ଦର ଭାବରେ ନିର୍ବାହ କରି ଥିବାରୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ମିଶନ ଶକ୍ତି ମା ମାନଙ୍କ କାର୍ଯ୍ୟର ଉଚ୍ଚପ୍ରଶଂସା କରିବା ସହ ଭଲକାମ ଜାରି ରଖିବାକୁ ପରାମର୍ଶ ଦେଇଥିଲେ ।ସେମାନଙ୍କ ଉପରେ ମୁଖ୍ୟମନ୍ତ୍ରୀଙ୍କ ଆସ୍ଥା ସେମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ ଜୀବନ ରେ ବହୁତ ବଡ ପରିବର୍ତନ ଆଣିଛି ବୋଲି କହିଥିଲେ. ମିଶନ ଶକ୍ତି କାର୍ଯ୍ୟକ୍ରମ ଜରିଆରେ ସେମାନେ କିପରି ସଫଳ ହୋଇପାରିଛନ୍ତି ତାହା ବର୍ଣନା କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇ ଥିଲେ। ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ସ୍ୱାଧୀନତାର ୭୫ତମ ପୂର୍ତିଅବସରରେ ରାଜ୍ୟ ସରକାର ମିଶନ ଶକ୍ତି ମା ମାନଙ୍କୁ ୩୦ ଲକ୍ଷ ଜାତୀୟ ପତାକା ପ୍ରସ୍ତୁତି ଓ ବଂଟନ ଦାୟିତ୍ୱ ଦେଇଥିଲେ।


2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada






# ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପୌରାଧ୍ୟକ୍ଷ ବସନ୍ତଙ୍କୁ ଜନ୍ମଦିନର ଶୁଭେଚ୍ଛା



ପାରାଦୀପ,(ପି.ଏନ): ପାରାଦୀପ ପୌରପାଳିକା ଅଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ଜନ୍ମଦିନରେ ମଙ୍ଗଳବାର ଦିନ ବିଭିନ୍ନ ସଂଗଠନ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଏହି ପରିପ୍ରେକ୍ଷୀରେ ପାରାଦୀପର କାର୍ଯ୍ୟରତ ସାମ୍ବାଦିକ ଶଶାଙ୍କ ଶେଖର ଆଚାର୍ଯ୍ୟ, ବିବେକାନନ୍ଦ ରାଉତ, ରବିନ୍ଦ୍ର କୁମାର ଜେନା, ଦୀପକ କୁମାର ଦାସ, ଜଗନ୍ନାଥ ଶତପଥି, ଶୁଧାଂସୁ ନାୟକ ପ୍ରମୁଖ ପ୍ରତ୍ୟୁଷରେ ଶ୍ରୀ ବିଶ୍ୱାଳଙ୍କୁ ଫୁଲତୋଡା ଓ ଉତରୀୟ ପ୍ରଦାନ କରି ଶୁଭେଚ୍ଛା ଜଣାଇବା ସହ ତାଙ୍କର ଦୀର୍ଘ ଜୀବନ କାମନା କରିଥିଲେ । ସେହିପରି ବିଭିନ୍ନ ସଂଗଠନ, ଅନୁଷ୍ଠାନ, ବ୍ୟକ୍ତି ବିଶେଷ ଓ ବୁଦ୍ଧିଜୀବୀ ମାନେ ଶ୍ରୀ ବିଶ୍ୱାଳଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ । ସୂଚନା ଥାଉକି, ପୌରାଧ୍ୟକ୍ଷ ଶ୍ରୀ ବିଶ୍ୱାଳଙ୍କ ନେତୃତ୍ୱରେ ପୌରାଂଚଳର ବହୁବିଧ ଉନ୍ନତି ହୋଇ ପାରିଛି । ତାଙ୍କର ନିଷ୍ଠାପର ଉଦ୍ୟମ ଓ ପାରିଷଦ ମାନଙ୍କ ସହଯୋଗରେ ପାରାଦୀପ ପୌରପାଳିକାର ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ରାଜ୍ୟ ତଥା ଦେଶରେ ଉଚ୍ଚ ପ୍ରଶଂସିତ ହେବା ସଙ୍ଗେ ସଙ୍ଗେ ସମ୍ମାନୀତ ହୋଇ ପାରିଛନ୍ତି ।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ସୁବର୍ଣ୍ଣପୁର,(ପି.ଏନ): ସୁବର୍ଣ୍ଣପୁର ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଆଜି ବୀରମହାରାଜପୁର ବ୍ଲକ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ସୁବର୍ଣ୍ଣପୁର ଜିଲ୍ଲାପାଳ ଶ୍ରୀମତୀ ଅବୋଲୀ ସୁନିଲ ନରୱଣେ ଓ ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ୪୩ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୩୫ ଗୋଟି, ସାମୁହିକ ଦରଖାସ୍ତ ୮ଗୋଟି ରହିଥିବା ବେଳେ ତନ୍ମଧ୍ୟରେ ଗୋଟିଏ ଦରଖାସ୍ତ ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ ସାହାଯ୍ୟ ନିମନ୍ତେ ଗ୍ରହଣ କରାଯାଇଛି । ଗ୍ରହଣ କରାଯାଇଥିବା ଦରଖାସ୍ତ ମଧ୍ୟରୁ ଶିବିରରେ ବିଭିନ୍ନ ମାମଲାର ୨୨ ଗୋଟି ଅଭିଯୋଗ ଦରଖାସ୍ତର ତୁରନ୍ତ ସମାଧାନ କରାଯାଇଥିବା ବେଳେ ଅନ୍ୟାନ୍ୟ ୧୩ ଟି ଆପତି ଅଭିଯୋଗ ଦରଖାସ୍ତକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପ୍ରେରଣ କରାଯାଇଛି ।

# ଜୟପୁର ବ୍ଲକ କାର୍ଯ୍ୟାଳୟ ଘେରିଲା କଂଗ୍ରେସ

ଜୟପୁର, (ପି.ଏନ): ଜୟପୁର ବ୍ଲକରେ ଦୁର୍ନୀତି ହେଉଥିବା ଅଭିଯୋଗରେ ବ୍ଲକ କଂଗ୍ରେସ କମିଟି ତରଫରୁ ହାଲ୍ଲାବୋଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜୟପୁର ବ୍ଲକ କଂଗ୍ରେସ ସଭାପତି ବସନ୍ତ କୁମାର ନାୟକଙ୍କ ଆହ୍ୱାନରେ ଜିଲା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନିପତିଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ । ଏନେଇ ଆଜି ଜିଲା କଂଗ୍ରେସ ଭବନ ଠାରୁ ବିଶାଳ ଶୋଭାଯାତ୍ରା ବାହାରି ବ୍ଲକ କାର୍ଯ୍ୟାଳୟ ନିକଟରେ ପହଂଚି ଥିଲା । ସେଠାରେ ଧାରଣା ଦିଆଯାଇଥିବା ବେଳେ ବିଡିଓଙ୍କ ଅନୁପସ୍ଥିତିରେ ଜୟପୁର ତହସିଲଦାର ପ୍ରଧାନ ଟୁଲ୍ଲି ଆମ୍ମା ଙ୍କୁ ନିର୍ଦ୍ଦେଶକ ଦୁର୍ନୀତି ନିବାରଣ ବିଭାଗକୁ ୭ ଦଫା ଦାବି ପତ୍ର ପ୍ରଦାନ କରାଯାଇଛି । ବିଧାୟକ ବାହିନିପତି ଯୋଗ ଦେଇ ବ୍ଲକରେ ୩୫ ପ୍ରତିଶତ ପିସି କାରବାର ଚାଲିଥିବା ବେଳେ କାମ ନକରି ଫଲସ ବିଲ କରିବା ଆଦିକୁ ବିରୋଧ କରିଛନ୍ତି । ପିସି କାରବାର ବନ୍ଦ ନହେଲେ ଆଗାମି ଦିନରେ ପ୍ରତ୍ୟେକ ପଞ୍ଚାୟତ ରେ ତାଲା ପଡିବା ସହ ଭିଜିଲାନ୍ସ ଅଫିସ ମଧ୍ୟ ଘେରାଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି । ଏଥିପାଇଁ ସରକାରଙ୍କୁ ଟାର୍ଗେଟ କରିଥିବା ବେଳେ ବିକାଶ ମୁଳକ କାଯ୍ୟରେ ବ୍ଲକ ସ୍ତରରେ ୩୫ ପ୍ରତିଶତ ପିସି କାରବାର ଚାଲୁଥିବା ବେଳେ ତାହା ୫୦ ପ୍ରତିଶତ କୁ ବୃଦ୍ଧି କରିବାକୁ ଯୋଜନା କରାଯାଉଛି । ପ୍ରତ୍ୟେକ ବିକାଶ ମୁଳକ କାର୍ଯ୍ୟ ନିମ୍ନ ମାନର ହେଉଥିବା ବେଳେ ଦୁର୍ନିତି ଚରମ ସିମାରେ ପହଞ୍ଚି ଲାଣି । ଏହାର ଭିଜିଲାନ୍ସ ତଦନ୍ତ କରିବାକୁ ଦାବୀ କରିଛନ୍ତି । ଏହି ବିକ୍ଷୋଭ ଧାରଣାରେ ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଯୁବ କଂଗ୍ରେସ ସଭାପତି ସୁକାନ୍ତ ପଟ୍ଟନାୟକ, ମହିଳା କଂଗ୍ରେସ ସଭାପତି ନଳିନି ରଥ, ବରିଷ୍ଠ କଂଗ୍ରେସ ନେତା ବିନୋଦ ମହାପାତ୍ର, ନିହାର ବିଷୋୟୀ ସମେତ ଜୟପୁର ବ୍ଲକର ହାଜର ହଜାର କଂଗ୍ରେସ କର୍ମୀ ଦଳିୟ ପତକା ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପ୍ରଦାନ କରାଯାଇଥିବା ଦାବି ପତ୍ର ରେ ଉଲ୍ଲେଖ କରାଯାଇଛି ଯେ ଏମଏନଆରଜିଏ ଯୋଜନାରେ ବାଟମାରଣା ସହ ଶ୍ରମିକ ବଦଳରେ ଯନ୍ତ୍ର ଦ୍ୱାରା କାର୍ଯ୍ୟକରାଯାଉଥିବା, ଗରିବ ଲୋକଙ୍କ ବଦଳ ରେ ଧନି ଲୋକଙ୍କୁ ଆବାସ ଯୋଜନାରେ ସାମିଲ କରିବା, ପାନିୟ ଜଳ ଓ ପରିମଳ ଯୋଗାଣ ରେ ବସୁଧା ଯୋଜନା ଏଠାରେ ଫେଲ ମାରିଛି । ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତା ଅଭାଗ ଯୋଗୁଁ ଷ୍ଟାଣ୍ଡ ପୋଷ୍ଟ ଓ ଛୋଟ ଟାଙ୍କି ଗୁଡିକ ନଷ୍ଟ ହୋଇଗଲାଣି । ପାଇଖାନାଗୁଡିକର ନିମ୍ନ ମାନର କାମ ହେଇଥିବାରୁ ନଷ୍ଟ ହୋଇ ଗଲାଣି । ବିଦ୍ୟୁତ ଯୋଗାଣ ବ୍ୟବସ୍ଥାରେ ଅନିୟମିତତା ,ଯୋଗ୍ୟ ହିତାଧିକାରି ଙ୍କୁ ଭତା ଯୋଜନାରେ ସାମିଲ ନକିରବା ପିଡିଏସ ଚାଉଳ ବଣ୍ଟନରେ ଅନିୟମିତତା, ୫ଟି ଯୋଜନାରେ ଅନିୟମିତତା କରିବା ଆଦି ଦାବି ରେ କଂଗ୍ରେସ ତରଫରୁ ବିକ୍ଷୋଭ ଧାରଣା ଦିଆଯାଇଛି ।

# ରେଗିଂ ଯୋଗୁଁ ଛାତ୍ର ବିଷ ପିଇବା ଘଟଣା : ଚିକିସ୍ଧାଧିନ ଅବସ୍ଥାରେ ପ୍ରାଣ ହରାଇଲେ

ଭଦ୍ରକ/କଟକ, (ପି.ଏନ): ରେଗିଂ ଯୋଗୁଁ ବିଷପାନ କରି ଗୁରୁତର ହୋଇଥିବା ଆଇଟିଆଇ ଛାତ୍ର ଆଶୁତୋଷ ମଲ୍ଲିକଙ୍କ ଗତକାଲି ରାତିରେ ଚିକିସ୍ଧାଧିନ ଅବସ୍ଥାରେ ଏସସିବି ମେଡିକାଲରେ ମୃତ୍ୟୁ ଘଟିଛି । ଆଜି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି ପୋଲିସ । ସୂଚନା ଅନୁଯାୟୀ, ଭଦ୍ରକ ଜିଲ୍ଲା ତିହିଡ଼ି ବଜାରରେ ଥିବା ଏକ ଘରୋଇ ଆଇଟିଆଇ କଲେଜରେ ପ୍ରଥମ ବର୍ଷ ଇଲେକ୍ଟ୍ରି ବିଭାଗର ଛାତ୍ର ଥିଲେ ଆଶୁତୋଷ ମଲ୍ଲିକ । ଶୁକ୍ରବାର ଦିନ ଛାତ୍ର ଜଣକ ରାଗିଂ ଯୋଗୁଁ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିବା ତାଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା । ତାଙ୍କୁ ପ୍ରଥମେ ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିସ୍ଧାଳୟକୁ ଅଣାଯିବା ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ଏସସିବି ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ହେଲେ ଗତକାଲି ରାତିରେ ତାଙ୍କର ଚିକିସ୍ଧାଧିନ ଅବସ୍ଥାରେ ମୃତ୍ୟୁ ଘଟିଛି । ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଅନ୍ୟପକ୍ଷରେ ଛାତ୍ରଙ୍କ ଆତ୍ମହତ୍ୟା ଉଦ୍ୟମ ପରେ ମିଳିଥିବା ଚିଠି, ପରିବାର ଲୋକଙ୍କ ବୟାନ ଓ କଲେଜ କର୍ତୃପକ୍ଷଙ୍କ ସ୍ୱଷ୍ଟିକରଣ ପରେ ଛାତ୍ରଟି କେତେକ ବାହାର ଯୁବକଙ୍କ ଦ୍ୱାରା ରେଗିଂର ଶିକାର ହୋଇଥିବା ବିଷୟ ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି ।

# ହବିଷ୍ୟାଳୀଙ୍କ ସୁବିଧା ପାଇଁ ସମସ୍ତ ବ୍ୟବସ୍ଥା କରିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ପୁରୀ,(ପି.ଏନ):କାର୍ତ୍ତିକ ମାସରେ ଶ୍ରୀଜିଉ ଙ୍କ ପାଖରେ ହବିଷ ବ୍ରତ କରିବାକୁ ହବିଷ୍ୟାଳୀ ମାନେ ପୁରୀ ଆସିଥାନ୍ତି । ରାଜ୍ୟ ସରକାର ଓ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ସେହି ହବିଷ୍ୟାଳୀ ମାନଙ୍କ ରହିବା,ଶ୍ରୀଜିଉଙ୍କ ଦର୍ଶନ, ପୂଜା ବ୍ୟବସ୍ଥା,ଖାଇବା ଇତ୍ୟାଦିର ସୁବନ୍ଦୋବସ୍ତ ବିଗତ ବର୍ଷ ମାନଙ୍କ ରେ କରାଯାଇଥିଲା ।ତେବେ କରୋନା ପାଇଁ ଗତ ଦୁଇ ବର୍ଷ ଏହି ବ୍ୟବସ୍ଥା ବନ୍ଦ ରହିଥିବା ବେଳେ ଚଳିତ ବର୍ଷ ହବିଷ୍ୟାଳୀ ମା ମାନଙ୍କ ପାଇଁ ପୁନଶ୍ଚ ଏହାର ବ୍ୟବସ୍ଥା କରାଯାଇଛି । ହବିଷ୍ୟାଳୀ ମାନଙ୍କ ସୁବିଧା ଓ ସୁରକ୍ଷା ପାଇଁ ବିବିଧ ବ୍ୟବସ୍ଥା ସମ୍ପର୍କରେ ଏକ ବୈଠକ ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ସୋମବାର ଅପରାହ୍ଣ ରେ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା । ପ୍ରତ୍ୟେକ ବିଭାଗ ପରସ୍ପର ସମନ୍ୱୟ ରଖି ସୁଚାରୁ ରୂପେ ଓ ଶୃଙ୍ଖଳିତ ଭାବେ ଏହାକୁ ସମ୍ପାଦାନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ।ବିସ୍ତୃତ ଆଲୋଚନା ପରେ ନିଷ୍ପତ୍ତି ନିଆଗଲା ଯେ ହବିଷ୍ୟାଳୀ ମାନଙ୍କୁ ବୃନ୍ଦାବତୀ ନିବାସ,ବଗଲା ଧର୍ମଶାଳା, ଅକ୍ଷୟ ପାତ୍ର ଓ ମୋଚି ସାହି ସ୍ଥିତ ମୁନିସିପାଲିଟି କଲ୍ୟାଣ ମଣ୍ଡପ ଠାରେ ରଖାଯିବ । ସେମାନଙ୍କର ପଞ୍ଜିକରଣ ପାଇଁ ବିଭିନ୍ନ ଖବରକାଗଜରେ ବିଜ୍ଞାପନ ଦିଆଯାଇଥିବାରୁ ତାହାର ଡାଟାବେଶକୁ ତ୍ୱରାନ୍ୱିତ କରାଯିବ । ଆବେଦନ ଗୁଡିକୁ ଯାଚଂ ପରେ ଯୋଗ୍ୟ ହବିଷ୍ୟାଳୀ ଙ୍କ ପାଇଁ ସମସ୍ତ ସୁବିଧା କରାଯିବ । ଚଳିତ ବର୍ଷ ଅକ୍ଟୋବର ୧୦ ତାରିଖ ଠାରୁ ନଭେମ୍ବର ୮ ପର୍ଯ୍ୟନ୍ତ ହବିଷ୍ୟାଳୀ ମାନଙ୍କର ରହିବା ବ୍ୟବସ୍ଥା କରାଯାଇଛି । ସେମାନଙ୍କ ମହାପ୍ରସାଦ ସେବନ,ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପାନୀୟ ଜଳ ,ବିଦ୍ୟୁତ ଯୋଗାଣ,ଅଗ୍ନି ନିର୍ବାପକ ବ୍ୟବସ୍ଥା, ପରିବହନ ବ୍ୟବସ୍ଥା, ପ୍ରବଚନ ଓ ଭାଗବତ କଥାମୃତ ଇତ୍ୟାଦି ର ମଧ୍ୟ ସୁବନ୍ଦୋବସ୍ତ କରାଯିବ ।ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ଦିଲ୍ଲୀପ କୁମାର ମହାପାତ୍ର, ମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା,ଉପଜିଲ୍ଲାପାଳ ଭବତାରଣ ସାହୁ, ଅତିରିକ୍ତ ଏସ ପି ମିହିର ପ୍ରସାଦ ପଣ୍ଡା, ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ନିତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ,ମନ୍ଦିର କମିଟି ସଦସ୍ୟ ବୃନ୍ଦ,ପର୍ଯ୍ୟଟନ ଅଧିକାରୀ ସରୋଜ କୁମାର ପ୍ରଧାନ,ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ ।ସୂଚନାଯୋଗ୍ୟ ଯେ ଚଳିତ ମାସ ୧୩ ତାରିଖ ଠାରୁ ୨୯ ତାରିଖ ପର୍ଯ୍ୟନ୍ତ ଆବେଦନକାରୀ www.puri.nic.in ସାଇଟରୁ ଫର୍ମ ପୂରଣ କରି ପୁରୀ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଙ୍କୁ oritourpuri@gmail.com ରେ ଅନଲାଇନ ବା ଅଫଲାଇନ, ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ରେ ଦାଖଲ କରିପାରିବେ ।ଦରଖାସ୍ତକାରୀ ଙ୍କ ନାମ, ବୟସ, ସ୍ଥାୟୀ ଓ ବର୍ତ୍ତମାନ ର ଠିକଣା, ଯୋଗାଯୋଗ ନମ୍ବର ବା ମେଲ ଆଇଡି, ଜରୁରୀ ଆବଶ୍ୟକତା ପାଇଁ ସମ୍ପର୍କୀୟ ଙ୍କ ଯୋଗାଯୋଗ ନମ୍ବର, ଆଧାର ବା ଭୋଟର ପରିଚୟ ପତ୍ର ନମ୍ବର, ଆବେଦନ ପତ୍ର ରେ ଗୋଟିଏ ଓ ଅନ୍ୟ ଦୁଇଟି ପାସପୋର୍ଟ ସାଇଜ ଫଟୋ ସହ ଆବେଦନ କରିପାରିବେ । ଆବେଦନ କାରୀ ଡବଲ ଡୋଜ କୋଭିଡ ଟୀକା ନେଇଥିବା ଜରୁରୀ ଅଟେ ।

# ଓଡ଼ିଶାରେ ଭାରତ ଯୋଡ଼ୋ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ



ଭୁବନେଶ୍ୱର ,(ପି.ଏନ): ସମ୍ପ୍ରତି ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ଶ୍ରୀ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଭାରତ ଯୋଡ଼ୋ ଯାତ୍ରା ଚାଲିଛି । ଘୃଣା ଓ ବିଦ୍ୱେଷର ରାଜନୀତିକୁ ପରାହତ କରି ସଦଭାବନା ଓ ସଂପ୍ରତିର ରାଜନୀତିକୁ ପ୍ରତିଷ୍ଠିତ କରିବା ସହିତ ଦେଶରେ ଦେଖା ଦେଇଥିବା ଆକଶ ଛୁଆଁ ଦରଦାମ ଓ ବେକାରୀ ବୃଦ୍ଧିକୁ ମୁଦ୍ଦା କରି ଏହି ଯାତ୍ରା ଚାଲିଛି । ପ୍ରତିଦିନ ହଜାର ହଜାର ଲୋକ ଏଥିରେ ସାମିଲ ହେଉଛନ୍ତି । ଏହି ଯାତ୍ରାର ସଫଳତା ଦେଖି ବିଜେପି ଅତ୍ୟ‘ ଅସହିଷ୍ଣୁ ହୋଇ ଉଠିଛି । ପ୍ରତିଦିନ ମିଥ୍ୟା ଓ ଅବା‘ର କଥା କହି ରାହୁଲ ଗାନ୍ଧୀଙ୍କୁ ଆକ୍ଷେପ କରୁଛି । ମାତ୍ର ଦେଶବାସୀ ତାକୁ ପ୍ରତ୍ୟାଖାନ କରୁଛନ୍ତି ଓ ଅଧିକ ରୁ ଅଧିକ ସଂଖ୍ୟାରେ ଏହି ଯାତ୍ରାକୁ ସମର୍ଥନ ଜଣାଇଛନ୍ତି । ଏହି ଅବସରରେ ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଦଳର ସମସ୍ତ ଛାମୁଆ ସଂଗଠନ, ବିଭାଗ ଓ ପ୍ରକୋଷ୍ଠର ନେତୃବୃନ୍ଦଙ୍କ ବୈଠକରେ ରାହୁଲ ଗାନ୍ଧୀଙ୍କ ଏହି ପଦଯାତ୍ରାକୁ ସମର୍ଥନ ଜଣାଇବା ସହିତ ଓଡ଼ିଶାରେ ଏହି ଯାତ୍ରା ଆୟୋଜନ କରିବାପାଇଁ ଆଲୋଚନା ହୋଇଛି । ଭାରତ ଯୋଡ଼ୋର ପ୍ରସଙ୍ଗ ସହିତ ରାଜ୍ୟର ବିଭିନ୍ନ ପ୍ରସଙ୍ଗ ନେଇ ଏହି ଯାତ୍ରା ଅନୁଷ୍ଠିତ ହେବ । ଆସ‘। ସେପ୍ଟେମ୍ବର ୧୮ ତାରିଖରେ ଭାରତ ଯୋଡ଼ୋ ଯାତ୍ରାର ଆବାହକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ଦିଗବିଜୟ ସିଂ, ଏଆଇସିସିର ମୁଖପାତ୍ର ସାଂସଦ ଶ୍ରୀ ଜୟରାମ ରମେଶ, ଓଡ଼ିଶା ପ୍ରଭାରୀ ଡ ଏ ଚେଲ୍ଲା କୁମାର, ସହ ପ୍ରଭାରୀ ଶ୍ରୀ ରୁଦ୍ର ରାଜୁଙ୍କ ଉପସ୍ଥିତିରେ ଏହାର ଚୁଡ଼ା‘ ରୂପରେଖ ପ୍ରସ୍ତୁତ ହେବ । ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ସମେତ ପିସିସି ଉପସଭାପତି ଶ୍ରୀ ଶିବାନନ୍ଦ ରାୟ, ଭାରତ ଯୋଡ଼ୋ ଯାତ୍ରାର ଓଡ଼ିଶା ସଂଯୋଜକ ଶ୍ରୀ ରବି ସେଠୀ, ଯୁଗ୍ମ ସଂଯୋଜକ ଶ୍ରୀ ନକୁଳ ନାୟକ, ସେବାଦଳ ଅଧ୍ୟକ୍ଷ ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ଟ୍ରେନିଂ ସେଲର ମୁଖ୍ୟ ଶୁଭେନ୍ଦୁ ମହାଁ, କିଶାନ କଂଗ୍ରେସର ସଭାପତି ଶ୍ରୀ ଅମିୟ ପଟ୍ଟନାୟକ, ରାଜୀବ ଗାନ୍ଧୀ ପଂଚାୟତ ରାଜ ସଂଗଠନର ରାଜ୍ୟ ଅଧ୍ୟକ୍ଷ ଶ୍ରୀ ସୁଦର୍ଶନ ଦାସ, ଯୁବ କଂଗ୍ରେସ ସଭାପତି ଡ. ସ୍ମୃତି ରନ ଲେଙ୍କା, ମହିଳା କଂଗ୍ରେସର ସଭାନେତ୍ରୀ ବନ୍ଦିତା ପରିଡ଼ା, ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନୱାଜ, ପିସିସି ଗଣମାଧ୍ୟମ ସଂଯୋଜକ ଶ୍ରୀ ଦୀପକ କୁମାର ମହାପାତ୍ର, ଅଣସଂଗଠିତ ଶ୍ରମିକ କଂଗ୍ରେସ ଅଧ୍ୟକ୍ଷ ବିଦ୍ୟାଧର ମହାଁ, ମାନବାଧିକାର ବିଭାଗ ଅଧ୍ୟକ୍ଷ ନିଶିକା‘ ମିଶ୍ର, ସୋସିଆଲ ମିଡିଆର ଅଧ୍ୟକ୍ଷ ଶ୍ରୀ ଅଭିଷେକ ମହାନନ୍ଦ, ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ଶ୍ରୀ ବାଙ୍କନିଧି ବେହେରା, ଓବିସି ବିଭାଗର ଉପସଭାପତି ଶ୍ରୀ ବେଣୁଧର ପାତ୍ର, ମତ୍ସ୍ୟ ବିଭାଗ ଅଧ୍ୟକ୍ଷ ହଳଧର ସେଠୀ, ସଂଖ୍ୟାଲଘୁ ବିଭାଗ ଅଧ୍ୟକ୍ଷ ଜିଆଉଲ ହକ, ଭିନ୍ନକ୍ଷମ ବିଭାଗ ଅଧ୍ୟକ୍ଷ ଜିତେନ୍ଦ୍ର ବିଶ୍ୱାଳ, ବିସ୍ମୟ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V



TUITION CLASSES
for Std I to Std V
Timing: 5 PM to 6.30 PM

FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

MAHARISHI PUBLIC SCHOOL

N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray